ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ...


ବାଲେଶ୍ୱର ❑ ଶୁକ୍ରବାର ୦୬ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 06 February 2026

Vol.No. 36 ■ No.35 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


# ମେଘାଳୟରେ ଭୟଙ୍କର ଖଣି ବିସ୍ଫୋରଣ: ୧୬ ଶ୍ରମିକଙ୍କ ମୃତ୍ୟୁ, ଅନେକ ଫସି ରହିଥିବା ଆଶଙ୍କା



ନୂଆଦିଲ୍ଲୀ,୫/୨ : ମେଘାଳୟର ପୂର୍ବ ଜୈଣ୍ଟିଆ ପାହାଡ଼ ଜିଲ୍ଲାର ଗୋଟିଏ ଗାଁରେ ଥିବା ବେଆଇନ ଖଣି ଖାଦାନରେ ଭୟଙ୍କର ବିସ୍ଫୋରଣ। ଏଥିଯୋଗୁ ଖଣି ଖାଦାନରେ ଫସି ଯାଇଥିଲେ ଏକାଧିକ ଶ୍ରମିକ। ବର୍ତ୍ତମାନ ସୁଦ୍ଧା ବିସ୍ଫୋରଣ ଯୋଗୁ ୧୬ ଜଣ ପ୍ରାଣ ହରାଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ସେହିପରି ଅନେକ ଶ୍ରମିକ ଖଣି ଖାଦାନ ମଧ୍ୟରେ ଫସି ରହିଥିବା ହୋଇଥିବା ଗୁରୁବାର ପୁଲିସ୍ କହିଛି। ଘଟଣାଟି ଥାଙ୍ଗସ୍କୁ ଅଞ୍ଚଳରେ ଘଟିଛି। ଘଟଣା ସମ୍ପର୍କରେ ପୁଲିସ୍ ଖବର ପାଇବା ପରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଦଳ ବା ଏସଡିଆରଏଫର ସହାୟତା ଲୋଡ଼ିଛି। ବର୍ତ୍ତମାନ ସୁଦ୍ଧା ଖଣି ଖାଦାନରୁ ୧୬ ଜଣ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ପୁଲିସ କହିବା କଥା ଯେ ଅନୁମତି ନଥାଇ ଗାଁ ନିକଟରେ ଥିବା ଖଣିରେ କାମ ଚାଲିଥିଲା। କୋଇଲା ଉତ୍ତୋଳନ ଚାଲିଥିବା ବେଳେ ବିସ୍ଫୋରଣ ଯୋଗୁ ଏହା ଭୁଶୁଡ଼ି ପଡ଼ିଥିଲା। ଏଥିଯୋଗୁ ଏତେ ବଡ଼ ଘଟଣା ଘଟିଛି। ୨୦୧୪ରୁ ମେଘାଳୟରେ ମୂଷା ଗାତ କୋଲ ମାଇନିଂ ଓ ଅନ୍ୟ ଅଣ ବିଜ୍ଞାନ ଭିତ୍ତିକ ଖଣି ଖନନ ଉପରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ରୋକ ଲଗାଇଛନ୍ତି। ପରିବେଶ ଓ ସୁରକ୍ଷା ଜନିତ ଚିନ୍ତା କାରଣରୁ ଏପରି ପଦକ୍ଷେପ ନିଆଯାଇଛି। ସେହିପରି କୋଇଲା ଚାଲାଣ ଉପରେ ମଧ୍ୟ କଟକଣା ଲଗାଯାଇଛି। ତଥାପି ବେଆଇନ ଖଣି ଖନନ ସ୍ଥାନୀୟ ଅଞ୍ଚଳରେ ବନ୍ଦ ହୋଇ ନାହିଁ। ମୂଷା ଗାତ ମାଇନିଂ ସାଧାଣତଃ ଅଣ ଓସାରିଆ ଟନେଲକୁ ଖୋଳି କରାଯାଏ। ଏହା ଉଚ୍ଚତା ପ୍ରାୟ ୩ରୁ ୪ ଫୁଟ। ଏହା ମଧ୍ୟରେ ଶ୍ରମିକମାନେ ବିପଦଜନକ ଅବସ୍ଥାରେ ପ୍ରବେଶ କରି ଖଣି ଖନନ କରନ୍ତି। ଏଥିରେ ଗୋଟିଏ ସମୟରେ ଜଣେ ହିଁ ପଶି ପାରିବାର ସୁବିଧା ରହିଥାଏ। ୨୦୧୪ରେ ଜାତୀୟ ଗ୍ରୀନ ଟ୍ୟୁବନାଲ ଦେଇଥିବା ରାୟକୁ ସୁପ୍ରିମକୋର୍ଟ କାଏମ ରଖିଥିଲେ ଓ କେବଳ ବିଜ୍ଞାଭିତ୍ତିକ ଖଣି ଖନନକୁ ଅନୁମତି ଦେଇଥିଲେ। ହେଲେ ମେଘାଳୟରେ ନିୟମିତ ଭାବେ ବେଆଇନ ଖଣି ଖନନ ଜାରି ରହିଛି। ଏବେ ଏଥିଯୋଗୁ ଏତେ ବଡ଼ ଅଘଟଣ ଘଟିଛି।

## ଭାରତ ଟ୍ୟାକ୍ସିର ଶୁଭାରମ୍ଭ ଏକ ଯୁଗାନ୍ତକାରୀ ପ୍ରୟାସ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫/୨ (ନି.ପ୍ର): କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଦେଶର ପ୍ରଥମ ସମବାୟ ଭିତିକ ଟ୍ୟାକ୍ସି ସେବା ଭାରତ ଟ୍ୟାକ୍ସିକୁ ଏକ ଯୁଗାନ୍ତକାରୀ ପ୍ରୟାସ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଦୂରଦର୍ଶୀ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସମବାୟ ମନ୍ତ୍ରୀଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି। ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହାଜୀଙ୍କ ଦ୍ୱାରା ଦେଶର ପ୍ରଥମ ସମବାୟ ଭିତିକ ଟ୍ୟାକ୍ସି ସେବା ଭାରତ ଟ୍ୟାକ୍ସିର ଶୁଭାରମ୍ଭ ଏକ ଅଭିନବ ତଥା ଯୁଗାନ୍ତକାରୀ ପ୍ରୟାସ। ଏହି ଅବସରରେ ସାରା ଦେଶର ଚାଳକ ବନ୍ଧୁମାନଙ୍କୁ ମୁଁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀଙ୍କ 'ସହକାର ସେ ସମୃଦ୍ଧି' ମନ୍ତ୍ରକୁ ସାକାର କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଏହା କେବଳ ନିଯୁକ୍ତି ସୃଷ୍ଟି କରିବ ନାହିଁ, ବରଂ ଚାଳକ ବନ୍ଧୁମାନଙ୍କୁ ଉଚିତ୍ ଲାଭାଂଶ ସହ ସମବାୟ ଭିତିରେ ମାଲିକାନା ସତ୍ୱ ଓ ସାମାଜିକ ସମ୍ମାନ ପ୍ରଦାନ କରିବ। ସାରା ଦେଶର ସମବାୟ ଆନ୍ଦୋଳନକୁ ଏକ ନୂତନ ଦିଶା ପ୍ରଦାନ କରିଥିବା ଏହି ଦୂରଦର୍ଶୀ ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସମବାୟ ମନ୍ତ୍ରୀଙ୍କୁ ଅଶେଷ କୃତଜ୍ଞତା ଓ ଧନ୍ୟବାଦ ।

## କେବେ ହେବ ପୋଲିସ୍ ଏସଆଇ ପରୀକ୍ଷା ? : ଭାଙ୍ଗୁଛି ପ୍ରାୟ ଦେଢ଼ ଲକ୍ଷ ଆଶାୟୀଙ୍କ ଧୈର୍ଯ୍ୟର ବନ୍ଧ

ଭୁବନେଶ୍ୱର, ୫/୨ (ନି.ପ୍ର): ଏସଆଇ ପରୀକ୍ଷା ସ୍କାମର ସିବିଆଇ ତଦନ୍ତ ଭିତରେ ନିଜ ଭବିଷ୍ୟତକୁ ନେଇ ଦୋଛକିରେ ଲକ୍ଷାଧିକ ଆଶାୟୀ। ଦୁଇ ଦୁଇ ଥର ବାତିଲ ପରେ ଏଯାଏଁ ଘୋଷଣା ହେଲାନି ନୂଆ ପରୀକ୍ଷା ତାରିଖ। ଦିନ ଗଡୁଥିବା ବେଳେ ଆଶା-ଭରସା ବି ତୁଟିଛି। ଏମିତି ସ୍ଥିତିରେ ଅନିଶ୍ଚିତ ଭାଗ୍ୟକୁ ନେଇ ତାତିଛନ୍ତି ଏସଆଇ ପରୀକ୍ଷା ଆଶାୟୀ। ଷ୍ଟୁଡେଣ୍ଟ ଏଗେନେଷ୍ଟ କରପସନ୍ ନେତୃତ୍ୱରେ ଆଜି ଭୁବନେଶ୍ୱର ଲୋୟର ପିଏମଜିରେ ଶତାଧିକ ଆଶାୟୀ ଧାରଣା ଦେଇଛନ୍ତି। କେଉଁ ସ୍ଥିତିରେ ଅଛି ଉଇଓ ତଦନ୍ତ ? କେବେ ପରୀକ୍ଷା ହେବ ବୋଲି ପ୍ରଶ୍ନ କରିଛନ୍ତି। ବୟସ ଗଡ଼ି ଯାଉଥିବାରୁ ପରୀକ୍ଷାରେ ବିଳମ୍ୱ ସେମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେବ। ଶୀଘ୍ର ତାରିଖ ଘୋଷଣା ସହ ସ୍ୱଚ୍ଛତାର ସହ ପରୀକ୍ଷା କରିବାକୁ ଦାବି କରିଛନ୍ତି ଆଶାୟୀ। ଗୋଟିଏ ପଟେ ସିବିଆଇ ତଦନ୍ତ ଓ ଅନ୍ୟପଟେ ପରୀକ୍ଷା ପାଇଁ ନୂଆ ବୋର୍ଡ ଗଠନରେ ବିଳମ୍ୱ, ଆଶାୟୀଙ୍କ ଆଶାକୁ ଅନିଶ୍ଚିତତାକୁ ଠେଲି ଦେଉଛି। ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା ଛାତ୍ରଛାତ୍ରୀଙ୍କୁ ବି ମିଳୁନି କୌଣସି ସ୍ପଷ୍ଟ ସୂଚନା। ଏସଆଇ ପରୀକ୍ଷା ବିଜ୍ଞପ୍ତିକୁ ଦୁଇ ବର୍ଷ ବିତିଥିଲେ ବି ଏକଜାମ୍ ହୋଇପାରିନି। ୨୦୨୪ ଡିସେମ୍ବର ପରେ ଗତବର୍ଷ ମାର୍ଚ୍ଚରେ ବି ବିଜ୍ଞପ୍ତି ବାହାରିଥିଲା। ସେତେବେଳେ ହୋଇ ପାରିନଥିଲା ପରୀକ୍ଷା। ପରେ ୨୦୨୫ ଅକ୍ଟୋବରରେ ପରୀକ୍ଷା ନେଇ ଜାରି ହୋଇଥିଲା ବିଜ୍ଞପ୍ତି। ତାପୂର୍ବରୁ ବଡ଼ କିକ୍ ବ୍ୟାକର ସୂଚନା ପାଇ ପୋଲିସ ସେପ୍ଟେମ୍ବର ୨୯ରେ ୧୧୪ ପରୀକ୍ଷାର୍ଥୀଙ୍କ ସମେତ ୧୧୭ ଜଣଙ୍କୁ ଗିରଫ କରିଥିଲା। ପରେ ଚାକିରି କେଳେଙ୍କାରୀର ମୁଖ୍ୟ କାର୍ଯ୍ୟଦାର ଶଙ୍କର ପୃଷ୍ଟି ଓ ସଂପୃକ୍ତ ଦଲାଲ ଗିରଫ ହୋଇଥିବା ବେଳେ

◆◆ପୃଷ୍ଠା ୭

## ସୁଧୁରିବ ତ୍ରୁଟି, ବଦଳିବ ଅପଭ୍ରଂଶ ନାଁ: ୧୧ ଜିଲ୍ଲାର ୨୫ ଇଂରାଜୀ ନାଁର ହେବ ପରିବର୍ତ୍ତନ

ଭୁବନେଶ୍ୱର, ୫/୨ (ନି.ପ୍ର): ଓଡ଼ିଆ ଭାଷା ଓ ସାଂସ୍କୃତିକ ଐତିହ୍ୟକୁ ସରକାରୀ ରେକର୍ଡରେ ସଠିକ ଭାବେ କରାଯିବ ପ୍ରତିଫଳିତ । ବଦଳିବ ରାଜ୍ୟର ଅନେକ ସ୍ଥାନର ବିକୃତ ଇଂରାଜୀ ନାଁ । ଓଡ଼ିଶା ସରକାର ବିଭିନ୍ନ ସ୍ଥାନର ଇଂରାଜୀ ନାମରେ ଥିବା ଭୁଲ ସୁଧାର ପାଇଁ ପଦକ୍ଷେପ ନେଇଛନ୍ତି । ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ମାଲକାନଗିରି, ଦେବଗଡ଼, କନ୍ଧମାଳ, ଖୋର୍ଦ୍ଧା, ଅନୁଗୁଳ, କଟକ, କେନ୍ଦ୍ରାପଡ଼ା, କେନ୍ଦୁଝର, ସମ୍ବଲପୁର ଓ ନୟାଗଡ଼ ଆଦି ଜିଲ୍ଲାର ନାଁ ଠିକ କରାଯିବ । ପ୍ରସ୍ତାବିତ ସଂଶୋଧନ ସମ୍ପର୍କରେ ସାଧାରଣ ଲୋକଙ୍କର କୌଣସି ଆପତ୍ତି କିମ୍ବା ପରାମର୍ଶ ଥିଲେ ୧୫ ଦିନ ମଧ୍ୟରେ ଲେଖିତ ଭାବେ ଦାଖଲ କରିବାକୁ ଆହ୍ୱାନ କରିଛି ବିଭାଗ । ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପ ସରକାରୀ ରେକର୍ଡରେ ସ୍ଥାନଗୁଡ଼ିକର ସଠିକ ଓଡ଼ିଆ ରୂପ ସୁନିଶ୍ଚିତ ହେବ । ଏହାଦ୍ୱାରା ରାଜ୍ୟର ଭାଷାଗତ ପରିଚୟ ଅଧିକ ସୁଦୃଢ଼ ହୋଇପାରିବ । ଇଂରାଜୀ ଲିଖନ ଶୈଳୀ ଓଡ଼ିଆ ମୂଳ ଶବ୍ଦ ସହ ସମାନ ରହିବ । ଐତିହ୍ୟ ରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସାଂସ୍କୃତିକ ଗୌରବ ବୃଦ୍ଧି ପାଇବ ବୋଲି ମତ ଦେଇଛନ୍ତି ଭାଷାବିତ୍ । ରାଜ୍ୟ ସରକାରଙ୍କ ପାଇଁ କିଛି ଚ୍ୟାଲେଞ୍ଜ ମଧ୍ୟ ସାମ୍ନାରେ ଅଛି । ସବୁ ଅଞ୍ଚଳର ବିକୃତ ନାମକୁ ଏକାସାଙ୍ଗେ ଠିକ୍ ? କରାଯିବ ତ ? ସରକାରଙ୍କ ଏ ନିଷ୍ପତ୍ତି ପୂର୍ବର ଅନ୍ୟ ନିଷ୍ପତ୍ତି ଭଳି କେବଳ କାଗଜକଲମରେ ରହିଯିବନି ତ ? ପୂରା ପ୍ରକ୍ରିୟାକୁ ଲାଗୁ କରିବାକୁ କେତେ ଦିନ ନେବେ ସରକାର ?

## ଆଇଏଏସ ସ୍ତରରେ ବଡ଼ ଧରଣର ଅଦଳବଦଳ: ଅରବିନ୍ଦ ପାଢ଼ୀଙ୍କୁ ରାଜସ୍ୱ ବିଭାଗ



ଭୁବନେଶ୍ୱର, ୫/୨ (ନି.ପ୍ର): ଓଡିଶା ସରକାର ସଚିବ ସ୍ତରରେ ବଡ଼ ଅଦଳବଦଳ କରିଛନ୍ତି। ଅନେକ ଅଭିଜ୍ଞ ଆଇଏଏସ ଅଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ସହ ଅତିରିକ୍ତ କାର୍ଯ୍ୟଭାର ମଧ୍ୟ ଅର୍ପଣ କରାଯାଇଛି। ବରିଷ୍ଠ ଅଧିକାରୀ ଅରବିନ୍ଦ ପାଢ଼ୀଙ୍କୁ ରାଜସ୍ୱ ବିଭାଗକୁ ବଦଳି କରାଯାଇଛି। ଏଥିସହ ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ମଧ୍ୟ ବଜାୟ ରହିବେ। ବର୍ତ୍ତମାନ ଉନ୍ନୟନ କମିଶନର ଭାବେ କାର୍ଯ୍ୟରତ ଦେଓ ରଞ୍ଜନଙ୍କୁ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଉଷା ପାଢ଼ୀଙ୍କୁ ଇଡ୍‌କୋ ଅଧ୍ୟକ୍ଷା ଭାବେ ଦାୟିତ୍ୱ ମିଳିଛି। ଏହା ସହିତ ସେ ନଗର ଉନ୍ନୟନ ବିଭାଗର ଦାୟିତ୍ୱରେ ମଧ୍ୟ ରହିବେ। ସୁରେନ୍ଦ୍ର କୁମାରଙ୍କୁ ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ଦାୟିତ୍ୱ ମିଳିଛି। ଏହା ବ୍ୟତୀତ ସେ ସାଧାରଣ ପ୍ରଶାସନ ବିଭାଗର କାର୍ଯ୍ୟ ମଧ୍ୟ ତୁଲାଇବେ। ବିଷ୍ଣୁପଦ ସେଠୀଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମର ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଥିବା ବେଳେ ତାଙ୍କୁ କେବିକେ ମୁଖ୍ୟ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଚିତ୍ରା ଅରୁମୁଗମଙ୍କୁ ଗୋପବନ୍ଧୁ ଏକାଡେମୀର ଡିଜି ଭାବେ ଦାୟିତ୍ୱ ମିଳିଛି। ଏଥିସହିତ ସେ ଶ୍ରମ ଏବଂ ବିଜ୍ଞାନ ଓ କାରିଗରୀ ବିଭାଗର ଦାୟିତ୍ୱ ମଧ୍ୟ ସମ୍ଭାଳିବେ। ସେହିପରି ଶୁଭା ଶର୍ମାଙ୍କୁ ଜଳସମ୍ପଦ ବିଭାଗର ନୂଆ ପ୍ରମୁଖ ସଚିବ, ଏନବିଏସ୍ ରାଜପୁତଙ୍କୁ ପରିବହନ ପ୍ରମୁଖ ସଚିବ ସହ OSRTC ଦାୟିତ୍ୱ, ଗିରିଶ ଏସଏନ୍‌ଙ୍କୁ **OMC** ଅଧ୍ୟକ୍ଷ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ସାଦୀକ୍ ଆଲମଙ୍କୁ ଉଜଟଞ୍ଚ ର ନୂଆ ଏମ୍‌ଡି, ମାନ୍‌ସୀ ନିମ୍ବାଲଙ୍କୁ ମିଶନ ଶକ୍ତି ବିଭାଗ ସଚିବ, ସଚିନ ରାମଚନ୍ଦ୍ର ଯାଦବଙ୍କୁ କୃଷି ସଚିବ ସହ କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ବଲୱନ୍ତ ସିଂହଙ୍କୁ ଓଡ଼ିଶା ହାଇୱେ ଅଥରିଟିର ଏମ୍‌ଡି ଏବଂ ପର୍ଯ୍ୟଟନ ବିଭାଗ ଦାୟିତ୍ୱ ମିଳିଛି।

## ଫେବୃୟାରୀ ୯ରେ ହେବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୫/୨ (ନି.ପ୍ର): ଆସନ୍ତା ସୋମବାର ଫେବୃଆରୀ୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ସେଦିନ ପୂର୍ବାହ୍ନ ୧୦ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଫେବୃଆରୀ୬ ତାରିଖ ଦିବା ୧୧ଘଟିଟା ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲଅଥବା

◆◆ପୃଷ୍ଠା ୭

## ରାଜ୍ୟସଭାରେ ଅଶ୍ୱିନୀ ବୈଷ୍ଣବ ଫର୍ମୁଲା: ଚତୁର୍ଥ ଆସନ ପାଇଁ ବିଜେପିର ପୁଣି ଦମ୍ଭୋକ୍ତି



ଭୁବନେଶ୍ୱର, ୫/୨ (ନି.ପ୍ର): ରାଜ୍ୟ ରାଜନୀତି ପୁଣି ଦେଖିପାରେ ଅଶ୍ୱିନୀ ବୈଷ୍ଣବ ଫର୍ମୁଲା । ଦିଲ୍ଲୀରୁ ନାଁ ଆସିବ, ଓଡ଼ିଶାରୁ ସହମତି ମିଳିବ । ବୁଲେଇ ବଙ୍କେଇ ଆଜି ଏଭଳି କିଛି ତାର ମାରିଛନ୍ତି ବିଜେପି ବିଧାୟକ । ସେପଟେ କିଏ ହେବ ରାଜ୍ୟସଭା ପ୍ରାର୍ଥୀ, ନେତା ଆରମ୍ଭ କଲେଣି ଜୋରଦାର ଲବି । ଚର୍ଚ୍ଚାରେ ରାଜ୍ୟସଭାର ଚତୁର୍ଥ ଆସନ । ଏହି ଆସନ ଅକ୍ତିଆର କରି ଦିଲ୍ଲୀରେ ପତିଆରା ଜାହିର କରିବାକୁ ସବୁ ରାଜନୈତିକ ଦଳ ଗୋଟି ଚଳାଇଛନ୍ତି । ହେଲେ ଶାସକ ଦଳ ପୂରା ଦମ୍‌ରେ ଲାଗିଛି । ଜଣେ ପରେ ଜଣେ ନେତା ଗଣମାଧ୍ୟମରେ ଦମ୍ଭୋକ୍ତି ଦେଖାଉଛନ୍ତି । ଆଜି କିନ୍ତୁ ବିଜେପି ବିଧାୟକ ଦୁଇପାଦ ଆଗକୁ ଯାଇ ପୂର୍ବ ଫର୍ମୁଲାରେ

◆◆ପୃଷ୍ଠା ୭

## 'ଲୋକଙ୍କ ବଜେଟ' ଭାବେ ପ୍ରସ୍ତୁତ କରାଯିବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୫/୨ (ନି.ପ୍ର): ଆମ ସରକାର ହେଉଛି ଲୋକଙ୍କ ସରକାର। ଆମ ପାଇଁ ଲୋକଙ୍କ ସ୍ୱର ହେଉଛି ଭଗବାନଙ୍କ ସ୍ୱର। ତେଣୁ ସରକାରଙ୍କ ବଜେଟ ପ୍ରସ୍ତୁତ ପ୍ରକ୍ରିୟା ଏବେ ସଚିବାଳୟରୁ ବାହାରି ଲୋକଙ୍କ ପାଖକୁ ଯାଇଛି। ଜନସାଧାରଣଙ୍କଠାରୁ ସେମାନଙ୍କ ବହୁମୂଲ୍ୟ ମତାମତ ଆହ୍ୱାନ କରି ଅନୁଧ୍ୟାନ ଓ ତର୍ଜମା ପରେ ବଜେଟରେ ସ୍ଥାନୀତ କରାଯାଉଛି। ଏହା ସବୁ ଦୃଷ୍ଟିରୁ ଲୋକଙ୍କ ବଜେଟ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପ୍ରାକ୍ ବଜେଟ ପରାମର୍ଶ ସଭା ଅବସରରେ କହିଛନ୍ତି। ଲୋକସେବା ଭବନ କନ୍‌ଭେନସନ୍ ହଲ ଠାରେ ଆୟୋଜିତ ପ୍ରାକ୍ ବଜେଟ ପରାମର୍ଶ ସଭା ବୈଠକରେ ମୁଖ୍ୟମନ୍ତ୍ରୀ ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନଙ୍କ ସହିତ ପ୍ରାକ୍ ବଜେଟ ପରାମର୍ଶ ଆଲୋଚନା କରିଛନ୍ତି। ନିକଟରେ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଜନମତରୁ ସଂଗ୍ରହ କରାଯାଇଥିଲା। ଆହୁରି ମଧ୍ୟ ଆଗକୁ କାର୍ଯ୍ୟକାରୀ ହେବାକୁ ଥିବା ଶ୍ରୀ ଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମ, କଟକ-ଭୁବନେଶ୍ୱର-ପାରାଦୀପ-ପୁରୀ ଅର୍ଥନୈତିକ କରିଡର ପରିକଳ୍ପନା ଜନମତରୁ ଆସିଛି। ଜନମତ ଆଧାରରେ ନୀତି, ଯୋଜନା କାର୍ଯ୍ୟକ୍ରମରେ ମଧ୍ୟ ଆବଶ୍ୟକୀୟ ପରିବର୍ତ୍ତନ କରାଯାଉଛି। ତେଣୁ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା, ଘୋଷଣାକୁ ନେଇ ସମସ୍ତଙ୍କଠୁ ସୁଚିନ୍ତିତ ମତାମତ ଓ ପରାମର୍ଶ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ। ସେ ଆହୁରି କହିଥିଲେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ, ରୋଜଗାର ସୃଷ୍ଟି ଓ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ମିଳିଛି। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ପଦକ୍ଷେପ ଓ ରାଜ୍ୟସରକାରଙ୍କ ମହିଳା ଓ କୃଷକମାନଙ୍କ ଲାଗି ନିଆଯାଉଥିବା ପଦକ୍ଷେପ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ଚଳଚଞ୍ଚଳ କରିଛି। ୨୦୨୬-୨୭ ରେ ମଧ୍ୟ କେନ୍ଦ୍ର ବଜେଟରେ ମଧ୍ୟ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଘୋଷଣା କରାଯାଇଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଆଜି ଓଡ଼ିଶାକୁ ଦେଶରେ ପ୍ରାଥମିକତା ମିଳୁଛି। ଆହୁରି ପଢ଼ନ୍ତୁ: ଇଵଵଵମଳ: ଇସ୍ରାଏଲର ପାଲଟା ଆକ୍ରମଣରେ ଗାଜାରେ ୨୩ ମୃତ ୨୦୨୬-୨୭ ବଜେଟ ପ୍ରସ୍ତୁତି ପାଇଁ ୱେବ୍ ପୋର୍ଟାଲ, ଇ-ମେଲ, ଏସ୍.ଏମ୍.ଏସ୍., ୱାଟସଅପ୍ ଜରିଆରେ ବହୁ ସଂଖ୍ୟାରେ ସୁଚିନ୍ତିତ ମତାମତ ଆସିବାରେ ଲାଗିଛି। ଲୋକଙ୍କ ସରକାରରେ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ଏବଂ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯିବ। ଆଜି ଏହି ବୈଠକରୁ ଯେଉଁ ସବୁ ସୁଚିନ୍ତିତ ପରାମର୍ଶ ମିଳିଛି, ବିଭାଗ ତାକୁ ରେକର୍ଡ କରି ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ନିରଞ୍ଜନ ପୂଜାରୀ, ପୂର୍ବତନ ଅର୍ଥ ସଚିବ ଅର୍ଦ୍ଧେନ୍ଦୁ

◆◆ପୃଷ୍ଠା ୭

## ରାଜ୍ୟସଭାରେ ଗର୍ଜିଲେ ପ୍ରଧାନମନ୍ତ୍ରୀ ମୋଦି: ବିରୋଧୀଙ୍କୁ କଲେ ତୀବ୍ର ସମାଲୋଚନା



ନୂଆଦିଲ୍ଲୀ,୫/୨ : ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ଦେବା ସମୟରେ ବିରୋଧୀଙ୍କ ଉପରେ ଗର୍ଜିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବିରୋଧୀଙ୍କ ନାରାବାଜୀ ଯୋଗୁ ବୁଧବାର ଲୋକସଭାରେ ନିଜର ଅଭିଭାଷଣ ରଖିବାକୁ ସକ୍ଷମ ହୋଇ ନଥିଲେ ମୋଦି। କିନ୍ତୁ ଆଜି ରାଜ୍ୟସଭାରେ ସେ ବିରୋଧୀଙ୍କ ଉପରେ ମନଇଚ୍ଛା ବର୍ଷିଛନ୍ତି। ମୋଦିଙ୍କ ଭାଷଣ ଆରମ୍ଭରୁ ବିରୋଧୀ ନାରାବାଜୀ କରିଥିଲେ ହେଁ ଏହାକୁ ସେ କର୍ଣ୍ଣପାତ କରି ନଥିଲେ। ଲୋକସଭାରେ ବିରୋଧୀ ଦଳର ନେତାଙ୍କୁ କହିବାକୁ ଅନୁମତି ଦିଆଯାଉ ନଥିବାରୁ ବିରୋଧୀ ଦଳଗୁଡ଼ିକ ରାଜ୍ୟସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ। ତଥାପି ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ମୋଦି ପ୍ରଥମେ ବିକଶିତ ଭାରତ କଥା କହିଥିଲେ। ବିରୋଧୀ ଏହାକୁ ବିରୋଧ କରି କକ୍ଷତ୍ୟାଗ କରିବାରୁ ମୋଦି ସିଧା କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ନିଶାନା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଲାଲକିଲ୍ଲାରେ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ କଥା ଉଠାଇଛନ୍ତି। ସେହିସବୁ ଅଭିଭାଷଣରେ ନା କୌଣସି ଭିଜନ ଥିଲା ନା ଇଚ୍ଛାଶକ୍ତି ଥିଲା ବୋଲି ମୋଦି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ "ଆଜି ଭାରତ ସହ ଟ୍ରେଡ୍ ଡିଲ୍ ପାଇଁ ସାରା ବିଶ୍ୱ ଆଗ୍ରହୀ। ନିକଟରେ ୟୁରୋପୀୟ ସଂଘ ସହ ଟ୍ରେଡ୍ ଡିଲ୍ ହୋଇଥିଲା। ଆଉ ଏବେ ଆମେରିକା ସହ ଟ୍ରେଡ୍? ଡିଲ ବିଶ୍ୱର ବିଶ୍ୱାସ ବଢ଼ାଇଛି। ଏହି ଟ୍ରେଡ୍ ଡିଲ୍‌ରୁ ବିଶେଷକରି ଯୁବ ବର୍ଗ ବେଶୀ ଫାଇଦା ପାଇବେ।" ରାଜ୍ୟସଭାରେ ବୋଫର୍ସ ପ୍ରସଙ୍ଗ ମଧ୍ୟ ଉଠାଇ କଂଗ୍ରେସକୁ ସମାଲୋଚନା କରିଛନ୍ତି ମୋଦି।

◆◆ପୃଷ୍ଠା ୭

# ସ୍ୱର୍ଣ୍ଣ କୁଷ୍ଠ ସଚେତନତା ପକ୍ଷ ପାଳିତ

ଖୋର୍ଦ୍ଧା, ୫/୨ (ନି.ପ୍ର): କୁଷ୍ଠ ରୋଗର ଜୀବାଣୁ ରୋଗୀର ବିଶ୍ୱାସରେ ବାହାରି ପବନରେ ଖେଳିଯାଏ, ନିଜ ପାଖରେ ରହୁଥିବା ପରିବାର ଲୋକ ଓ ପ୍ରିୟ ଜନଙ୍କ ନାକାବାଟ ଦେଇ ତାଙ୍କ ଦେହକୁ ଯାଏ । ପରେ ୨ ରୁ ୫ ବର୍ଷରେ ରୋଗର ଲକ୍ଷଣ ପ୍ରକାଶ ପାଏ, ଯଦି ରୋଗୀର ଚିକିତ୍ସା କରା ନ ଯାଏ ତେବେ ରୋଗୀ ବିକଳାଙ୍ଗ ହେବା ସହିତ ପାଖ ଲୋକଙ୍କୁ ରୋଗ ବଣ୍ଟିଥାଏ । ଜଣେ ରୋଗୀ ବର୍ଷକ ମଧ୍ୟରେ ଦଶଟି ନୂଆ ରୋଗୀ ସୃଷ୍ଟି କରିଥାଏ । ରୋଗର ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଡାକ୍ତରଖାନାରେ ମାଗଣାରେ ମିଳୁଥିବା ଔଷଧ ଖାଇଲେ ଶହେରୁ ଅନେଶ୍ୱତ ଭାଗ ଜୀବାଣୁ ମରିଯାଆନ୍ତି ଯ ଦ୍ୱାରା ଆଉ ପାଖ ଲୋକଙ୍କୁ ରୋଗ ଡେଇଁ ନଥାଏ । ରୋଗ ଜଣା ପଡ଼ିଲେ ରୋଗୀ ଔଷଧ ଖାଇବା ସହିତ ପାଖ ଲୋକ ମଧ୍ୟ ପ୍ରତିଷେଧକ ବାଟିକା ଖାଇବା ଦରକାର । ଏହି ବଟିକାର ନାଲିରଙ୍ଗ ପରିସ୍ରାରେ ବାହାରେ ଯାହାକୁ ଆଦଉଁ ରକ୍ତ ଭାବିବା ନାହିଁ । ରୋଗୀର ହାତ, ପାଦ ବଧିରା ହୋଇ ଝାଳ ନ ବାହାରିବାରୁ ତାହା ଶୁଖି ଫାଟି ଘା ହୋଇଯାଏ ବା କିଛି ଆଘାତ ଲାଗିଲେ ଜଣା ପଡେ ନାହି, ପ୍ରତିଦିନ ହାତ, ପାଦ, ଥଣ୍ଡା ପାଣିରେ ଧୋଇ ତେଲ ଲଗାଇବେ,ରୋଗକୁ ହେଳା କଲେ ମନୁଷ୍ୟ ଶାରୀରିକ ସମ୍ପୂର୍ଣ୍ଣ ଅକ୍ଷମ ଓ ବିକୃତି ହୋଇ ଯାଆନ୍ତି । ଆଶା ଦିଦି, ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବାକୁ କୁଷ୍ଠ ରୋଗ ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦାନ କରୀ ଆଜି ପୂର୍ବାହ୍ନରେ ବୈଠକରେ ଅଧକ୍ଷତା କରି ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଉପୋରକ୍ତ ବିଷୟ ପ୍ରକାଶ କରିଛନ୍ତି । ସେହିପରି ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଇନ୍ଦିରା ରଥ ସଚେତନତା ପକ୍ଷର ସୁବିସ୍ତୃତ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ରଖିଥିଲେ । ଏହି ସଚେତନତା ପକ୍ଷ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ଚାଲିବ । ବ୍ୟାପକ ସଚେତନତା ନିମନ୍ତେ ବିଦ୍ୟାଳୟ ମାନଙ୍କରେ କୁଇଜ୍, ଶପଥ ପାଠ, ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଶୋଭାଯାତ୍ରା ସହ ଜିଲ୍ଲାର ସମସ୍ତ ବ୍ଲକରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କାର୍ଯ୍ୟକ୍ରମ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କରାଯାଉଅଛି । ଏଠାରେ ପ୍ରକାଶ ଥାଉକୀ କୁଷ୍ଠ ଏକ ବାୟୁ ବାହିତ ରୋଗ, ଚିକିତ୍ସିତ ନହେଲେ ସଂକ୍ରମଣ ରୋଗୀ ୧୦ ଜଣ ରୋଗୀ ସୃଷ୍ଟି କରିଥାଏ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନନ୍ଦିତା ଗୁପ୍ତା, ବିଭିନ୍ନ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଓ ବିଭିନ୍ନ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଏବଂ ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ ।

# ସ୍ରଷ୍ଟାର ରାଜ୍ୟସ୍ତରୀୟ ବାର୍ଷିକ ନାଟକ ମହୋତ୍ସବ

## ପଞ୍ଚମ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ 'ଜନ୍ମମାଟି'



ବାଲେଶ୍ୱର, ୫/୨ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ନାଟ୍ୟନୁଷ୍ଠାନ ସ୍ରଷ୍ଟାର ୪୮ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ପଞ୍ଚମ ସନ୍ଧ୍ୟାର କାର୍ଯ୍ୟ ଆୟୋଜିତ ହୋଇ ଯାଇଛି ।ଏଇ ସନ୍ଧ୍ୟା ବିଶିଷ୍ଟ ଶିଳ୍ପପତି, ସଂସ୍କୃତି ପ୍ରେମୀ ସମାଜସେବୀ, ସଂସ୍କାରକ, ସଂଗଠକ ସ୍ୱର୍ଗତ ହିମାଂଶୁ ଦାସଙ୍କୁ ଉତ୍ସର୍ଗ କରାଯାଇଥିଲା । ପ୍ରଯୋଜନା କରିଥିଲେ ତାଙ୍କର ପୁତ୍ର ସଂଗ୍ରାମ ଦାସ ଓ ସଞ୍ଜୟ ଦାସ । ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଶିଷ୍ଟ ସ୍ତମ୍ଭକାର ସଂସ୍କୃତି ପ୍ରେମୀ, ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡ.ସୁବାସ ପାତ୍ର ଓ ସମ୍ମାନିତ ଅତିଥି ଭାବେ ସ୍ରଷ୍ଟାର ଉପ ସଭାପତି ତଥା କଳାକାର ଓ ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନ କୁମାର ଦାସ ବର୍ତ୍ତମାନ ସମୟରେ ନାଟକ କଳାର ବିକାଶ, ସମସ୍ତଙ୍କ ମଧ୍ୟରେ ସଚେତନତା ପାଇଁ ନାଟକର ବିଷୟ ବସ୍ତୁ କିପରି ସାମାଜିକ ଜୀବନ ଉପରେ ପ୍ରଭାବ ପକାଇ ସମାଜକୁ ଦିଗଦର୍ଶନ ଦିଏ ବୋଲି ମତବ୍ୟକ୍ତ କରିଥିଲେ । ସ୍ରଷ୍ଟାର ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ଶ୍ରୀ ଆଲୋକ କୁମାର ସାହୁ ପୌରୋହିତ୍ୟ କରି ପ୍ରାକ୍ କଥନ ରଖିଥିଲେ । ବାଲେଶ୍ୱର ଦର୍ପଣର ନିର୍ଦ୍ଦେଶକ, କଳାକାର, ନାଟକ ନିର୍ଦ୍ଦେଶକ ସାହିତ୍ୟିକଶ୍ରୀ ବ୍ରହ୍ମନାଥ ରଥ ମଞ୍ଚ ପରିଚାଳନା କରିଥିବା ବେଳେ ନାଟ୍ୟକାର ପୀତାମ୍ବର ଦାସ ଶେଷ କଥା ଓ ଧନ୍ୟବାଦ୍ ଦେଇଥିଲେ । ପରେ ରାଉରକେଲା ସମ୍ପର୍କ ନାଟ୍ୟାନୁଷ୍ଠାନର ନାଟକ ନାଟ୍ୟକାର ପଦ୍ମଶ୍ରୀ ମନୋରଞ୍ଜନ ଦାସଙ୍କ ଲିଖିତ ଓ ଭାସ୍କର ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶିତ ନାଟକ 'ଜନ୍ମମାଟି' ନିଜ କଳାକାରଙ୍କ ଦ୍ୱାରା ଅଭିନୀତ ହୋଇଥିଲା । ଭାରତ ଏକ ଗ୍ରାମ ବହୁଳ ଦେଶ, ଗ୍ରାମରେ କୃଷି ମଣିଷର ମୁଖ୍ୟ ଜୀବିକା । ଗାନ୍ଧୀ କହିଥିଲେ ଗ୍ରାମର ବିକାଶ ନହେଲେ ଦେଶର ବିକାଶ ଅସମ୍ଭବ । କିନ୍ତୁ ଦେଖାଯାଏ ଗ୍ରାମରେ ଅର୍ଦ୍ଧ ଶିକ୍ଷିତ, ଚାଷୀ, ଆଉ କିଛି ଛୋଟ ପିଲା ରହୁଥିଲା ବେଳେ ଶିକ୍ଷିତ ତଥା ସରକାରୀ ଚାକିରିଆ ମାନେ ସହରର ଚାକଚକ୍ୟରେ ବିମୋହିତ ହୋଇ ସହରରେ ବସବାସ କରୁଛନ୍ତି । ଫଳରେ ଗ୍ରାମ କ୍ରମେ କ୍ରମେ ଶ୍ରୀହୀନ ହେଇ ପଡୁଛି । ତେଣୁ ସହରରେ ବସବାସ କରିବାର ମୋହକୁ ଛାଡ଼ି ସହରୀ ବାବୁମାନେ ପୁଣି ଗ୍ରାମ୍ୟମୁଖି ହେବେତ ? ଏହିପରି ଏକ ଦ୍ୱନ୍ଦ୍ୱକୁ ଆଧାର କରି ନାଟକ 'ଜନ୍ମଭୂମି'ର ବିଷୟବସ୍ତୁ ପର୍ଯ୍ୟବେଶିତ୍ । ଏଇ ନାଟକରେ ବିଜୟ ପାତ୍ର, ଭାସ୍କର ମହାପାତ୍ର, ସୁରେନ୍ଦ୍ର ପାଢ଼ୀ, ବିବେକାନନ୍ଦ ଦାସ, ପ୍ରଳୟ ଶତପଥୀ, ସୁଦେଷ୍ଣ ରାଉତ, ପୁଷ୍ପା ବିଶୋଇ, ଶକ୍ତି ମିଶ୍ର, ସସ୍ମିତା ବେକ୍, ଶୁଭଶ୍ରୀ ସ୍ୱାଇଁ, ଶ୍ରେୟସି ପ୍ରଧାନ, ପ୍ରତିଥି, କଲ୍ୟାଣୀ, ସତ୍ୟବ୍ରତ ଦାସ ପ୍ରମୁଖଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନୋରଞ୍ଜନର ବେଶ୍ ଖୋରାକ ଯୋଗାଇ ଥିଲା । ସ୍ରଷ୍ଟାର ଦିବାକର ମହାନ୍ତି, ଗୌରୀ ଶଙ୍କର ସାହାଣୀ, ସମରାଇ କର, ସଂଗ୍ରାମ ମହାନ୍ତି, ରାମ ଚନ୍ଦ୍ର ମହାପାତ୍ର, ସରୋଜ ରାଉତ, ରତିକାନ୍ତ ମଲିକ, ମଦନ ମୋହନ ସାହୁ, ଅଜିତ ପଣ୍ଡା, ପୁଷ୍ପିତା ପାଢ଼ୀ, ଗିରିଜା ଶଙ୍କର କର, ପ୍ରଦୀପ ସତପଥି, ରଶ୍ମି ରଞ୍ଜନ ଦାସ, ବିଶ୍ୱଜିତ୍ ମହାପାତ୍ର, ମନୋରଞ୍ଜନ ଦାସ, ସ୍ୱାଗତିକା ବାରିକ, ସ୍ୱାତୀ ଶ୍ମିତା ଦାସ ସୁମନା ପରିଡ଼ା, ସ୍ୱାତୀ ପଣ୍ଡା, ଋତୁରାଜ ବାରିକ, ସୌର ଜିତ୍ ସାହୁ, ଅନୁଭା ଶତପଥୀ, ସନ୍ତୋଷ କମିଲା ପ୍ରମୁଖ ସଦସ୍ୟ କାର୍ଯକ୍ରମକୁ ସୁପରିଚାଳନା କରିଥିଲେ ।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ କର୍କଟ ଦିବସ ପାଳିତ

ବାରିପଦା, ୫/୨ (ନି.ପ୍ର): ଆଜି ବାରିପଦା ଠାରେ ବିଶ୍ୱ ତମାଖୁ କର୍କଟ ଦିବସ ପାଳନ କରାଯାଇଛି । ଏଥିରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ସଚେତନତା ଶୋଭାଯାତ୍ରା ବାରିପଦା ସହର ପରିକ୍ରମା କରି ମୁଖ, ସ୍ତନ ଓ ଜରାୟୁ କର୍କଟ ରୋଗ ସମ୍ବନ୍ଧରେ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ତମାଖୁ ର ବ୍ୟବହାର ଓ ଏହାର କୁପ୍ରଭାବ ସ୍ୱରୂପ ନିଜେ ମାରାତ୍ମକ କର୍କଟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡିବା ସହିତ ନିଜ ପରିବାରବର୍ଗଙ୍କୁ କିପରି ଏକ ଦୁଃଖଦ ଅନିଶ୍ଚିତ ଭବିଷ୍ୟତ ଆଡକୁ ଟାଣି ନେଇ ଯାଇଥାନ୍ତି ସେ ବିଷୟରେ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାର ସଚେତନଧର୍ମୀ ବାର୍ତ୍ତା ଜରିଆରେ ଅବଗତ କରାଇଥିଲେ ।ଏହି ଅବସରରେ ବିଭିନ୍ନ ଲୋକ ମାନଙ୍କୁ ଓ ପାନ ଦୋକାନ ମାନଙ୍କରେ ତମାଖୁ ବ୍ୟବହାରର ଭୟାବହତା ଉପରେ ବୁଝା ଯାଇଥିଲା । ଏଥି ସହିତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ସଚେତନତା ସଭାର ମଧ ଆୟୋଜନ କରଯାଇଥିଲା । ଏହି ସଭା ରେ ଡାକ୍ତର ଶାନ୍ତନୁ ଦାସ ନୋଡାଲ ଅଫିସର କର୍କଟ ବିଭାଗର ବିଭିନ୍ନ କର୍କଟ ରୋଗର କାରଣ ଓ ନିରାକରଣ ବିଷୟରେ ଆଲୋକ ପଟ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡାକ୍ତର ଘାସିରାମ ମୁର୍ମୁ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ମୁଖ ଗହ୍ୱର କର୍କଟ ର ଭୟାବହତା ବିଷୟରେ ଆଲୋକ ପଟ କରିଥିଲେ । ଡାକ୍ତର ଜ୍ଞାନେନ୍ଦ୍ର ମହାନ୍ତି କିଭଳି କର୍କଟ ରୋଗ ର ସହଲ ଚିହ୍ନଟ କାରଣ ହୋଇପାରିବ ସେ ବିଷୟରେ ଆଲୋକ ପଟ କରିଥିଲେ ।ଡାକ୍ତର ସୌମ୍ୟ ରଞ୍ଜନ ନାୟକ ବ୍ଲଡ୍ ବ୍ୟାଙ୍କ ଅଧିକାରୀ ବିଭିନ୍ନ କର୍କଟ ରୋଗର କାରଣ ଓ ଏଥି ଲାଗି ଭେକ୍ସିନେ ନେଇ ପାରିବ ସେ ବିଷୟ ରେ ଆଲୋଚନ କରିଥିଲେ । ଏଥିରେ ସରକାରୀ ଇଘଗ ଞ୍ଜଉ ର ଛାତ୍ର ଛାତ୍ରୀ ଓ ଉଐଢ ମାନେ ଉପସ୍ଥିତ ଥିଲେ । ଉକ୍ତ ସଭାରେ କୁଳିଅଣା, ଠାକୁରମୁଣ୍ଡା ଓ ବଦମପହଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମୁଖ, ସ୍ତନ ଓ ଜରାୟୁ କର୍କଟ ରୋଗର ଚିହ୍ନଟକରଣ ଲାଗି ପୁରସ୍କୃତ କରା ଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଡାକ୍ତର ଅନୁଷୟ ମହନ୍ତ, ଭାରତୀ ଆରୁଖ, ଜିଲ୍ଲା ସମ୍ପ୍ରସାରଣ ଅଧିକାରୀ ଧନୁ ମୁର୍ମୁ, ଗଣେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## କଂଟାପଦାରେ ଅଷ୍ଟ ପ୍ରହର ନାମଯଜ୍ଞ

କେନ୍ଦ୍ରାପଡ଼ା, ୫/୨ (ନି.ପ୍ର): ଜମଧର ପଂଚାୟତ ଅନ୍ତର୍ଗତ କଂଟାପଦା ଗାଁର ଗ୍ରାମଦେବତୀ ମା ଘୁମ ଫଟେଇଙ୍କ ମନ୍ଦିରରେ ୨୪ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଶୁଭାଧିବାସ ଓ ପରେ ଅହୋରାତ୍ର ନାମ ସଂକୀର୍ତ୍ତନ କରାଯାଇଥିଲା । ଏଥିରେ ଜିଲାର ବିଭିନ୍ନ ଅଂଚଳରୁ ପ୍ରାୟ ୧୫ରୁ ଅଧିକ କୀର୍ତନ ମଣ୍ଡଳୀ ଯୋଗଦେଇ ପବିତ୍ର ନାମ ଜପ କରିଥିଲେ । ଏହି ଆଧ୍ୟାତ୍ମିକ ଉତ୍ସବକୁ ପ୍ରହଲ୍ଲାଦ ଦାସ, ରାଜକିଶୋର ବାରିକ, ଅମିୟ ବାରିକ, ପ୍ରଭାକର ସାହୁ, ମହେଶ୍ୱର ସାହୁ, ରମେଶ ସାହୁ, ଫକୀର ନାଥ, ପ୍ରଫୁଲ୍ଲ ବାରିକ, ରଶ୍ମିରଞ୍ଜନ ବାରିକ, ସୁଦର୍ଶନ ପଲାଇ, ପଦ୍ମନାଭ ରାଉତ, ଗୌରାଙ୍ଗ ମହାନ୍ତି, ଅରୁଣ ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

# ଭଣ୍ଡା ଡାକ୍ତରଖାନାରେ ଅବ୍ୟବସ୍ଥା : ଡାକିଦେଲେ ଦେଖା ଦେଲେନି : ଦିନତମାମ ଭୋକ ଓପାସରେ ଘାଣ୍ଟିହେଲେ ମହିଳା

ଚମ୍ପୁଆ, ୫/୨ (ନି.ପ୍ର): ଲୋକ ମାନଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଭିତ୍ତିଭୂମିର ବିକାଶ କରିବା ସହିତ ଅନେକ ଯୋଜନା ପ୍ରଣୟନ କରୁଛନ୍ତି । ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ହସ୍ପିଟାଲରେ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ରାଜ୍ୟ ସରକାର ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏହି ଡାକ୍ତରଖାନା ନିଜର ସ୍ୱାସ୍ଥ୍ୟ ସେବାପାଇଁ ପୂର୍ବରୁ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବା ବେଳେ ଏବେ ଫେମିଲି ପ୍ଲାନିଙ୍ଗ ପାଇଁ ଆସିଥିବା ମା ମାନଙ୍କ ପ୍ରତି କର୍ତ୍ତୃପକ୍ଷଙ୍କ ଅବହେଳା ଡାକ୍ତରଖାନାର ଅବ୍ୟବସ୍ଥାକୁ ପଦାରେ ପକାଇଛି । ସୂଚନା ଅନୁଯାୟୀ, ଗତ କାଲି ଫେମିଲି ପ୍ଲାନିଙ୍ଗ ପାଇଁ ମହିଳା ମାନଙ୍କୁ ନେଇ ସକାଳ ୧୦ଟା ବେଳେ ଭଣ୍ଡା ଡାକ୍ତରଖାନାରେ ପହଞ୍ଚିବାକୁ ଆଶା ମା ମାନଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା । ନିର୍ଦ୍ଦେଶ ଅନୁଯାଇ ଆଶା ମା ମାନେ ନିଜ ନିଜ ଅଞ୍ଚଳରୁ ମହିଳା ମାନଙ୍କୁ ନେଇ ସକାଳ ୧୦ ଟା ବେଳେ ଡାକ୍ତରଖାନା ରେ ପହଂଚିଥିଲେ । କିନ୍ତୁ, ମହିଳା ମାନଙ୍କୁ ଡାକି ଦେଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କୌଣସି ଡାକ୍ତର ଙ୍କ ଦେଖା ମିଳି ନ ଥିଲା । ଫଳରେ ଦୂର ଦୁରାନ୍ତରୁ ଫେମିଲିପ୍ଲାନିଙ୍ଗ ପାଇଁ ଆସିଥିବା ମହିଳା ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଭୋକ ଉପାସରେ ସନ୍ଧ୍ୟା ପର୍ଯ୍ୟନ୍ତ ଡାକ୍ତରଙ୍କ ଅପେକ୍ଷାରେ ଛୋଟ ଛୋଟ ପିଲା ମାନଙ୍କୁ କୋଳରେ ଧରି ଏ ଗଛ ମୂଳରୁ ସେ ଗଛ ମୂଳ ବାର ଶୁଣ୍ଢୀ ପିଣ୍ଡା ହେଉଥିବା ଦେଖିବାକୁ ମିଳିଥିଲା । ସେମାନଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା ଥିଲା ନା ଥିଲା ବିଶ୍ରାମ କକ୍ଷ ର ବ୍ୟବସ୍ଥା ? ଦିନ ସାରା ଘାଣ୍ଟି ହେବା ପରେ ସନ୍ଧ୍ୟାରେ ଆସିଥିଲେ ଡାକ୍ତର କରିଥିଲେ ଫେମିଲି ପ୍ଲାନିଙ୍ଗ ଅପରେସନ । ଗଣମାଧ୍ୟମ ପ୍ରତିନିଧିଙ୍କ ଠାରୁ ଖବର ପାଇ ଭଣ୍ଡା ବିଜେପି ମଣ୍ଡଳ ସଭାପତି ବୀରେନ୍ଦ୍ର ବେହେରା ଡାକ୍ତରଖାନରେ ପହଞ୍ଚି ମା ମାନଙ୍କୁ ସବୁକଥା ପଚାରି ବୁଝିବା ପରେ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ଏବଂ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସାନ୍ତ୍ୱନା ଦେଇଥିଲେ । ତେବେ ଏହାକୁ ନେଇ ମହିଳା ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ସୁରକ୍ଷିତ ମାତୃତ୍ୱ ଆଶ୍ୱାସନର ଦିଡିଣ୍ଡିମ ପିଟୁଥିବା ଡବଲଇଂଜିନ ସରକାରରେ ମା' ମାନଙ୍କୁ ଏ କି ସମ୍ମାନ ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି । ତେଣୁ ଏଥିପ୍ରତି ଉଚ୍ଚକର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# 'ମଦର' ପକ୍ଷରୁ ବିଶ୍ୱ କର୍କଟ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର , ୫/୨ (ନି.ପ୍ର): କର୍କଟକୁ ଭୟ କରନ୍ତୁ ନାହିଁ, ପରୀକ୍ଷା ସହ ଶୀଘ୍ର ଚିହ୍ନଟ ଏବଂ ତୁରନ୍ତ ଚିକିତ୍ସା ଆରମ୍ଭ କଲେ କର୍କଟକୁ ହରାଇ ପାରିବେ । ଏକଜୁଟ ହୁଅନ୍ତୁ, କର୍କଟ ବିରୁଦ୍ଧରେ ଲଢନ୍ତୁ, କର୍କଟ ରୋଗ ସହ ଜୀବନଯାପନ କରୁଥିବା ରୋଗୀ ଓ ସେମାନଙ୍କ ପରିବାରଙ୍କୁ ମାନସିକ ସମର୍ଥନ ଓ ଉତ୍ସାହ ପ୍ରଦାନ କରନ୍ତୁ । ଏଭଳି କିଛି ସଚେତନତାର ବାର୍ତ୍ତା ନେଇ ଆଜି ବିଶ୍ୱ କର୍କଟ ଦିବସ ଉପଲକ୍ଷେ ସାମାଜିକ ଅନୁଷ୍ଠାନ 'ମଦର' ପକ୍ଷରୁ ଏକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଅଛି । କର୍କଟ ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ, ସ୍ଥାନୀୟ ମହାତ୍ମାଗାନ୍ଧୀ ମାର୍ଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ମାନେ କର୍କଟ ରୋଗ ବିଷୟରେ ସୂଚନାତ୍ମକ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା 'ମଦର' ଅନୁଷ୍ଠାନର ସମ୍ପାଦିକା ସସ୍ମିତା ଦାସ କହିଥିଲେ କି, '' କର୍କଟ ରୋଗ ଏକ ଭୟଙ୍କର ରୋଗ, କିନ୍ତୁ ଅନେକ ପ୍ରକାରର କର୍କଟ ପ୍ରାରମ୍ଭିକ ଅବସ୍ଥାରେ ଧରା ପଡ଼ିଲେ ସମ୍ପୂର୍ଣ୍ଣ ଭାବେ ଚିକିତ୍ସା ଯୋଗ୍ୟ । କର୍କଟ ରୋଗର ପ୍ରାରମ୍ଭିକ ଲକ୍ଷଣ, ଚିହ୍ନଟ ଓ ଚିକିତ୍ସା ସମ୍ବନ୍ଧରେ ସାଧାରଣ ଲୋକଙ୍କୁ ସଚେତନ କରିବା ହେଉଛି ଆମର ଲକ୍ଷ୍ୟ । ବିଶେଷ କରି ଶୀଘ୍ର ରୋଗ ଚିହ୍ନଟ କରିବାର ଗୁରୁତ୍ୱ ଉପରେ ଆମେ ଲୋକଙ୍କୁ ସଚେତନ କରାଉଛୁ । '' 'ମଦର' ଅନୁଷ୍ଠାନର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ କହିଥିଲେ କି, '' କର୍କଟ ରୋଗ ସହ ଜୀବନଯାପନ କରୁଥିବା ରୋଗୀ ଓ ସେମାନଙ୍କ ପରିବାରଙ୍କୁ ମାନସିକ ସମର୍ଥନ ଓ ଉତ୍ସାହ ପ୍ରଦାନ କରିବା ଅତ୍ୟନ୍ତ ଜରୁରୀ । କାରଣ ଏହି ରୋଗ କେବଳ ଶାରୀରିକ କଷ୍ଟ ଦେଇନଥାଏ ଏହାଏ ମାନସିକ ଭାବେ ରୋଗୀ ଓ ତାର ପରିବାରକୁ ଭାଙ୍ଗିଦିଏ । ତେଣୁ ସମସ୍ତେ ଏକାଠି ହୋଇ ଏହି ଭୟଙ୍କର ରୋଗ ଉପରେ ଲୋକଙ୍କୁ ଯଥେଷ୍ଟ ସଚେତନ କରାଇଲେ ହିଁ ଏହାର ନିରାକରଣ ସମ୍ଭବ । ଆମର ଏହି ପ୍ରୟାସ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଏହି ରୋଗ ବିରୁଦ୍ଧରେ ଲଢ଼ିବାରେ ସହାୟକ ହେବ ।'' ଏହି କାର୍ଯ୍ୟକ୍ରମରେ ମଦର ଅନୁଷ୍ଠାନର କର୍ମକର୍ତ୍ତା ପ୍ରଶାନ୍ତ ରାଉତରାୟ, ମଣ୍ଟୁ ମଲ୍ଲିକ, ଦିପ୍ତୀଶ୍ରୀ ନାୟକ, ନବକାନ୍ତି ମାଝୀ, ଜିଜ୍ଞାସା ମହନ୍ତ, ପ୍ରଭୁ ମହାନ୍ତି, ରାଜେଶ ମହାନ୍ତି, ଯଶସ୍ୱି ନାୟକ, ଆଲୋକ ବେହେରା , ବିଶିଷ୍ଟ ଶିକ୍ଷାବିତ୍ ପ୍ର. ମୋହିନୀକାନ୍ତ ମିଶ୍ର , କର୍କଟ ସହ ସଂଘର୍ଷ ଜାରୀ ରଖିଥିବା ସ୍ନେହା ଦାସ ଲେଙ୍କାଙ୍କ ସମେତ ବହୁ ସାମାଜିକ କର୍ମୀ ଓ ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ ।

# ଶିଶୁ ବିହାରର ବିଂଶତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ



ବାସୁଦେବପୁର , ୫/୨ (ନି.ପ୍ର): ବାସୁଦେବପୁର ସହରରେ ଆଦର୍ଶ ଶିକ୍ଷା ଅନୁଷ୍ଠାନ ଶିଶୁ ବିହାରର ବିଂଶ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଶିଶୁ ବିହାରର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ମହାରଣା ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ବାସୁଦେବପୁରର ଅତିରିକ୍ତ ତହସିଲଦାର ଜୟନ୍ତ କୁମାର ରାଉତରାୟ, ଶ୍ରୀମଦ୍ ଭଗବତ ଗୀତା ଗବେଷକ ତଥା ଅବସର ପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା, ଭୁବନେଶ୍ୱର ରାମକୃଷ୍ଣ ସେବା ଶ୍ରମ ମଠ ଓ ମିଶନ ଅଧକ୍ଷ ସ୍ୱାମୀ ଅଶ୍ରାୟାନନ୍ଦ ସରସ୍ୱତୀ, ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ରାଜ୍ୟ ସଂଯୋଜକ ଗୌରାଙ୍ଗ କୁମାର ବିଶ୍ୱାଳ ଓ ସମାଜସେବୀ ଭାବଗ୍ରାହୀ ନାୟକ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ନୈତିକ ଶିକ୍ଷା, ଗୁରୁକୁଳ ଶିକ୍ଷା,ଆଶ୍ରମ, ଗୁରୁ ଶିଷ୍ୟର ସମ୍ପର୍କ ତଥା ଆଧାତ୍ମିକ ଚିନ୍ତାଧାରା ସମ୍ପର୍କରେ ଅତିଥି ବନ୍ଧୁ ଗଣ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଅବସର ପ୍ରାପ୍ତ ଶିକ୍ଷକ ମକୁଳ କୁମାର ଦାସ, ସଫଳ କୃଷକ ଶଙ୍କର୍ଷଣ ମଲ୍ଲିକ ଓ ହଂସଧ୍ୱନି ଅନୁଷ୍ଠାନର ସଂପାଦକ ତଥା ଓଡିଶୀ ନୃତ୍ୟଶିଳ୍ପୀ ସମୀର କୁମାର ପାଣିଗ୍ରାହୀଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ କବି ବିକାଶ ଶତପଥୀ ମଞ୍ଚ ସଂଯୋଜନା କରିଥିଲେ ।ଏହି ଅବସରରେ ବାର୍ଷିକ ମୁଖପତ୍ର ମହକ ଲୋକାର୍ପିତ ହୋଇଥିଲା । ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନାଟକ ଏମିତି ସମ୍ପର୍କ କେହି ଗଢ଼ିନି ମଞ୍ଚସ୍ଥ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ମହାରଣା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଉତ୍ସବରେ ବିଦ୍ୟାଳୟର ଗୁରୁଜୀ ଭରତ ଚନ୍ଦ୍ର ନାୟକ, ଗୁରୁଜୀ ରାମଚନ୍ଦ୍ର ନାୟକ ଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

ଚମ୍ପୁଆ, ୫/୨ (ନି.ପ୍ର): ଭାରସାମ୍ୟ ହରାଇ ବାଇକରୁ ପଡ଼ି ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି । କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ସାନନଇ ଗାଁ ନିକଟରେ ଆଜି ସନ୍ଧ୍ୟା ସମୟରେ ଜଣେ ବାଇକ ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଛନ୍ତି । ଉକ୍ତ ଚାଳକ ଜଣଙ୍କ ଚମ୍ପୁଆ ନିକଟବର୍ତ୍ତୀ ମୟୁରଭଞ୍ଜ ଜିଲ୍ଲା ଫଙ୍ଗୁ ଗାଁର ଭରତ ନାଏକ ବୋଲି ଜଣାପଡିଛି । ସେ ବଡ଼ନଇ ଗ୍ରାମକୁ ରାଜମିସ୍ତ୍ରୀ କାମ କରିବାକୁ ଆସିଥିଲେ । ନିଜର କାର୍ଯ୍ୟସାରି ବାଇକ ଯୋଗେ ଘରକୁ ଫେରିବାବେଳେ ସାନନଇ ଗାଁ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛନ୍ତି । ତାଙ୍କର ମୁଣ୍ଡ ଓ ଗୋଡ଼ରେ ଜୋର୍ ଆଘାତ ଲାଗିଥିବା ବେଳେ ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ମେଡ଼ିକାଲକୁ ଚିକିତ୍ସା ପାଇଁ ପଠାଇ ଥିଲେ । ସେଠାର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିବା ଜଣାପଡିଛି ।

# ଜିଲ୍ଲାରେ ଜନଗଣନା-୨୦୨୭ ପାଇଁ ପ୍ରସ୍ତୁତି ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଝାରସୁଗୁଡ଼ା, ୫/୨ (ନି.ପ୍ର): ଜିଲ୍ଲାରେ ଆଗାମୀ 'ଜନଗଣନା-୨୦୨୭'କୁ ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଏକ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ-ତଥା-ମୁଖ୍ୟ ଜନଗଣନା ଅଧିକାରୀ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜନଗଣନାର ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି କାର୍ଯ୍ୟର ବିସ୍ତୃତ ସମୀକ୍ଷା କରାଯାଇଛି । ଜନଗଣନା କାର୍ଯ୍ୟକୁ ସଠିକ୍ ସମୟରେ ଓ ନିର୍ଭୁଲ ଭାବେ ସମ୍ପାଦନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ଆସନ୍ତା ୧୬ ଏପ୍ରିଲ ୨୦୨୬ ରୁ ୧୫ ମଇ ୨୦୨୬ ପର୍ଯ୍ୟନ୍ତ ଜନଗଣନାର ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ 'ଗୃହ ତାଲିକାକରଣ ଓ ଗୃହ ଗଣନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିସହିତ ସାଧାରଣ ଜନତାଙ୍କ ସୁବିଧା ପାଇଁ ୩୦୧ ଏପ୍ରିଲ ୨୦୨୬ ରୁ ୧୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ନିଜସ୍ୱ ଗଣନା ବ୍ୟବସ୍ଥା ଉପଲବ୍ଧ ହେବ, ଯେଉଁଠାରେ ନାଗରିକମାନେ ନିଜେ ନିଜର ତଥ୍ୟ ପ୍ରଦାନ କରିପାରିବେ । ଏହା ଦେଶର ପ୍ରଥମ 'ଡିଜିଟାଲ ଜନଗଣନା' ହୋଇଥିବାରୁ ଏଥିରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର ଓ ପୌର ନିର୍ବାହୀ ଅଧିକାରୀ ଏବଂ ଅତିରିକ୍ତ ତହସିଲଦାରମାନଙ୍କୁ ମୋବାଇଲ ଆପ୍ ବ୍ୟବହାର ଓ 'ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ' ସମ୍ପର୍କରେ ବିଧିବଦ୍ଧ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)-ତଥା-ଜିଲ୍ଲା ଜନଗଣନା ଅଧିକାରୀ ବ୍ରଜବନ୍ଧୁ ଭୋଇ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଡେପୁଟି କଲେକ୍ଟର (ଜନଗଣନା) ଲୋପାମୁଦ୍ରା କାଲୋ ଉପସ୍ଥିତ ରହି କାର୍ଯ୍ୟଧାରା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପ-ନିର୍ଦ୍ଦେଶକ (ଯୋଜନା ଓ ସଂଖ୍ୟାୟନ) ଦେବେନ୍ଦ୍ର କୁମାର ମଲ୍ଲିକ, ତାରିଣୀ ବେହେରା ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଓଡ଼ିଶା ଜନଗଣନା କାର୍ଯ୍ୟ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାହୁ ଏବଂ ଜିଲ୍ଲା ଦାୟିତ୍ୱରେ ଥିବା ଅଧିକାରୀ ରବି ରଞ୍ଜନ ପ୍ରଶିକ୍ଷାର୍ଥୀମାନଙ୍କୁ ତଥ୍ୟ ସଂଗ୍ରହର ବୈଷୟିକ ଦିଗ ଉପରେ ତାଲିମ ଦେଇଥିଲେ ।

# କୋଦଗାଡ଼ିଆ ୟୁଜିଏମ୍‌ଇ ସ୍କୁଲର ୨୦୦୫ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

କେନ୍ଦୁଝର, ୫/୨ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ କୋଦଗାଡ଼ିଆ ୟୁଜିଏମ୍ଇ ସ୍କୁଲ୍ ର ୨୦୦୫ ମସିହାର ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ମିରିଗିସିଙ୍ଗା ଅନୁଷ୍ଠିତ ହୋଇଯାଇଛି । ମିରିଗିସିଙ୍ଗା ଠାରେ ଅନୁଷ୍ଠିତ ଏହି ବନ୍ଧୁମିଳନ ରେ ପ୍ରାୟ ୩୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଉକ୍ତ ଉତ୍ସବକୁ ପୁରାତନ ଛାତ୍ର ସ୍ୱାବଲମ୍ବନ ମହାନ୍ତ, ଅଜୟ ସେଠୀ, ମଞ୍ଜୁଲତା ନାୟକ, ପ୍ରକାଶ ନାୟକ, ସୁଜାତା ବାରିକ, କନ୍ଦର୍ପ ମହାରଣା, ସତ୍ୟବାନ୍ ବାରିକ୍, ସନ୍ଧ୍ୟାରାଣୀ ମହାନ୍ତ, ଭଜମତି ମୁଣ୍ଡା, ବୀଣାପାଣି ମହାକୁଡ଼, କିସମତ ନାୟକ, ବିଦ୍ୟୁତପ୍ରଭା ମହାନ୍ତ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ୨୧ ବର୍ଷ ପରେ କର୍ମମୟ ଜୀବନରୁ ସମୟ ବାହାରକରି ସାଙ୍ଗମାନେ ଏକାଠି ହୋଇଥିବାରୁ ଖୁସି ମନାଇବା ସହ ପରସ୍ପର ଭାବର ଆଦାନ ପ୍ରଦାନ କରିଥିଲେ । ଭବିଷ୍ୟତ କାର୍ଯ୍ୟପନ୍ଥା ଓ ବହୁବିଧ ବନ୍ଧୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସହଯୋଗର ହାତ ବଢାଇବାକୁ ସମସ୍ତେ ନିଷ୍ପତି ନେଇଥିଲେ ଏହା ସହିତ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ର ଉନ୍ନତି ଓ ଶିକ୍ଷା ନୀତିକୁ ତ୍ୱରାନ୍ୱିତ କରିବା ସହିତ ପ୍ରତେକ୍ଷ ଓ ପରୋକ୍ଷ ଭାବେ ନିଜକୁ ସାମିଲ୍ କରିବାକୁ ନିଷ୍ପତି ନେଇଛନ୍ତି ।




ବର୍ତ୍ତମାନ ସମୟରେ ପ୍ରତିଟି ଘରର ବଡ଼ ଟେନସନ୍ ହେଉଛି ଡାଇବେଟିସ୍ ରୋଗ । ପୂର୍ବରୁ କେବଳ ବୟସ୍କ ବ୍ୟକ୍ତିବିଶେଷଙ୍କୁ ଏହି ରୋଗ ହେଉଥିବା ବେଳେ ବର୍ତ୍ତମାନ କମ୍ ବୟସ୍କ ପିଲା ମଧ ଡାଇବେଟିସର ଶିକାର ହେଉଛନ୍ତି । ଡାଇବେଟିସ୍ ହେଲେ ଆମେ ସଙ୍ଗେ ସଙ୍ଗେ ଭାବୁ ଯେ ଅଧିକ ମିଠା ଖାଇବା ଦ୍ୱାରା ଶରୀରରେ ସୁଗରର ସ୍ତର ବଢ଼ିଥାଏ । କିନ୍ତୁ ଏହା କେବଳ ଏକ ଭ୍ରାନ୍ତ ଧାରଣା ମାତ୍ର । ପାଠକବନ୍ଧୁ ହଁ , ଅଧିକ ମିଠା ଖାଇବା ଦ୍ୱାରା ଡାଇବେଟିସର ଆଶଙ୍କା ବଢ଼େ ନାହିଁ ବରଂ ଶରୀରରେ ଇନସୁଲିନ୍ ପ୍ରତିରୋଧ ହେଲେ ବଢ଼ିଥାଏ । ଇନସୁଲିନ ଏକ ହର୍ମୋନ, ଯାହା କୋଷଗୁଡ଼ିକୁ ଗ୍ଲୁକୋଜ ପହଞ୍ଚାଇଥାଏ । କିନ୍ତୁ ଡାଇବେଟିସ ରୋଗ ହେଲେ ଶରୀର ଇନସୁଲିନ ପ୍ରତି ପ୍ରତିକ୍ରିୟା କରେ ନାହିଁ କିମ୍ବା ଇନସୁଲିନ ଉତ୍ପାଦନ କରେ ନାହିଁ । ଯେଉଁଥିରୁ ଏହା ସ୍ପଷ୍ଟ ହୋଇଯାଏ ଯେ ଡାଇବେଟିସ ସେହି ଲୋକଙ୍କୁ ମଧ ହୋଇପାରେ, ଯେଉଁମାନେ ମିଠା ଖାଇବାକୁ ପସନ୍ଦ କରନ୍ତି ନାହିଁ କିମ୍ବା କମ୍ ମିଠା ଖାଆନ୍ତି । ଏଭଳି ପରିସ୍ଥିତିରେ ଆପଣଙ୍କ ମନରେ ପ୍ରଶ୍ନ ଆସୁଥିବ ଯେ ତେବେ ଲୋକମାନଙ୍କୁ

### ଭାତ :
ଡାଇବେଟିସ୍ ରୋଗୀଙ୍କୁ ଡାକ୍ତର ପ୍ରଥମେ ଭାତ ଖାଇବା ପାଇଁ ମନା କରନ୍ତି । ଯଦି ଆପଣ ଭାତ ପ୍ରେମୀ ଅଟନ୍ତି ଏବଂ ଦିନରାତି ଅଧିକ ପରିମାଣରେ ଭାତର ସେବନ କରନ୍ତି, ତେବେ ଆପଣଙ୍କୁ ଡାଇବେଟିସ ହୋଇପାରେ । ଏପରି ହେବାର କାରଣ ହେଉଛି ଭାତରେ କାର୍ବୋହାଇଡ୍ରେଟର ମାତ୍ରା ଏବଂ ଗ୍ଲାଇସେମିକ ଇଣ୍ଡେକ୍ସ ଅଧିକ ରହିଥାଏ । ଯାହା ରକ୍ତରେ ସୁଗର ସ୍ତରକୁ ହଠାତ୍ ବଢ଼ାଇପାରେ ।

### ମଇଦା :
ସନ୍ଧ୍ୟା ଚା’ ସହିତ ଅଧିକାଂଶ ଭାରତୀୟ ଘରେ ମଇଦାରେ ତିଆରି ସ୍ନାକ୍ସ ଆଇଟମ ପରସା ଯାଇଥାଏ । କିନ୍ତୁ ଏହି ଜିନିଷଗୁଡ଼ିକର ଗ୍ଲାଇସେମିକ ଇଣ୍ଡେକ୍ସ ଅଧିକ ହୋଇଥାଏ । ଏହା ବ୍ୟତୀତ ଏହି ଜିନିଷଗୁଡ଼ିକ ଶରୀରରେ କ୍ୟାଲୋରୀର ମାତ୍ରା ବଢ଼ାଇ ରକ୍ତରେ ସୁଗର ସ୍ତରକୁ ମଧ ଶୀଘ୍ର ବଢ଼ାଇପାରେ ।

### କମ୍ ପାଣି ପିଇବା :
ଡାଇବେଟିସ ରୋଗୀଙ୍କୁ ପର୍ଯ୍ୟାପ୍ତ ମାତ୍ରାରେ ପାଣି ପିଇବା ଉଚିତ୍ । ଶରୀରରେ ପାଣିର ଅଭାବ ହେଲେ ରକ୍ତରେ ସୁଗରର ସ୍ତର ବଢ଼ିପାରେ । ଏଭଳି ପରିସ୍ଥିତିରେ ଦିନସାରା ଅତି କମରେ ତିନିରୁ ଚାରି ଲିଟର ପାଣି ପିଇବା ଦ୍ୱାରା କିଡନିକୁ ଅତିରିକ୍ତ ସୁଗର ବାହାର କରିବାରେ ସାହାଯ୍ୟ ମିଳିଥାଏ ।

### ଚିନି ଥିବା ଫଳ :
ଅଙ୍ଗୁର, କମଳା,ତରଭୂଜ ଏବଂ ଆମ୍ବ ଭଳି ଫଳର ରସରେ ସୁଗରର ମାତ୍ରା ଭଲ ଥାଏ । ଯାହା ରକ୍ତରେ ସୁଗର ସ୍ତରକୁ ବଢ଼ାଇପାରେ । ଏହି ସବୁ ଫଳ ସୁଗର ସ୍ତରକୁ ବଢ଼ାଇପାରନ୍ତି । ଏଭଳି ପରିସ୍ଥିତିରେ ଡାକ୍ତରଙ୍କୁ ପଚାରି ଡାଏଟରେ ସଠିକ ଫଳ ସାମିଲ କରନ୍ତୁ ।

ଡାଇବେଟିସର ଅଭିଯୋଗ କାହିଁକି ଆସେ ? ଆପଣଙ୍କୁ ଏଠାରେ କହିରଖୁଛୁ ଯେ ଡାଇବେଟିସର ସମସ୍ୟା ସେହି ଲୋକମାନଙ୍କଠାରେ ମଧ ଦେଖିବାକୁ ମିଳେ ଯେଉଁମାନେ ସୁସ୍ଥ ଜୀବନଶୈଳୀ ଏବଂ ଡାଏଟକୁ ପାଳନ କରନ୍ତି ନାହିଁ । ଲୋକେ ଜାଣିକରି ହେଉ କିମ୍ବା ଅଜାଣତରେ ଏପରି ଜିନିଷର ସେବନ କରିନିଅନ୍ତି ଯାହା ସ୍ୱାଦରେ ମିଠା ନହେଲେ ମଧ ସେଥିରେ ସୁଗରର ମାତ୍ରା ଅଧିକ ଥାଏ । ଯେଉଁ କାରଣରୁ ଶରୀରରେ ସୁଗରର ସ୍ତର ବଢ଼ିପାରେ । ତେବେ ଆସନ୍ତୁ ଜାଣିବା ଚିନି ବ୍ୟତୀତ ଶରୀରରେ ସୁଗର ସ୍ତର ବଢ଼ାଉଥିବା ଏପରି କିଛି ଦ୍ରବ୍ୟ ବିଷୟରେ ।

**ଆମ ଆଖିରୁ ଝରି ପଡୁଥିବା ଲୁହ କେବଳ ଆମର ଭାବନାକୁ ଦର୍ଶାଏ ନାହିଁ, ବରଂ ଏହା ପଛରେ ଲୁଚି ରହିଥିବା ବୈଜ୍ଞାନିକ ଏବଂ ଚିକିତ୍ସା ଗୁରୁତ୍ୱକୁ ମଧ ଦର୍ଶାଏ । ଲ୍ୟାବ ଟେଷ୍ଟ ଅନୁସାରେ, ଲୁହରେ ଏପରି ଅନେକ ଏନଜାଇମ, ପ୍ରୋଟିନ ଏବଂ ଜୈବ-ରାସାୟନିକ ପଦାର୍ଥ ଥାଏ । ଯାହା ଆମ ଶରୀର ପାଇଁ ଲାଭଦାୟକ ହୋଇପାରେ । ଏହା ଆପଣଙ୍କ ଶରୀର ଏବଂ ମନ ଉଭୟ ପାଇଁ ଲାଭଦାୟକ ହୋଇପାରେ । ସମ୍ପ୍ରତି, ଗବେଷଣାରୁ ଜଣାପଡିଛି ଯେ ଏବେ ଆପଣ ଆପଣଙ୍କ ଆଖିର ଲୁହ ସହିତ ଦୀର୍ଘ ଜୀବନ ବଞ୍ଚିପାରିବେ ଏବଂ ଏହା ଆପଣଙ୍କ ବୈବାହିକ ଜୀବନକୁ ମଧ ଖୁସି ରଖିବ ।**




**ଲୁହ ତିନି ପ୍ରକାରର**

ମୌଳିକ ଲୁହ : ଏହି ଲୁହ ଆଖିରେ ସୃଷ୍ଟି ହୁଏ ଏବଂ ଏହା ଆଖିକୁ ଆର୍ଦ୍ରତା, ପୁଷ୍ଟି ଏବଂ ସୁରକ୍ଷା ମଧ ପ୍ରଦାନ କରେ ।

ପ୍ରତିଫଳନ ବା ରିଫ୍ଲେକଶନ ଲୁହ : ଏହି ଲୁହ ଆଖିରେ କୌଣସି ଜିନିଷର ଧୂଆଁ ହେଲେ, ପିଆଜ କାଟିବା ସମୟରେ କିମ୍ବା କୌଣସି ଜ୍ୱଳନ ଯୋଗୁ ଆଖିରୁ ବାହାରେ । ଏହି ଲୁହ ଆପଣଙ୍କ ଶରୀରର ପ୍ରତିରକ୍ଷା ପ୍ରଣାଳୀ ବିଷୟରେ କହିଥାଏ ।

ଭାବପ୍ରବଣ ଲୁହ ବା ଇମୋଶନାଲ ଟିୟର୍ସ : ସମସ୍ତେ ଏହି ଲୁହ ବିଷୟରେ ଜାଣିଥିବେ । ଏହି ଲୁହ ଦୁଃଖ, କ୍ରୋଧ, ଖୁସି କିମ୍ବା ଚାପ ଯୋଗୁ ବାହାରେ । ଏହି ଲୁହ ଉପରେ ଗବେଷଣା ଆରମ୍ଭ ହୋଇଛି । ଏହି ଗବେଷଣାରେ, ଏହା ଦେଖାଯାଉଛି ଯେ ଏହି ଲୁହ ସାହାଯ୍ୟରେ ଆପଣଙ୍କ ଶରୀରର କେଉଁ ରୋଗର ଚିକିତ୍ସା କରାଯାଇପାରିବ ।

ଏହି ଲୁହରେ କ’ଣ ଅଛି : ଲୁହରେ ଜୀବାଣୁ ନଷ୍ଟ କରୁଥିବା ଏନଜାଇମ ଥାଏ । ଏହାକୁ ଆଣ୍ଟିବ୍ୟାକ୍ଟେରିଆଲ ଉତ୍ପାଦରେ ମଧ ବ୍ୟବହାର କରାଯାଏ । ଏହି ଲୁହର ଦ୍ୱିତୀୟ ଭାଗ ହେଉଛି ଲାକ୍ରିମାଲ ଗ୍ରନ୍ଥିରୁ ନିର୍ଗତ ପ୍ରୋଟିନ ଯାହା ଆଖିକୁ ଆର୍ଦ୍ର ରଖେ । ତୃତୀୟ ଭାଗ ହେଉଛି ହରମୋନ ବାୟୋକେମିକାଲ ଯାହା ଚାପ ସମୟରେ ବାହାରକୁ ଆସେ । ଏହି କାରଣରୁ କୁହାଯାଏ ଯେ ଭାବପ୍ରବଣ କାନ୍ଦିବା ଚାପକୁ ହ୍ରାସ କରେ । ଚତୁର୍ଥ ଭାଗ ହେଉଛି ଏନକେଫାଲିନ ଯାହା ଏକ ପ୍ରାକୃତିକ ଯନ୍ତ୍ରଣା ନିବାରକ ପରି କାମ କରେ । ଏହା ଶରୀରର ଯନ୍ତ୍ରଣାକୁ ହ୍ରାସ କରେ ।

ଗବେଷଣା କ’ଣ କହୁଛି : ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ହେଲ୍ଥ (ଘଓଐ) ଏବଂ ଆମେରିକୀୟ ସାଇକୋଲୋଜିକାଲ ଆସୋସିଏଶନ (ଇଚଇ) ର ରିପୋର୍ଟ ଅନୁସାରେ, ଭାବପ୍ରବଣ କାନ୍ଦିବା ସମୟରେ ଶରୀରରେ ଜମା ହୋଇଥିବା ହରମୋନ ଭାବପ୍ରବଣ କାନ୍ଦିବା ସମୟରେ ବାହାରକୁ ଆସେ । ଯାହା ଦ୍ୱାରା କାନ୍ଦିବା ଶରୀରକୁ ଡିଟକ୍ସିଫାଇ କରେ ଏବଂ ଆପଣଙ୍କୁ ହାଲୁକା ଅନୁଭବ କରାଏ । କାନ୍ଦିବା ପରେ, ଶରୀରରେ ଅକ୍ସିଟୋସିନ ଏବଂ ଏଣ୍ଡୋର୍ଫିନ ବୃଦ୍ଧି ପାଏ, ଯାହା ମନୋଭାବକୁ ଉନ୍ନତ କରେ । ଆପଣଙ୍କୁ ଜଣାଇ ଦେଉଛୁ ଯେ ଲୁହକୁ ଏପର୍ଯ୍ୟନ୍ତ ଚିକିତ୍ସା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇନାହିଁ । ତଥାପି, ଲାଇସୋଜାଇମକୁ ଲୁହ କିମ୍ବା ଲାଳରୁ ପୃଥକ କରି ତ୍ୱଚା କ୍ରିମ, ଆଖି ଡ୍ରପ କିମ୍ବା ସାନିଟାଇଜରରେ ମିଶାଯାଇପାରିବ । ଏହାର ଅର୍ଥ ହେଉଛି ଲୁହ କେବଳ ଆଖିକୁ ସୁରକ୍ଷା ଦିଏ ନାହିଁ ବରଂ ଚାପ କମାଇବା ଏବଂ ଜୀବାଣୁ ସହିତ ଲଢ଼ିବାରେ ମଧ ସାହାଯ୍ୟ କରେ ।

## ଜୀବନସାଥୀ କେମିତି ହେବା ଆବଶ୍ୟ : ଜାଣନ୍ତୁ କ’ଣ କୁହନ୍ତି ଚାଣକ୍ୟ

**ଆଚାର୍ଯ୍ୟ ଚାଣକ୍ୟ ନିଜର ନୀତି ମାଧ୍ୟମରେ ନନ୍ଦ ରାଜବଂଶକୁ ପରାସ୍ତ କରି ତାଙ୍କ ଶିଷ୍ୟ ଚନ୍ଦ୍ରଗୁପ୍ତ ମୋର୍ଯ୍ୟଙ୍କୁ ରାଜା କରିଥିଲେ । ସେବେଠାରୁ ତାଙ୍କର ନୀତି ଓ ଜ୍ଞାନକୁ ଲୋକେ ଜୀବନରେ ଗ୍ରହଣ କରି ଆସୁଛନ୍ତି । କାରଣ ଏହା ଜୀବନକୁ ସରଳ ଓ ସହଜ କରିଥାଏ ।**

ଆଜି ଆସନ୍ତୁ ଜାଣିବା ଚାଣକ୍ୟଙ୍କ ଅନୁଯାୟୀ ସ୍ତ୍ରୀ ଚୟନ ସମୟରେ କେଉଁ ବିଷୟ ଧ୍ୟାନ ରଖିବା ଉଚିତ :

୧-ଶାରୀରିକ ଗୁଣ : ଚାଣକ୍ୟ କୁହନ୍ତି, ଜୀବନସାଥୀ ବାଛିବାର ମାପ କେବେ ବି ଶାରୀରିକ ଆକର୍ଷଣ ହେବା ଉଚିତ ନୁହେଁ । ପ୍ରାୟତଃ ପୁଅମାନେ ମହିଳାଙ୍କ ସୌନ୍ଦର୍ଯ୍ୟକୁ ଦେଖନ୍ତି ଏବଂ ତାଙ୍କ ଗୁଣକୁ ଅଣଦେଖା କରନ୍ତି । ଯେଉଁମାନେ ଏଭଳି କରନ୍ତି ସେମାନେ ବୈବାହିକ ଜୀବନରେ ସର୍ବଦା ଦୁଃଖ ପାଆନ୍ତି ।

୨-ସମ୍ଭ୍ରାନ୍ତ ପରିବାରର ଝିଅଙ୍କୁ ବିବାହ କର : ଚାଣକ୍ୟ କୁହନ୍ତି ଜଣେ ବ୍ୟକ୍ତି ସମ୍ଭ୍ରାନ୍ତ ପରିବାରର ଝିଅକୁ ବିବାହ କରିବା ଉଚିତ । ତାଙ୍କର ରଙ୍ଗ କିଭଳି ଦେଖିବା ଉଚିତ ନୁହେଁ । ରଙ୍ଗ ସ୍ୱାଭାବିକ ହୋଇଥିଲେ ହେଁ ତାଙ୍କର ଗୁଣ କିଭଳି ତାହା ଦେଖିବା ଉଚିତ । ସେହିଭଳି ନିମ୍ନ ଜାତିର ଝିଅଙ୍କୁ ତାଙ୍କର ସୌନ୍ଦର୍ଯ୍ୟ ଦେଖି ବିବାହ କରିବା ଅନୁଚିତ । ଏପରି କରିବାକୁ ଭାବୁଥିଲେ ପ୍ରଥମେ ତାଙ୍କ ଗୁଣଗୁଡ଼ିକୁ ଭଲ ଭାବେ ପରୀକ୍ଷା କରିନିଅନ୍ତୁ ।

ଅଧିକାଂଶ ଲୋକଙ୍କ ପାଇଁ ଚକ୍ଷୁ ପରୀକ୍ଷାର ଅର୍ଥ ହେଉଛି ଏକ ଚାର୍ଟରୁ ଅକ୍ଷର ପଢ଼ି ଚଷମାର ପ୍ୱାର ଜାଣିବା । କିନ୍ତୁ ଆଧୁନିକ ଚକ୍ଷୁ ପରୀକ୍ଷା କେବଳ ଦୃଷ୍ଟିଦୋଷ ସଂଶୋଧନ ପାଇଁ ନୁହେଁ, ବରଂ ଲକ୍ଷଣ ଦେଖାଦେବା ପୂର୍ବରୁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଚିହ୍ନଟ କରିବାର ଏକ ମାଧ୍ୟମ । ସେଥିପାଇଁ ଚକ୍ଷୁ ବିଶେଷଜ୍ଞମାନେ ନିୟମିତ ଚକ୍ଷୁ ପରୀକ୍ଷା ଉପରେ ଗୁରୁତ୍ୱାରୋପ କରନ୍ତି । ଚକ୍ଷୁଡୋଳା ଚାପ ଯାଞ୍ଚ, ରେଟିନା ମୂଲ୍ୟାଙ୍କନ ଭଳି ବ୍ୟାପକ ଚକ୍ଷୁ ପରୀକ୍ଷା ଦ୍ୱାରା ବିଶେଷ କ୍ଷତି ହେବା ପୂର୍ବରୁ ଚକ୍ଷୁରୋଗ ଚିହ୍ନଟ କରିହୁଏ । ଏଥି ସହିତ ନିୟମିତ ଚକ୍ଷୁପରୀକ୍ଷା ଦ୍ୱାରା ଉଚ୍ଚ ରକ୍ତଚାପ, ମଧୁମେହ ଓ ଉଚ୍ଚ କୋଲେଷ୍ଟ୍ରଲ୍ ବିଷୟରେ ମଧ ଜାଣିହେବ । ବିଭିନ୍ନ ବିପଜ୍ଜନକ ଦୃଷ୍ଟି ସମସ୍ୟା ସାଧାରଣତଃ ଶେଷ ପର୍ଯ୍ୟାୟରେ ପରିଲକ୍ଷିତ ହେଉଥିବାରୁ ଚିକିତ୍ସା ଜଟିଳ ହୋଇପଡ଼େ । ତେଣୁ ନିୟମିତ ଯାଞ୍ଚ ଦ୍ୱାରା ପ୍ରାରମ୍ଭିକ ଅବସ୍ଥାରେ ରୋଗ ଚିହ୍ନଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିଲାମାନଙ୍କ କ୍ଷେତ୍ରରେ ଚକ୍ଷୁପରୀକ୍ଷା ଦ୍ୱାରା ଆମ୍ବ୍ଲିଓପିଆ, ଷ୍ଟ୍ରାବିସମସ୍ କିମ୍ବା ପ୍ରତିସରଣ ତ୍ରୁଟି ଧରିହେବ । ସେହିପରି




ବୟସ୍କମାନଙ୍କ କ୍ଷେତ୍ରରେ ମୋତିଆବିନ୍ଦୁ ଚିହ୍ନଟ କରାଯାଇପାରିବ । ଶରୀରର ଅନ୍ୟ ଅଂଶରେ କ’ଣ ଘଟୁଛି ତାହା ମଧ ଆଖିରେ ଆଗୁଆ ପ୍ରତିଫଳିତ ହୋଇଥାଏ । ରକ୍ତବାହୀ ନଳୀ ବା ଅପ୍ଟିକ୍ ସ୍ନାୟୁରେ ପରିବର୍ତ୍ତନ ଲୁପସ୍, ବ୍ରେନ୍ ? ଟ୍ୟୁମର କିମ୍ବା ଅଟୋଇମ୍ୟୁନ୍ ରୋଗକୁ ସୂଚାଇପାରେ । ଶରୀରରେ ଅନ୍ୟତ୍ର ଉଚ୍ଚ ରକ୍ତଚାପ କିମ୍ବା ଉଚ୍ଚ କୋଲେଷ୍ଟ୍ରଲର ଲକ୍ଷଣ ପ୍ରକାଶିତ ହେବା ଆଗରୁ ଚକ୍ଷୁ ଡାକ୍ତରମାନେ ତାହା ଚିହ୍ନଟ କରିପାରନ୍ତି । ମୋଟାମୋଟି ଭାବେ ନିୟମିତ ଚକ୍ଷୁ ପରୀକ୍ଷା ଜୀବନ ରକ୍ଷାକାରୀ ମଧ ହୋଇପାରେ ।

## ସ୍ୱାସ୍ଥ୍ୟ ପାଇ ସଞ୍ଜିବନୀ : ସକାଳୁ ସକାଳୁ ଖାଲି ପାଦରେ ଘାସରେ ଚାଲିବା

ପିଲାବେଳେ ଆଇ,ଜେଜେମା ଖାଲି ପାଦରେ ଘାସ ଉପରେ ଚାଲିବାକୁ କହୁଥିଲେ । ଆଗରୁ ଲୋକମାନେ ମଧ ଖାଲି ପାଦରେ ଘାସ ଉପରେ ପ୍ରତିଦିନ ଚଲାବୁଲା କରୁଥିଲେ କିନ୍ତୁ ଆଧୁନିକ ଧାଁଦଉଡ଼ ଜୀବନରେ ଏହା ବହୁତ କମ୍ ଲୋକ ହିଁ କରିପାରୁଛନ୍ତି । କାହା ପାଖରେ ନିଜ ପାଇଁ ସମୟ ହିଁ ନାହିଁ । କିନ୍ତୁ ଯଦି ଆପଣ ବ୍ୟସ୍ତ ସମୟ ଭିତରୁ ସକାଳର କିଛି ସମୟ ବାହାର କରି ଖାଲି ପାଦରେ ଘାସ ଉପରେ ଚାଲିବେ ତେବେ ଏହାର ଅନେକ ଉପକାର ମିଳିବ । ଘାସ ଉପରେ ଖାଲି ପାଦରେ ଚାଲିବା ହେଉଛି ନେଚୁରୋପାଥିର ଏକ ଟେକ୍ନିକ୍ ଯାହା ମଣିଷକୁ ପ୍ରକୃତି ସହିତ ଯୋଡ଼ିଥାଏ । ଜର୍ଣ୍ଣାଲ୍ ଅଫ୍ ଇନଭାଇରନମେଣ୍ଟ ଆଣ୍ଡ ପବ୍ଲିକ୍ ହେଲ୍ଥର ଏକ ଷ୍ଟଡିରେ କୁହାଯାଇଛି ଯେ ଆଜିକାଲିର ଲୋକ ସବୁଠାରୁ ଖରାପ ସମୟରେ ରହୁଛନ୍ତି କାରଣ ସେମାନଙ୍କର ପରିବେଶ ଏବଂ ପୃଥିବୀ ସହିତ କୌଣସି ସମ୍ପର୍କ ରହୁନାହିଁ । ଷ୍ଟଡିରେ ଦାବି କରାଯାଇଥିଲା ଯେ ଯଦି ପୃଥିବୀର ଇଲେକ୍ଟ୍ରୋନ୍ ସହିତ ମଣିଷ ଯୋଡ଼ି ହୋଇଯାଏ ତେବେ ତା’ ଜୀବନରେ ଅନେକ ମନସ୍ତାତ୍ତ୍ୱିକ ପରିବର୍ତ୍ତନ ଆସିଥାଏ । ଏହା ସମସ୍ତଙ୍କ ପାଇଁ ଏକ ବରଦାନ ସଦୃଶ ।

☐ ଶାନ୍ତିପୂର୍ଣ୍ଣ ନିଦ୍ରା ଆସିବ : ଯଦି ଆପଣ ଖାଲି ପାଦରେ ଘାସ ଉପରେ ଚାଲନ୍ତି ତେବେ ରାତିରେ ଆପଣଙ୍କୁ ଶାନ୍ତିପୂର୍ଣ୍ଣ ନିଦ୍ରା ଆସିବ । ଘାସ ଉପରେ ଖାଲି ପାଦରେ ଚାଲିବା ଏକ ପ୍ରକାର ଶୋଇବା ବଟିକା ପରି କାମ କରିବ । ହେଲ୍ଥର ଏକ ଖବରରେ କୁହାଯାଇଛି ପ୍ରତିଦିନ ସକାଳେ ଅଧ ଘଣ୍ଟା ଖାଲି ପାଦରେ ଚାଲିଲେ ଶୋଇବା ଅଭ୍ୟାସରେ ସକାରାତ୍ମକ ପରିବର୍ତ୍ତନ ଆସିଥାଏ ।

☐ ଫୁଲା କମିଯିବ : ଯେତେବେଳେ ଆମ କୋଷିକାଗୁଡ଼ିକରେ ଫ୍ରି ରେଡିକଲ୍ସ ଭରି ହୋଇଯାଏ ସେତେବେଳେ ସେଥିରେ ଫୁଲା ହୋଇଥାଏ । କୋଷିକାଗୁଡ଼ିକରେ ଫୁଲା ହେବା ଅନେକ ରୋଗର କାରଣ ହୋଇଥାଏ । ଖାଲି ପାଦରେ ଘାସ ଉପରେ ଚାଲିବା ଦ୍ୱାରା ଶରୀରର ଅଙ୍ଗଗୁଡ଼ିକ ସକ୍ରିୟ ହୋଇଯାଆନ୍ତି ଏବଂ ଫୁଲାକୁ ଦୂର କରିଥା’ନ୍ତି । ବାହାରେ ଚାଲିବା ଦ୍ୱାରା ଶରୀରକୁ ସୂର୍ଯ୍ୟକିରଣ ମିଳିଥାଏ ଯାହାଦ୍ୱାରା ଭିଟାମିନ୍ ଡି ମିଳିଥାଏ ।

☐ ମାନସିକ ଶାନ୍ତି : ଅନେକ ଅଧ୍ୟୟନରେ କୁହାଯାଇଛି ଯେ ସକାଳୁ ଚାଲିବା ଦ୍ୱାରା ମାନସିକ



ଶାନ୍ତି ମିଳିଥାଏ । କିନ୍ତୁ ଯଦି ଆପଣ ଖାଲି ପାଦରେ ଚାଲନ୍ତି ତେବେ ଏହାର ଅନେକ ଫାଇଦା ରହିଛି ।

☐ ହୃଦରୋଗ ହେବାକୁ ଦେବ ନାହିଁ : ସକାଳେ ଘାସ ଉପରେ ଖାଲି ପାଦରେ ଚାଲିବାର ସବୁଠାରୁ ବଡ଼ ଫାଇଦା ହେଉଛି ଏହା ହୃଦସ୍ପନ୍ଦନ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ ଯେଉଁ କାରଣରୁ ହୃଦରୋଗର ଆଶଙ୍କା ବହୁତ କମ୍ ହୋଇଯାଏ ।

☐ ଆଖି ପାଇଁ ସହାୟକ : ଖାଲି ପାଦରେ ଘାସ ଉପରେ ଚାଲିଲେ ଆଖିର ଶକ୍ତି ବଢ଼ିଥାଏ । ଘାସ ଉପରେ ଖାଲି ପାଦରେ ଚାଲିବା ଦ୍ୱାରା ପାଦର ଦ୍ୱିତୀୟ ଏବଂ ତୃତୀୟ ଗୋଇଠି ଉପରେ ସବୁଠାରୁ ଅଧିକ ଚାପ ପଡ଼ିଥାଏ । ଏହି ଗୋଇଠିଗୁଡ଼ିକର ସିଧା ସମ୍ପର୍କ ଆଖି ସହିତ ରହିଛି । ତେଣୁ ଖାଲି ପାଦରେ ଚାଲିବା ଆଖିର ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ।

## ଖରାପ ଲାଗିଲେ ବି ସତ : ପୁରୁଷଙ୍କ ପାଖରେ ଅଛି ଏଭଳି...

ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିଶାସ୍ତ୍ରରେ ଅନେକ କିଛି ବର୍ଣ୍ଣନା କରିଛନ୍ତି । ସେ ପୁରୁଷଙ୍କୁ ନେଇ ବହୁତ କଥା କହିଛନ୍ତି । ପୁରୁଷମାନଙ୍କର କେତେକ କଠୋର ସତ ସେ କହିଛନ୍ତି । ତାହା ଖରାପ ଲାଗିଲେ ମଧ ସତ । ତେବେ ସବୁ ପୁରୁଷ ଏକାପରି ହୋଇ ନ ଥାନ୍ତି । ଚାଣକ କହିଛନ୍ତି, ଯେତେବେଳେ ଜଣେ ବ୍ୟକ୍ତି ନିଜର ଶକ୍ତି, ଯୁକ୍ତି କିମ୍ବା ସାମାଜିକ ପ୍ରାଧାନ୍ୟ ହରାଇଥାଏ ସେତେବେଳେ ସେ ଆକ୍ରମଣାତ୍ମକ ହୋଇଯାଏ । ଏହାର ପ୍ରଭାବ ମହିଳାଙ୍କ ଉପରେ ପଡ଼ିଥାଏ । ତେବେ ଏହା ପୁରଷଙ୍କର ଏକ ଦୁର୍ବଳତା ଯାହା ସେମାନଙ୍କର ପ୍ରକୃତ ସ୍ୱଭାବର ଅନ୍ୟମାନଙ୍କ ପାଖରେ ଧରାପଡ଼ିଯାଏ ।

ଅହଂକାର : ପୁରୁଷମାନେ ସମାଜରେ ନିଜକୁ ବହୁ ଦିନ ଧରି ଶ୍ରେଷ୍ଠ ମନେ କରିଆସୁଛନ୍ତି । ଯେତେବେଳେ ଜଣେ ମହିଳା ତାଙ୍କୁ ପଛରେ ପକାଇଦିଏ କିମ୍ବା ପରାସ୍ତ କରେ, ତାଙ୍କର ଅହଂକାର ଭାଙ୍ଗିଯାଏ । ଏହି ଅହଂକାରକୁ ରକ୍ଷା କରିବା ପାଇଁ, ସେ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ମହିଳାଙ୍କୁ ଅପମାନିତ କରିବାକୁ ଚେଷ୍ଟା କରନ୍ତି ।

ପୁରୁଷ-ପ୍ରଧାନ : ସାମାଜିକ ଚିନ୍ତାଧାରା ଏପର୍ଯ୍ୟନ୍ତ ପୁରୁଷପ୍ରଧାନ । ଜଣେ ମହିଳାଙ୍କ ଚରିତ୍ରକୁ ପ୍ରଶ୍ନ କରିବା ସବୁଠାରୁ ସହଜ ଉପାୟ, କାରଣ ସମାଜ ଏହାକୁ ଶୀଘ୍ର ବିଶ୍ୱାସ କରେ ।

ଦୁର୍ବଳତା ଲୁଚାଇବା : ନିଜର ପରାଜୟକୁ ଗ୍ରହଣ କରିବା ପରିବର୍ତ୍ତେ, ଜଣେ ଅସଫଳ ପୁରୁଷ ମହିଳାଙ୍କ ପ୍ରତିଛବିକୁ ମଳିନ କରି ନିଜର ଦୁର୍ବଳତା ଲୁଚାଇବାକୁ ଚେଷ୍ଟା କରନ୍ତି ।

ଯଦିଓ ଏହା ଶତାବ୍ଦୀ ପୂର୍ବରୁ କୁହାଯାଇଥିଲା, ତଥାପି ଆଜି ମଧ ଏହା ସତ୍ୟ ମନେହୁଏ । କର୍ମକ୍ଷେତ୍ରରେ, ରାଜନୀତିରେ, କ୍ରୀଡ଼ାରେ କିମ୍ବା ପରିବାରରେ ମଧ, ଯେତେବେଳେ ମହିଳାମାନେ ପୁରୁଷମାନଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରନ୍ତି, ସେତେବେଳେ ସେମାନଙ୍କୁ ପ୍ରାୟତଃ ଦୋଷ ଦିଆଯାଏ ।

# ପରିବର୍ତ୍ତିତ ପରିବେଶ ଓ ଆଭ୍ୟନ୍ତରୀଣ ବିସ୍ଥାପନ

ଜଳବାୟୁ ପରିବର୍ତ୍ତନ ଆଉ କେବଳ ଏକ ପରିବେଶଗତ ଆଶଙ୍କା ହୋଇ ରହିନାହିଁ, ବରଂ ଏହା ଏକ କଠୋର ସାମାଜିକ ବାସ୍ତବତାରେ ପରିଣତ ହୋଇଛି। ବୁନ୍ଦେଲଖଣ୍ଡର ଶୁଷ୍କ ଭୂମିରୁ ଆରମ୍ଭ କରି ମହାରାଷ୍ଟ୍ରର ମରୁଡ଼ି ପ୍ରପୀଡ଼ିତ ବିଦର୍ଭ ଓ ମରାଠୱାଡ଼ା ପର୍ଯ୍ୟନ୍ତ, ଜଳବାୟୁର ପରିବର୍ତ୍ତିତ ଧାରା ଲକ୍ଷ ଲକ୍ଷ ଲୋକଙ୍କୁ ନିଜର ଭିଟାମାଟି ଛାଡ଼ିବାକୁ ବାଧ କରୁଛି । ଏହି ନୀରବ ସ୍ଥାନାନ୍ତର କେବଳ କିଛି ପରିସଂଖ୍ୟାନ ନୁହେଁ, ବରଂ ଏହା ଭାରତର ଅଗଣିତ ପରିବାରର ଦୁର୍ଦ୍ଦଶା, ଭାଙ୍ଗି ଯାଉଥିବା ସ୍ୱପ୍ନ ଏବଂ ଅନିଶ୍ଚିତ ଭବିଷ୍ୟତର କାହାଣୀ । ଯେତେବେଳେ କୃଷିଭିତ୍ତିକ ଜୀବିକା ଅନିୟମିତ ମୌସୁମୀ ଓ ବାରମ୍ବାର ମରୁଡ଼ି ଯୋଗୁଁ ଧ୍ୱସ୍ତ ହୋଇଯାଏ, ସେତେବେଳେ ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ ସହରକୁ ପଳାୟନ କରିବା ଏକ ବାଧ୍ୟତାମୂଳକ ବିକଳ୍ପ ପାଲଟିଯାଏ । ଏହା ସୁଯୋଗର ସନ୍ଧାନ ନୁହେଁ, ବରଂ ଏକ ବଞ୍ଚିବାର ସଂଘର୍ଷ ।

ଏହି ସଙ୍କଟର ଗଭୀରତାକୁ ବୁଝିବାକୁ ହେଲେ ଆମକୁ ଏହାର କାରଣଗୁଡ଼ିକୁ ବିଶ୍ଳେଷଣ କରିବାକୁ ପଡ଼ିବ । ବୁନ୍ଦେଲଖଣ୍ଡ ପରି ଅଞ୍ଚଳରେ କ୍ରମାଗତ ଭାବେ କମୁଥିବା ବୃଷ୍ଟିପାତ ଏବଂ ବଢୁଥିବା ତାପମାତ୍ରା କୃଷିକୁ ଏକପ୍ରକାର ଜୁଆଖେଳରେ ପରିଣତ କରିଦେଇଛି । ସେହିପରି ବିଦର୍ଭ ଓ ମରାଠୱାଡ଼ାରେ ମରୁଡ଼ିର ପୁନରାବୃତ୍ତି କେବଳ ଫସଲହାନି କରୁନାହିଁ, ବରଂ କୃଷକ ଆତ୍ମହତ୍ୟା ଭଳି ଭୟାବହ ପରିସ୍ଥିତି ମଧ୍ୟ ସୃଷ୍ଟି କରୁଛି । ୨୦୨୩ ମସିହାରେ କେବଳ ଏହି ଦୁଇ ଅଞ୍ଚଳରେ ୨,୫୨୭ ଜଣ ଚାଷୀ ଆତ୍ମହତ୍ୟା କରିଥିଲେ, ଯାହା ସ୍ଥିତିର ଗମ୍ଭୀରତାକୁ ଦର୍ଶାଉଛି । ଏହି ପରିସ୍ଥିତିରେ, ଲୋକମାନେ ନିଜର ଜମିବାଡ଼ି ଛାଡ଼ି ମୁମ୍ବାଇ, ଦିଲ୍ଲୀ, ସୁରଟ ଭଳି ମହାନଗରୀରେ ଦିନ ମଜୁରିଆ, ନିର୍ମାଣ ଶ୍ରମିକ କିମ୍ବା ଢାବା କର୍ମଚାରୀ ଭାବରେ କାମ କରିବାକୁ ବାଧ ହେଉଛନ୍ତି । ଏହି ପ୍ରବାସ କେବଳ ଏକ ଅସ୍ଥାୟୀ ବ୍ୟବସ୍ଥା ନୁହେଁ, ବରଂ ଅନେକ କ୍ଷେତ୍ରରେ ଏହା ଋଣ-ଦାସତ୍ୱର ଏକ ନୂତନ ରୂପ ନେଉଛି, ଯେପରିକି ମହାରାଷ୍ଟ୍ରର ଆଖୁ କ୍ଷେତରେ କାମ କରୁଥିବା ଶ୍ରମିକମାନଙ୍କ କ୍ଷେତ୍ରରେ ଦେଖାଯାଏ ।

ଏହି ଜଳବାୟୁ ପ୍ରବାସର ସାମାଜିକ ପ୍ରଭାବ ଅତ୍ୟନ୍ତ ବ୍ୟାପକ ଏବଂ ବହୁମୁଖୀ। ଯେତେବେଳେ ଗାଁରୁ ପୁରୁଷମାନେ କାମ ସନ୍ଧାନରେ ବାହାରକୁ ଚାଲିଯାଆନ୍ତି, ପଛରେ ରହିଯାଆନ୍ତି ମହିଳା, ଶିଶୁ ଓ ବୃଦ୍ଧ । ଏହାଦ୍ୱାରା ଗ୍ରାମୀଣ ସାମାଜିକ ସଂରଚନା ଦୁର୍ବଳ ହୋଇପଡ଼େ ଏବଂ ମହିଳାମାନଙ୍କ ଉପରେ ଦ୍ୱିଗୁଣିତ ଚାପ ସୃଷ୍ଟି ହୁଏ । ସେମାନଙ୍କୁ କେବଳ ଘର ସମ୍ଭାଳିବାକୁ ପଡ଼େ ନାହିଁ, ବରଂ କୃଷିକାର୍ଯ୍ୟ ଏବଂ ପରିବାରର ସମସ୍ତ ଦାୟିତ୍ୱ ମଧ୍ୟ ତୁଲାଇବାକୁ ପଡ଼େ। ଅନ୍ୟ ପଟେ, ସହରକୁ ଯାଉଥିବା ପ୍ରବାସୀମାନଙ୍କ ଜୀବନ ମଧ୍ୟ ସହଜ ନୁହେଁ। ସେମାନେ ଅସ୍ୱାସ୍ଥ୍ୟକର ବସ୍ତିରେ ରହିବାକୁ ବାଧ ହୁଅନ୍ତି, ଯେଉଁଠାରେ ମୌଳିକ ସୁବିଧା ଯେପରିକି ପରିମଳ, ପାନୀୟ ଜଳ କିମ୍ବା ସ୍ୱାସ୍ଥ୍ୟସେବାର ଘୋର ଅଭାବ ଥାଏ । ସରକାରୀ ଯୋଜନାଗୁଡ଼ିକର ସୁବିଧା ସ୍ଥାନାନ୍ତର ପରେ ସେମାନଙ୍କ ପାଇଁ ଅପହଞ୍ଚ ହୋଇଯାଏ, କାରଣ ସେମାନଙ୍କର ରାସନ କାର୍ଡ କିମ୍ବା ଅନ୍ୟାନ୍ୟ ପରିଚୟ ପତ୍ର ପୁରୁଣା ଠିକଣାରେ ପଞ୍ଜୀକୃତ ହୋଇ ରହିଥାଏ । ଏହା ସେମାନଙ୍କୁ ସାମାଜିକ ସୁରକ୍ଷା ଜାଲରୁ ବାହାର କରିଦିଏ, ଯାହା ସେମାନଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇଥାଏ।

ଏହି ସମସ୍ୟାର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ଜାତୀୟ ସ୍ତରରେ ଏକ ସୁସଙ୍ଗତ ନୀତିର ଅଭାବ। ଇଣ୍ଟରନାଲ ଡିସପ୍ଲେସମେଣ୍ଟ ମନିଟରିଂ ସେଣ୍ଟର (IDMC) ଅନୁଯାୟୀ, ୨୦୨୪ ମସିହାରେ ଭାରତରେ ଜଳବାୟୁ ସମ୍ବନ୍ଧୀୟ ବିପର୍ଯ୍ୟୟ ଯୋଗୁଁ ୫୪ ଲକ୍ଷ ଆଭ୍ୟନ୍ତରୀଣ ବିସ୍ଥାପନ ଘଟିଛି, ଯାହା ଦକ୍ଷିଣ ଏସିଆରେ ସର୍ବାଧିକ । ଏହା ସତ୍ତ୍ୱେ, 'ଜଳବାୟୁ ଶରଣାର୍ଥୀ' ବା "climate refugee' ଭାବରେ କୌଣସି ଆଇନଗତ ସ୍ୱୀକୃତି ନାହିଁ, ଯାହାଫଳରେ ଏହି ବିସ୍ଥାପିତ ଲୋକମାନେ କୌଣସି ସରକାରୀ ସହାୟତା ବା ପୁନର୍ବାସ ଯୋଜନାର ଅନ୍ତର୍ଭୁକ୍ତ ହୋଇପାରୁ ନାହାନ୍ତି । ଜାତୀୟ ଏବଂ ରାଜ୍ୟ ସ୍ତରୀୟ ଜଳବାୟୁ କାର୍ଯ୍ୟ ଯୋଜନାଗୁଡ଼ିକରେ ଜଳବାୟୁ-ପ୍ରେରିତ ପ୍ରବାସକୁ ସିଧାସଳଖ ସମାଧାନ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ । ଏହି ନୀତିଗତ ଶୂନ୍ୟତା ସଙ୍କଟକୁ ଆହୁରି ଜଟିଳ କରୁଛି।

ତେଣୁ, ଏହି ସମସ୍ୟାର ସମାଧାନ ପାଇଁ ଏକ ବହୁମୁଖୀ ଏବଂ ସନ୍ତୁଳିତ ଦୃଷ୍ଟିକୋଣ ଆବଶ୍ୟକ । ପ୍ରଥମତଃ, ସ୍ଥାନୀୟ ସ୍ତରରେ ଜଳବାୟୁ ଅନୁକୂଳନ (climate adaptation) ପଦକ୍ଷେପକୁ ମଜବୁତ କରିବାକୁ ପଡ଼ିବ । ଏଥିରେ ଜଳ ସଂରକ୍ଷଣ, ମରୁଡ଼ି-ପ୍ରତିରୋଧୀ ଫସଲକୁ ପ୍ରୋତ୍ସାହନ ଏବଂ କୃଷି ବ୍ୟତୀତ ଅନ୍ୟ ଜୀବିକା ସୁଯୋଗ ସୃଷ୍ଟି କରିବା ଅନ୍ତର୍ଭୁକ୍ତ । ଦ୍ୱିତୀୟତଃ, ଯେଉଁମାନେ ସ୍ଥାନାନ୍ତର ହେବାକୁ ବାଧ ହେଉଛନ୍ତି, ସେମାନଙ୍କ ପାଇଁ ଏକ ଜାତୀୟ ନୀତି ପ୍ରଣୟନ କରାଯିବା ଜରୁରୀ । ଏହି ନୀତିରେ 'ଜଳବାୟୁ ପ୍ରବାସୀ'ଙ୍କୁ ଆଇନଗତ ସ୍ୱୀକୃତି ଦେବା ସହିତ ସେମାନଙ୍କ ପାଇଁ ସହରାଞ୍ଚଳରେ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସମ୍ମାନଜନକ ଜୀବନଶୈଳୀ ସୁନିଶ୍ଚିତ କରିବାକୁ ହେବ । ସ୍ଥାନାନ୍ତରକୁ ଏକ ସଙ୍କଟ ଭାବରେ ଦେଖିବା ପରିବର୍ତ୍ତେ, ଏହାକୁ ଜଳବାୟୁ ପରିବର୍ତ୍ତନର ଏକ ଅବଶ୍ୟମ୍ଭାବୀ ପରିଣାମ ଭାବରେ ଗ୍ରହଣ କରି ଏକ ମାନବୀୟ ଏବଂ ଦୀର୍ଘମିଆଦୀ ସମାଧାନର ରାସ୍ତା ଖୋଜିବାର ସମୟ ଆସିଛି । ଏହା କେବଳ ଏକ ଅର୍ଥନୈତିକ ବା ପରିବେଶଗତ ପ୍ରସଙ୍ଗ ନୁହେଁ, ବରଂ ଏହା ମାନବିକ ଅଧିକାର ଏବଂ ସାମାଜିକ ନ୍ୟାୟର ପ୍ରଶ୍ନ।

# ସଫଳତା ପାଇଁ ବ୍ୟଗ୍ର ମାନସିକତା



**ଅର୍ଜୁନ ଘଡ଼େଇ**

ଜୀବନରେ ପ୍ରତ୍ୟେକ କ୍ଷେତ୍ରରେ, ସବୁ ସମୟରେ, ସଫଳତା ପାଇବା ପାଇଁ ଆମେ ସମସ୍ତେ ବ୍ୟଗ୍ର। ଆମର ଏଇ ବ୍ୟଗ୍ର ମାନସିକତା ଆମକୁ ଏତେ ଅଣନିଃଶ୍ୱାସୀ କରିଦିଏ ଯେ ଆମେ ସ୍ଥିରୀକୃତ କାର୍ଯ୍ୟଟିକୁ ଶୃଙ୍ଖଳିତ ଉପାୟରେ ନିର୍ବାହ କରିବାରେ ବେଳେବେଳେ ଅସଫଳ ହେଉ ଯାହା ଆମକୁ ମାନସିକ ଅଶାନ୍ତି ବି ଦେଇଥାଏ। ଅତୀତରେ ବା ବର୍ତ୍ତମାନ ଯେଉଁମାନେ ବିଭିନ୍ନ କାର୍ଯ୍ୟରେ କ୍ଷେତ୍ର ପ୍ରସ୍ତୁତ କରି ପରିଶ୍ରମ ଯୋଗୁ ସଫଳତା ପାଇଛନ୍ତି ସେମାନେ ଏଥିପାଇଁ ଅନେକ ଗୁଣକୁ ଆଧାର କରି କର୍ତ୍ତବ୍ୟ ସଂପାଦନ କରିଛନ୍ତି। କାର୍ଯ୍ୟଟି କରିବା ପୂର୍ବରୁ ବାରମ୍ବାର ତର୍ଜ୍ଜମା, ଆଲୋଚନା ପରେ ସ୍ଥିରୀକୃତ ନିର୍ଣ୍ଣୟ ବା ନିଷ୍ପତ୍ତି, ଦୃଢ଼ ସଂକଳ୍ପ, ଅସୀମ ଧୈର୍ଯ୍ୟ, ଗଭୀର ଆତ୍ମବିଶ୍ୱାସ, କଠିନ ସାଧନା ଆଦି କରିବାକୁ ପଡ଼ିଥାଏ। ତେଣୁ ସଫଳତା ପାଇବା ସହଜ ହୁଏ। ଆମେ ଯେଉଁମାନେ ପ୍ରତ୍ୟେକ କାର୍ଯ୍ୟର ଅଳ୍ପ ସମୟରେ ସଫଳତା ପ୍ରାପ୍ତି ପାଇଁ ବ୍ୟସ୍ତ, ବିବ୍ରତ ହୋଇପଡୁଛେ ସେଥିପାଇଁ ଉପରୋକ୍ତ ଗୁଣଗୁଡ଼ିକୁ କେତେଦୂର ଗ୍ରହଣ କରିଛେ ଆତ୍ମ ବିଶ୍ଳେଷଣ କରିବା ଉଚିତ। ପ୍ରତ୍ୟେକ ମହତ୍ କାର୍ଯ୍ୟରେ କୃତକାର୍ଯ୍ୟ ହେବାର ଆଶା ରଖିବା ଅନୁଚିତ୍ ନୁହେଁ। କାର୍ଯ୍ୟଟିର ସଫଳତା ପାଇଁ ସମୁଚିତ ପଦକ୍ଷେପ ସହ, ସନ୍ତୁଳିତ ଚିନ୍ତାଧାରା ଆବଶ୍ୟକ।

ପ୍ରଥମେ କାର୍ଯ୍ୟଟିର ବିଶ୍ଳେଷଣାତ୍ମକ ନିଷ୍ପତ୍ତି ନେବା ଆବଶ୍ୟକ। ଏଥିପାଇଁ ସମଚିନ୍ତାଧାରାର ବ୍ୟକ୍ତିବିଶେଷଙ୍କ ସହ ପରାମର୍ଶ, ଅଭିଜ୍ଞତାକୁ ଗ୍ରହଣ କରାଯିବା ସହ ଔଚିତ୍ୟବୋଧ, ସଂଯୁକ୍ତ ଅନୁଷ୍ଠାନ, ସଂଗଠନ ଆଦିର ସହାୟତା, ସମୟ ସାପେକ୍ଷ ନୀତି ନିର୍ଦ୍ଧାରଣ କରିବା ଉଚିତ। ନିଷ୍ପତ୍ତି ନେବାରେ ଏକନିଷ୍ଠଭାବ, କାର୍ଯ୍ୟଟିକୁ ସଫଳତା ଦିଗରେ ଅଗ୍ରସର କରାଏ। ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବାପାଇଁ ସ୍ଥିର ନିଷ୍ପତ୍ତିର ଜରୁରୀ ଆବଶ୍ୟକତା ଥାଏ। ଏଥି ସହ କାର୍ଯ୍ୟଟିର ପୂର୍ଣ୍ଣାଙ୍ଗ ପ୍ରାପ୍ତି ପର୍ଯ୍ୟନ୍ତ ମାନସିକ ସ୍ତରରେ ଦୃଢ଼ ସଂକଳ୍ପ ନେବାର ପ୍ରୟୋଜନୀୟତା ରହିଛି। ନିଷ୍ପତ୍ତି ଓ ସଂକଳ୍ପ ଏକାକଥା ନୁହେଁ। ନିଷ୍ପତ୍ତି ଜଣଙ୍କର ବା ଗଣଙ୍କର ହୋଇପାରେ। ସଂକଳ୍ପିତ ପ୍ରାଣ ହିଁ ନିଷ୍ପତ୍ତିର ନିର୍ବାହକ ହୋଇଥାନ୍ତି। କାର୍ଯ୍ୟରେ ସଫଳତା ପାଇଁ ପରିବର୍ତ୍ତିତ ନିଷ୍ପତ୍ତି ସଂକଳ୍ପକୁ ପଥଚ୍ୟୁତ କରେ ! ସଂକଳ୍ପ ନରହିଲେ ସିଦ୍ଧିପ୍ରାପ୍ତ ହେବା ସମ୍ଭବ ନୁହେଁ। କୌଣସି ଚିନ୍ତା ନକରି ତରବରିଆ ଭାବେ ନିଷ୍ପତ୍ତି ନେଲେ କାର୍ଯ୍ୟତ ସଫଳ ହୁଏନି ବିଫଳତାର ଗ୍ଲାନି ସହ୍ୟ କରିବାକୁ ପଡ଼େ। ବିଫଳତା ମିଳୁପଛେ ମନରେ ଦୃଢ଼ ସଂକଳ୍ପ ଥିଲେ ପୁଣି ଆଗକୁ ବଢ଼ିବାର ପ୍ରୟାସ ଜାରି ରୁହେ। ଏହା ଆମେ ଆମ ସାମାଜିକ ଜୀବନରୁ ବି ଶିଖିଛେ। ପିଲାଟିଏ ଛାତି, ପିଠିକୁ ଏପଟ ସେପଟ କରିବା ପରେ ଗୁରୁଣ୍ଡିବାକୁ ପ୍ରୟାସ କରେ। ଆଣ୍ଠୁ ଗଣ୍ଠି ଛିଡୁ, କି ରକ୍ତାକ୍ତ ହେଲେ ବି କାନ୍ଥ, କବାଟ କି ଅନ୍ୟ କିଛି ଆଶ୍ରୟ ଧରି ଛିଡ଼ା ହୁଏ ନିଜ ଗୋଡ଼ରେ। ଏଥିପାଇଁ ଶିଶୁ ମନରେ ଥିବା ଆତ୍ମବିଶ୍ୱାସ, ପ୍ରଚେଷ୍ଟା, ଆଗ୍ରହ ଆଦିକୁ ଆମେ ଅଣଦେଖା କରିଥାଉ। କିନ୍ତୁ ତାର ମାନସିକ ସାମର୍ଥ୍ୟ ଓ ସଂକଳ୍ପ ଓ ଶକ୍ତି ହିଁ ନିଜ ଗୋଡ଼ରେ ଛିଡ଼ା ହେବା, ଆଗକୁ ପାଦ ପକେଇ ଚାଲି ଶିଖିବା, ସଫଳତା ପ୍ରାପ୍ତିର ଏକ ସରଳ ଉଦାହରଣ। ଆମେ ଅନେକ କିନ୍ତୁ ଶୀଘ୍ର ସଫଳତା ପାଇବା ପାଇଁ ଅଧିକ ବ୍ୟଗ୍ର ମାନସିକତାରେ ବ୍ୟସ୍ତ, ବିବ୍ରତ ହୋଇପଡୁଛେ। କଷ୍ଟଲବ୍ଧ ସଫଳତା ପ୍ରାପ୍ତି ଆମର ଆତ୍ମ-ସଂଯୁକ୍ତ ଚିନ୍ତାଧାରା ହେବା ଉଚିତ।

ଧୃତି ବା ଧୈର୍ଯ୍ୟ ମଣିଷର ଏପରି ଏକ ସୁଗୁଣ ଯାହା ତାକୁ ଜୀବନର ପ୍ରତ୍ୟେକ କାର୍ଯ୍ୟରେ ଅନୁକୂଳ ବା ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ଶକ୍ତି ପ୍ରଦାନ କରେ, ବ୍ୟକ୍ତିତ୍ୱ ପରିଚୟ ଦିଏ ଓ ସଫଳତା ପ୍ରାପ୍ତିରେ ସହାୟତା ପ୍ରଦାନ କରେ। କାର୍ଯ୍ୟ କରିବା ଭିତରେ ବିନଷ୍ଟକାରୀ ଶକ୍ତିମାନଙ୍କର ଅନୁପ୍ରବେଶ, ରକ୍ତାକ୍ତ, କ୍ଷତାକ୍ତ, ହେବାର ଭୟ ନିନ୍ଦା-ଅପମାନ, ତାଚ୍ଛଲ୍ୟକୁ ସାମ୍ନା କରିବାପାଇଁ ସହନଶୀଳତା ଭାବ ନିଜ ହୃଦୟ ଓ ମନରେ ସୃଷ୍ଟି ହେବା ଆବଶ୍ୟକ। ସହିବାର ଶକ୍ତି ରହିଲେ ବୋହିବାର କଷ୍ଟ ଲାଘବ ହୁଏ। ଅସହିଷ୍ଣୁତା ନିଜର କାର୍ଯ୍ୟ କରିବାର ପରିସୀମାକୁ ଧୂମାୟିତ କରେ ଦିଗହରା ବି କରିଦିଏ। ଏଥିପାଇଁ ସତର୍କତା ଓ ସହିଯିବା ଗୁଣ, ବ୍ୟକ୍ତିଟିକୁ ଲକ୍ଷ୍ୟ ହାସଲ ପାଇଁ ପ୍ରତିରୋଧକୁ ସାମ୍ନା କରିବାରେ ସହାୟତା କରେ ଓ ସଫଳତା ପ୍ରଦାନ କରେ। କିନ୍ତୁ ବ୍ୟସ୍ତତା ଓ ବ୍ୟଗ୍ରତା ଧୈର୍ଯ୍ୟଚ୍ୟୁତି ଘଟାଏ ଅସ୍ଥିରତା ସୃଷ୍ଟି କରେ।

ଆତ୍ମ ବିଶ୍ୱାସର ସହ କାର୍ଯ୍ୟ କଲେ କାର୍ଯ୍ୟପ୍ରତି ଅନୁରକ୍ତି, ତ୍ୟାଗ, ମନୋଭାବ ସୃଷ୍ଟି ହୁଏ। ନିଜ ଭିତରେ ସୃଷ୍ଟି ହେଉଥିବା ଦ୍ୱନ୍ଦାତ୍ମକ ପରିସ୍ଥିତି, ସହଜରେ ଅତିକ୍ରମ କରିବାର ଆବେଗ ମନ ଭିତରେ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ସୃଷ୍ଟି କରନ୍ତି। ଗଭୀର ଆତ୍ମ ଯୋଗୁ ଅନ୍ତରରେ ବିଲକ୍ଷଣ, ବିସ୍ମୃତି ଆଦି ଦୂର ହୁଏ। ଯେ କୌଣସି କାର୍ଯ୍ୟରେ ସଫଳତା ପ୍ରାପ୍ତି ପାଇଁ ଦୃଢ଼ ଆତ୍ମବିଶ୍ୱାସ ରହିବା ଜରୁରୀ ଅନ୍ୟଥା ଲକ୍ଷ୍ୟ ସ୍ଥଳରେ ପହଁଞ୍ଚିବା କଷ୍ଟ ସାଧ ହୁଏ। ପ୍ରଚଣ୍ଡ ନଦୀ ସ୍ରୋତରେ ପାରି ହେବା ଲକ୍ଷ୍ୟରେ ନାଆରେ ବସିଥିବା ଯାତ୍ରୀ ଅନ୍ୟ କୂଳରେ ପହଁଞ୍ଚିବା ପାଇଁ ମନରେ ଆଶଙ୍କା, ବିବ୍ରତ ଭାବ ମନରେ ସୃଷ୍ଟି କରୁଥିବା ବେଳେ ନାବିକର ଆତ୍ମବିଶ୍ୱାସ ହିଁ ନିର୍ଦ୍ଦିଷ୍ଟ ସ୍ଥାନରେ, ନିର୍ବିଘ୍ନରେ ନାଆଟି ମୂଳରେ ଲଗେଇବାରେ ସମର୍ଥ ହୋଇଥାଏ। ତେଣୁ ସଫଳତା ପ୍ରାପ୍ତି ପାଇଁ ମାନସିକ ଚେତନାରେ ଗଭୀର ଆତ୍ମ ବିଶ୍ୱାସ ହିଁ ଉପାଦେୟ ଉପାଦାନ। ମାନସିକ ଚଞ୍ଚଳତା କାରଣରୁ ଆମ ସଫଳତା ପ୍ରାପ୍ତିରେ ବ୍ୟତିକ୍ରମ ସୃଷ୍ଟି ହୁଏ। କଠିନ ସାଧନା, ଶୃଙ୍ଖଳିତ କାର୍ଯ୍ୟ ନିର୍ବାହ ପ୍ରଣାଳୀ, ମାନସିକ ସ୍ଥିରତା ଆଦି ଆମ ସଫଳତା ପ୍ରାପ୍ତିର ସହଯୋଗୀ ଓ ସହଭାଗୀ ଆଦି ତତ୍ତ୍ୱ ସେ ସବୁକୁ ପାଥେୟ କରି ଚାଲିବା ସହ ଈଶ୍ୱର, ଚିନ୍ତନ ସଫଳତାକୁ ଅଦୃଷ୍ଟ ଶକ୍ତି ପ୍ରଦାନ କରିଥାଏ। ଆମେ ପ୍ରତ୍ୟକ୍ଷ ଭାବେ ଅନୁଭବ କରି ନପାରିଲେ ବି ଅନେକଙ୍କର ପ୍ରଚ୍ଛନ୍ନ ଆଶୀର୍ବାଦ ଆମ ସଫଳତାର ମାର୍ଗ ପ୍ରଶସ୍ତ କରିଥାଏ। ଅତୀତରେ ବା ସାଂପ୍ରତିକ ସମୟରେ ଯେଉଁମାନେ ସଫଳତା ପାଇଥିଲେ ବା ପାଇଛନ୍ତି ସେମାନଙ୍କର ଆତ୍ମଜୀବନୀକୁ ଅନୁଧ୍ୟାନ ବା ଅନୁଶୀଳନ କଲେ ଆମ ମନରେ ସଫଳତା ପ୍ରାପ୍ତିର ମାର୍ଗ ନିର୍ଣ୍ଣୟ ଓ କାର୍ଯ୍ୟଧାରା ଆହୁରି ସଶକ୍ତ ହୋଇଥାଏ। ବୈଜ୍ଞାନିକ, ଶିଳ୍ପୀ, କାରୀଗର, ସାହିତ୍ୟିକ, ଉଦ୍ୟୋଗୀ, ସମାଜ ସଂସ୍କାରକ ଆଦି ଅନେକ ମହାନ୍ ବ୍ୟକ୍ତିଙ୍କ ସଫଳତା ପଛରେ ସେମାନଙ୍କର କର୍ତ୍ତବ୍ୟ ନିଷ୍ଠା, ଧୈର୍ଯ୍ୟ, ସହନଶୀଳତା, ସ୍ଥିରତା, ଆତ୍ମ ବିଶ୍ୱାସ ଆଦି ଭାବ ନିଜ ଭିତରେ ବଳବତ୍ତର କରିଥିଲେ ତାହା ତାଙ୍କୁ ସଫଳତାର ଶୀର୍ଷରେ ପହଁଞ୍ଚାଇଥିଲା। ଗାଲିଲିଓ, ଟଲଷ୍ଟୟ ଠାରୁ ଆରମ୍ଭ କରି ସ୍ୱାଧୀନତା ପ୍ରାପ୍ତି ପାଇଁ ଗାନ୍ଧୀ ବିଚାରଧାରା କିମ୍ବା ଉଦ୍ୟୋଗ ପାଇଁ ଏଲନ୍ ମସ୍କଙ୍କ ପର୍ଯ୍ୟନ୍ତ ସମସ୍ତ ମହାନ୍ ବ୍ୟକ୍ତିତ୍ୱ ମାନେ ଏଇଥିପାଇଁ ଆମର ପ୍ରଣମ୍ୟ ଓ ନମସ୍ୟ ଯେ ସେମାନେ ଜୀବନରେ ଯେଉଁ ସଫଳତା ପାଇଛନ୍ତି ସେ ସବୁ ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ, ଅନୁଶୀଳନର ବିଷୟ। ତେଣୁ ସଫଳତା ପ୍ରାପ୍ତି ପାଇଁ ସହଜ ଓ ଶୀଘ୍ର ଉପାୟ ନିର୍ଣ୍ଣୟ କରି ମନରେ ବ୍ୟସ୍ତତା, ବ୍ୟଗ୍ରତା ମାନସିକତା ଆମ ଅଦୂରଦର୍ଶୀତା, ଭାବନା ନୁହେଁ କି ? କଷ୍ଟ କଲେ କୃଷ୍ଣ ମିଳନ୍ତି ଏହା ଆମ ଆଧାତ୍ମିକ ଚିନ୍ତାଧାରା। ମାର୍ଗ କିନ୍ତୁ ଏତେ ସହଜ ନୁହେଁ। ସଫଳତା ପ୍ରାପ୍ତି ପାଇଁ ବ୍ୟଗ୍ର ମାନସିକତା ଆମକୁ ଠିକ୍ ସ୍ଥାନରେ ପହଞ୍ଚାଇନଥାଏ, ବରଂ ଭୁଲ ମାର୍ଗ ପ୍ରଦର୍ଶନ କରି କଷ୍ଟ ପ୍ରଦାନ କରେ। ସହଜରେ ସଫଳତା ପ୍ରାପ୍ତି ବି ଦୀର୍ଘ ସ୍ଥାୟୀ ନୁହେଁ। କଷ୍ଟ ପ୍ରାପ୍ତି ସଫଳତା ମନ, ପ୍ରାଣ ହୃଦୟକୁ ଶାନ୍ତି ପ୍ରଦାନ କରେ ଏହା ସୁନିଶ୍ଚିତ।


+ଅବସରପ୍ରାପ୍ତ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ
ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ
ମୋ-୯୪୩୮୦୪୮୬୧୫


# ଭାସ୍କରାଚାର୍ଯ୍ୟଙ୍କ ଲୀଳାବତୀ



**ଶ୍ରୀବତ୍ସ ନାୟକ**

ଭାରତୀୟମାନେ ଯେତେବେଳେ ପଥର ଉଠାନ୍ତି, ସେତେବେଳେ ଭବ୍ୟ ମନ୍ଦିର ନିର୍ମାଣ କରନ୍ତି ନଚେତ୍ ଅଲଂଘ୍ୟ ସମୁଦ୍ର ଉପରେ ସେତୁବନ୍ଧ ବସାଇଥାନ୍ତି । ଯେତେବେଳେ ପ୍ରେମ କରନ୍ତି, ସେତେବେଳେ ଗୀତଗୋବିନ୍ଦ ଓ ଲୀଳାବତୀ ସୂତ୍ର ଭଳି ମହାନ ପରୋପକାର ଗ୍ରନ୍ଥମାନ ରଚନା କରନ୍ତି ଓ ଏହା ହେଉଛି ଭାରତୀୟ ସଂସ୍କୃତିର ବିଶେଷତ୍ୱ ।

ମହାରାଷ୍ଟ୍ର ଜନ୍ମିତ (ମସିହା ୧୧୧୪) ପ୍ରସିଦ୍ଧ ଜ୍ୟୋତିର୍ବିଦ୍ ଓ ଗଣିତଜ୍ଞ ହେଉଛନ୍ତି ଭାସ୍କରାଚାର୍ଯ୍ୟ। ଭାସ୍କରାଚାର୍ଯ୍ୟଙ୍କ କନ୍ୟା ହେଉଛନ୍ତି ଲୀଳାବତୀ । ଲୀଳାବତୀ ଯେପରି ବୁଦ୍ଧିମତୀ ଥିଲେ ଠିକ୍ ସେପରି ସୁନ୍ଦରୀ ମଧ୍ୟ ଥିଲେ । ଯେତେବେଳେ ତାଙ୍କର ବିବାହ ବୟସ ଉପସ୍ଥିତ ହେଲା,ପିତା ଭାସ୍କରାଚାର୍ଯ୍ୟ ଗଣନା କରି ଜାଣିପାରିଲେ ଯେ, ଲୀଳାବତୀ ବିବାହ ସିନା କରିବେ, ମାତ୍ର ଖୁବ୍ ଅଳ୍ପ ଦିନରେ ସେ ବିଧବା ହୋଇଯିବେ । ପୁନଶ୍ଚ ସେ ଗଣନା କରି ଜାଣିପାରିଲେ, ଯଦି ଠିକ୍ ଲଗ୍ନରେ ବିବାହ କାର୍ଯ୍ୟ ସମାପନ କରାଯାଏ, ତେବେ ବିଧବା ଦଶା କଟିଯାଇପାରେ । ସୁତରାଂ ସେ ଠିକ୍ ଲଗ୍ନରେ ବିବାହକାର୍ଯ୍ୟ ସମ୍ପନ୍ନ କରିବାକୁ ମନସ୍ଥ କଲେ । ସେତେବେଳେ ତ ଆଉ ଆଜିକାଲି ପରି ସମୟ ଜାଣିବା ପାଇଁ ଘଣ୍ଟା ନଥାଏ, ତେଣୁ ଠିକ୍ ସମୟ ଜାଣିବା ନିମନ୍ତେ ଗୋଟିଏ ମାଠିଆରେ କଣାଟିଏ କରି ଭାସ୍କରାଚାର୍ଯ୍ୟ ପାଣିପାତ୍ରରେ ତାହା ଭସାଇଦେଲେ । ସେହି କଣାବାଟେ ମାଠିଆ ଭିତରକୁ ପାଣି ଧୀରେ ଧୀରେ ପଶି ଯେତେବେଳେ ଭର୍ତ୍ତି ହୋଇଯିବ, ସେତେବେଳେ ଏହା ବିବାହର ଠିକ୍ ସମୟ ବୋଲି ଧରାଯିବ । ହେଲେ ବିଧିର ବିଧାନ ତ ବଡ ବିଚିତ୍ର । ସେଦିନ ଅଳଙ୍କାର ପିନ୍ଧି ଲୀଳାବତୀ କାହିଁକି ମାଠିଆ ଭିତରକୁ ଚାହିଁଦେଲେ । ଠିକ୍ ଏତିକିବେଳେ ତାଙ୍କ ମଥାମଣିରୁ ମୁକ୍ତାଟିଏ ଖସି ସେ ମାଠିଆ ଭିତରେ ପଡି ଛିଦ୍ରଟିକୁ ବନ୍ଦ କରିଦେଲା । ଫଳରେ ସେଇଠି ପାଣି ଅଟକିଗଲା । ସୁତରାଂ ସେ ମାଠିଆ ଆଉ ଜଳପୂର୍ଣ୍ଣ ହେଲା ନାହିଁ । ଜଳପୂର୍ଣ୍ଣ ନ ହେବାର କାରଣ ପରେ ଜଣାପଡିଲେ ମଧ୍ୟ ସେତେବେଳକୁ ଆଉ କିଛି ବି ଉପାୟ ନ ଥିଲା । ଶେଷରେ ବାହାଘର କାର୍ଯ୍ୟ ସମ୍ପନ୍ନ ହେଲା । ସତକୁ ସତ ବିବାହର ଖୁବ୍ ଅଳ୍ପଦିନ ପରେ ଲୀଳାବତୀ ବିଧବା ହୋଇଗଲେ । ତା'ପରେ ସେ ତାଙ୍କ ବାପଘରକୁ ଫେରି ଆସିଲେ । ତାଙ୍କର ପିତା ଜଣେ ପ୍ରସିଦ୍ଧ ଗଣିତଜ୍ଞ ଥିବାରୁ ତାଙ୍କ ଠାରୁ ଗଣିତ ଜ୍ଞାନ ଆହରଣ କରିବାରେ ଲାଗିଲେ । ତତ୍କାଳୀନ ସମୟରେ ଭାରତରେ ଗଣିତ ଶିକ୍ଷା ପ୍ରଧାନତଃ ପରିବାରକେନ୍ଦ୍ରିକ ଥିଲା। ପିତା ନିଜ ଜ୍ଞାନ ଓ ଟିକାକୁ ପୁତ୍ରଙ୍କୁ ଦେଉଥିଲେ। ସେ ସମୟରେ ନାରୀମାନଙ୍କର ଗଣିତରେ ଭୂମିକା ବହୁତ ସୀମିତ ଓ ପ୍ରାୟ ଅସ୍ତିତ୍ୱହୀନ ଥିଲା । ଧର୍ମୀୟ ଧାରଣା ଗଣିତ ଧାରଣା ସହିତ ବେଶ୍ ଜଡିତ ଥିଲା ଏହି କାରଣରୁ ଟିକା ରଚନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। କିନ୍ତୁ ଲୀଳାବତୀ ଜଣେ ବିଚକ୍ଷଣ ପ୍ରତିଭା ସମ୍ପନ୍ନ ନାରୀ ହୋଇଥିବାରୁ ଭାସ୍କରାଚାର୍ଯ୍ୟଙ୍କ ଠାରୁ ଗଣିତ ଶାସ୍ତ୍ରର ପ୍ରୟୋଗ ତଥା କୌଶଳକୁ ଅକ୍ଲେଶରେ ଗ୍ରହଣ କଲେ । କାଳକ୍ରମେ ଅଙ୍କ ବିଦ୍ୟାରେ ପିତାଙ୍କଠାରୁ ବଳି ଅସାଧାରଣ ଜ୍ଞାନ ତାଙ୍କର ଆସିଗଲା ଫଳରେ ବାପା ଓ ଝିଅ ଉଭୟ ମିଶି ବୀଜଗଣିତ ଉପରେ ବିଭିନ୍ନ ଆଲୋଚନା କରି ତାର ସମାଧାନ ପାଇଁ ସରଳ ସୂତ୍ରମାନ ନିର୍ଦ୍ଧାରଣ କରିବାରେ ବ୍ୟସ୍ତ ରହିଲେ । କଠିନ ଗଣିତଗୁଡିକ ସରଳ ସୂତ୍ର ମାଧ୍ୟମରେ କିଭଳି ସହଜରେ ସମାଧାନ କରିହେବ ତାହା ଉପରେ ୧୧୫୦ ଖ୍ରୀଷ୍ଟାବ୍ଦରେ ଭାସ୍କରାଚାର୍ଯ୍ୟ, ଗଣିତସୂତ୍ର ପୁସ୍ତକ ଲେଖିଲେ ଯାହା ପରବର୍ତ୍ତୀ ସମୟରେ 'ଲୀଳାବତୀ ସୂତ୍ର' ନାମରେ ନାମିତ ହୋଇ ବେଶ୍ ସୁଖ୍ୟାତି ଅର୍ଜନ କରିଥିଲା।

ଭାସ୍କରାଚାର୍ଯ୍ୟଙ୍କର ମୁଖ୍ୟ ଗ୍ରନ୍ଥ 'ସିଦ୍ଧାନ୍ତ ଶିରୋମଣି' (ଅର୍ଥାତ୍ 'ଗ୍ରନ୍ଥମାନଙ୍କର ମୁକୁଟ') ର ଲୀଳାବତୀ, ବୀଜଗଣିତ, ଗ୍ରହଗଣିତ ଓ ଗୋଳାଧ୍ୟାୟ ନାମରେ ଯେଉଁ ଚାରୋଟି ଖଣ୍ଡ ରହିଛି ତନ୍ମଧ୍ୟରୁ, ଭାରତୀୟ ଗଣିତ ପରମ୍ପରାରେ ଲୀଳାବତୀ ସବୁଠାରୁ ପ୍ରଶଂସିତ ଓ ଲୋକପ୍ରିୟ ଗ୍ରନ୍ଥ ଭାବେ ପରିଚିତ। କହିବାକୁ ଗଲେ ଆଧୁନିକ ଗଣିତ ଶାସ୍ତ୍ରର ପ୍ରାୟ ୧୦୦ ବର୍ଷ ପୂର୍ବେ ପାଟି (ମୌଖିକ) ଗଣିତ, ବୀଜ ଗଣିତ, ଜ୍ୟାମିତି, ପରିମିତି, ତ୍ରିକୋଣମିତି, ଅଙ୍କଗଣିତ,ବୀଜଗଣିତ, ଜ୍ୟାମିତି, ମାପନଶାସ୍ତ୍ର ଓ ସଂଖ୍ୟାତତ୍ତ୍ୱ ଆଦିର ଏକ ପୂର୍ଣ୍ଣାଙ୍ଗ ପୁସ୍ତକ ରୂପେ ଏହା ସର୍ବଜନବିଦିତ ଥିଲା । ଲୀଳାବତୀ ପ୍ରଧାନତଃ ଅଙ୍କଗଣିତ ଉପରେ ଆଧାରିତ ଏବଂ ଏଥିରେ ୨୭୯ଟି ସଂସ୍କୃତ ପଦ୍ୟ ରହିଛି । ଏଥିରେ ଜଟିଳ ଗାଣିତିକ ସମସ୍ୟାଗୁଡିକର ସରଳ ସମାଧାନ ଗୁଡିକୁ ପଦର ଲାଳିତ୍ୟରେ ଅତିବ ଅକର୍ଷଣୀୟ ଓ ମାଧୁର୍ଯ୍ୟମୟ ଢଙ୍ଗରେ ବର୍ଣ୍ଣିତ ହୋଇ ଗଦ୍ୟ ଟିକା ସହିତ ଉପସ୍ଥାପିତ ହୋଇଛି।

ଆଧୁନିକ ଗଣିତର ମୁଖ୍ୟ ଅଂଶ ହେଉଛି 'ପ୍ରମାଣ' (Proof), କିନ୍ତୁ ଭାସ୍କରାଚାର୍ଯ୍ୟ ଏହା ସମ୍ପର୍କରେ ବିଶେଷ ଧାରଣା ରଖିଥିଲେ ବୋଲି ଅନୁଭବ ନହେଲେ ମଧ୍ୟ, ତାଙ୍କର ସଂକ୍ଷିପ୍ତ ପଦ୍ୟଗୁଡ଼ିକରେ ଥିବା ନିୟମ ଓ ସାଧାରଣୀକରଣଗୁଡ଼ିକ ଏହାକୁ ସୂଚାଏ ଯେ ସେ ସମୟରେ ମଧ ତାଙ୍କ ମନରେ ନିଶ୍ଚୟ କିଛି ତର୍କ ଓ ବିଚାର ଥିଲା । ତାଙ୍କର ଗାଣିତିକ ସମସ୍ୟା ସମାଧାନର ପ୍ରଣାଳୀ ଥିଲା ସଠିକ୍ ଓ ନିର୍ଦ୍ଦିଷ୍ଟ । ତର୍କକୁ ସ୍ପଷ୍ଟ ଭାବେ ଲେଖିବାକୁ ସେ ଆବଶ୍ୟକ ମନେ କରୁନଥିଲେ ବରଂ ସେ ସମ୍ପୂର୍ଣ୍ଣ ଅନୁଭୂତି ଉପରେ ଭରସା କରୁଥିଲେ । ତତ୍କାଳୀନ ସମୟରେ ଗାଣିତିକ ପ୍ରତୀକ ବା ସଂକେତ ପ୍ରଣାଳୀ ନଥିଲା, ଗାଣିତିକ ଚିତ୍ର ଓ ରେଖାଚିତ୍ରର ପ୍ରଚଳନ ହୋଇନଥିଲା । ଅନୁଭୂତି ଆଧାରିତ ଚିନ୍ତା ଓ ଆଲଗୋରିଦମ୍ ପଦ୍ଧତିରେ ନିପୁଣ ଥିବା ଭାସ୍କରାଚାର୍ଯ୍ୟ ରସାତ୍ମକ, ଆନନ୍ଦଦାୟକ ଓ ମନୋରଞ୍ଜନ ଧର୍ମୀ କାବ୍ୟ ମାଧ୍ୟମରେ ସଂଖ୍ୟା ପଦ୍ଧତି, ଯୋଗ ପଦ୍ଧତି, ବିୟୋଗ ପଦ୍ଧତି, ଗୁଣନ ପଦ୍ଧତି, ଭାଗ ପଦ୍ଧତି, ଭାଗାଂଶ,ଶୂନ୍ୟ ଓ ଦଶମିକ ଧାରଣା, ନିୟମ ତ୍ରୟୀ, ସୁଧ ଗଣନା, ଲାଭ-କ୍ଷତି ଗଣନା, ମିଶ୍ରଣ ପଦ୍ଧତି, ମାପ ଓ ମାପକ, କ୍ଷେତ୍ରଫଳ ଗଣନା, ଘନଫଳ ଗଣନା, ସରଳ ସମୀକରଣ, ଅନୁପାତ ଓ ପ୍ରମାଣ, ସରଳ ଜ୍ୟାମିତି, ପ୍ରଶ୍ନ-ଉତ୍ତର ଆଧାରିତ ପଦ୍ଧତି ଗୁଡିକୁ ଅତି ନିଖୁଣ ଭାବେ ପରିପ୍ରକାଶ କରିଥିଲେ । କେବଳ ସେତିକି ନୁହେଁ ବରଂ ଭାସ୍କରାଚାର୍ଯ୍ୟଙ୍କ "ଲୀଳାବତୀ" ଗ୍ରନ୍ଥରେ ବ୍ୟବହୃତ ଲୀଳାବତୀର ଶେଷ ପଦ୍ୟ ଭାସ୍କରାଚାର୍ଯ୍ୟଙ୍କ କାବ୍ୟ ପ୍ରତିଭାକୁ ଆହୁରି ସୁନ୍ଦର ଭାବେ ପ୍ରକାଶ କରେ। ଏହି ପଦ୍ୟଟି ଲୀଳାବତୀ ନାମକ ଜଣେ ସୁସଂସ୍କୃତ କନ୍ୟାଙ୍କ ବର୍ଣ୍ଣନା ପରି ଲାଗେ, କିନ୍ତୁ ଏହାକୁ ଗଣିତ ଗ୍ରନ୍ଥ ରୂପେ ମଧ୍ୟ ବୁଝାଯାଇପାରେ ।ଏହି କାରଣରୁ ଭାସ୍କରାଚାର୍ଯ୍ୟଙ୍କୁ "ଗଣକଚକ୍ର ଚୂଡ଼ାମଣି"—ଅର୍ଥାତ୍ "ଗଣିତଜ୍ଞମାନଙ୍କ ମଧ୍ୟରେ ଶିରୋମଣି"—ଉପାଧି ଦିଆଯାଇଥିଲା ।

ମାକୁୟେଲେ ଇଂରେଜ ଶିକ୍ଷା ଢାଞ୍ଚାରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ପକାଇବା ପୂର୍ବରୁ ସମସ୍ତ ଚାଟଶାଳୀ ଓ ବେଦବିଦ୍ୟାଳୟରେ 'ଗଣିତ' ବୋଇଲେ ଏହି ବିରାଟ 'ଲୀଳାବତୀ ସୂତ୍ର' ହିଁ ପଢ଼ାଯାଉଥିଲା । ଲୀଳାବତୀରେ ବିକଶିତ ଧାରଣା ଓ ପଦ୍ଧତିଗୁଡ଼ିକ ଆଜି ମଧ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ଓ ବିଦ୍ୟାର୍ଥୀ, ଶିକ୍ଷକ, ପଣ୍ଡିତ, ଇତିହାସବିଦ୍ ଏବଂ ଗଣିତ ପ୍ରସାରରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କ ପାଇଁ ଉପକାରୀ। ଭାରତର ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ (ଯେଉଁଠାରେ କ୍ୟାଲକୁଲେଟର ଅନୁମତି ନାହିଁ) ଏହି ପୁସ୍ତକଟି ବିଶେଷ ଭାବେ ସହାୟକ।

ଏହି ଗୁରୁତ୍ୱପୂର୍ଣ୍ଣ ପାଠ୍ୟଗ୍ରନ୍ଥଟି ପ୍ରାୟ ୮୦୦-୮୫୦ ବର୍ଷ ଧରି ଶିକ୍ଷା ଦେବାରେ ବ୍ୟବହୃତ ହୋଇଆସିଛି ଏବଂ ଆଜି ମଧ ଭାରତର ଅନେକ ସଂସ୍କୃତ ବିଦ୍ୟାଳୟରେ ପାଠ୍ୟପୁସ୍ତକ ଭାବେ ବ୍ୟବହୃତ ହେଉଛି। ଏହାର ପାଣ୍ଡିତ୍ୟପୂର୍ଣ୍ଣ, ସୁସ୍ପଷ୍ଟ ଓ ଐତିହାସିକ ଉପସ୍ଥାପନା ଯୋଗୁଁ ଏହି ଗ୍ରନ୍ଥଟି ବିଶ୍ୱର ଅନେକ ଭାଷାକୁ ଅନୁବାଦିତ ହୋଇଛି।

ଭାସ୍କରାଚାର୍ଯ୍ୟଙ୍କ ମହାନ କୃତି 'ଲୀଳାବତୀ ସୂତ୍ର' କେବଳ ଗୋଟିଏ ସାହିତ୍ୟିକ ଗ୍ରନ୍ଥ ନୁହେଁ ବରଂ ଗଣିତର ଇତିହାସରେ ଏହା ଗୋଟିଏ ଅତ୍ୟନ୍ତ ଗରିମାମୟ ଓ ସମ୍ମାନିତ ସ୍ଥାନ ଅଧିକାର କରିଛି। ଏହା ତାଙ୍କର ଅସାଧାରଣ ଗଣିତ ପ୍ରତିଭାର ଏକ ଜୀବନ୍ତ ପ୍ରମାଣ। ତାଙ୍କ ସମୟରେ ସେ ଭାରତର ସବୁଠାରୁ ନବଚିନ୍ତକ ଗଣିତଜ୍ଞମାନଙ୍କ ମଧ୍ୟରୁ ଜଣେ ବୋଲି ଅଭିହିତ ହୁଅନ୍ତି। ସେ ଗଣିତକୁ ଭଲପାଉଥିଲେ କାରଣ ତାଙ୍କ ଦୃଷ୍ଟିରେ ଗଣିତ ହିଁ ଏହି ସଂସାରରେ ସବୁବେଳେ ସତ୍ୟ । ଗାଣିତିକ ସମସ୍ୟାକୁ ରସାତ୍ମକ, ଆନନ୍ଦଦାୟକ ଓ ମନୋରଞ୍ଜଧର୍ମୀ ଉପାୟରେ ସରଳ ଓ ସାବଲୀଳ ଭାବେ ସମାଧାନ କରିବା ନିମନ୍ତେ ତାଙ୍କର ସ୍ୱ-ରଚିତ ଲୀଳାବତୀ ସୂତ୍ର ଏକ କାଳଜୟୀ ରଚନା ।


+ଅଧ୍ୟାପକ, ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,
କଟକ


## ଶବ୍ଦମାନେ ଲୁଚକାଳି ଖେଳନ୍ତି

**ନିରଞ୍ଜନ ସାହୁ**

ଲେଖିବାକୁ ଯେତେ ଇଛା କରିଲେ ବି
ଲେଖି ହେଉନାହିଁ ଆଉ
ଶବ୍ଦମାନେ ଲୁଚକାଳି ଖେଳୁଛନ୍ତି
ଭାବୁଛି ଲେଖିବା ଥାଉ ।

ଭାବନା ଭିତରେ ହଜୁଅଛି ସିନା
କଳ୍ପନା ଯାଉଛି ମରି
କାଗଜ କଲମ ପଡ଼ି ରହିଛନ୍ତି
ମନଟାକୁ ଦୁଃଖ କରି
ଲେଖିବାର ଯେଉଁ ଦମ୍ଭ ରହିଥିଲା
ଦେଖାଇପାରୁନି ଭାଉ ।

ଅନ୍ୟମନସ୍କତା ଭରି ଯାଉଅଛି
ମୁଣ୍ଡ ଯାଉଅଛି ଘୁରି
ଲେଖିବାରେ ଯିଏ ସିଦ୍ଧହସ୍ତ ଥିଲା
ତା ଦର୍ପ ହୋଇଲା ଚୁରି
ନିରବରେ ବସି ଲୁହ ଢାଳେ ସିନା
ଅସହ୍ୟ ଭସ୍ନା ଦାଉ ।

ଶବ୍ଦ ଯେତେବେଳେ ଧରା ଦେଉନାହିଁ
ମନ ଯାଉଅଛି ଭାଙ୍ଗି
ଖାତା କଲମକୁ ଝୁଲାରେ ପୁରାଇ
କାନ୍ଥରେ ଦେଇଛି ଟାଙ୍ଗି
ହେ ସମୟ ! ଏତେ ନିଷ୍ଠୁର ହୋଇକି
କେଉଁ ସୁଖ ଅବା ପାଉ ?

ଲେଖିବାଟା ଯେବେ ବିଫଳ ହେଉଛି
ନିଜକୁ ଧିକ୍କାର ଲାଗେ
ଲେଖାଲେଖି ପାଶେ ମୁଣ୍ଡ ନୁଆଇଁକି
ନିଜ ଉପରେ ମୁଁ ରାଗେ
ପରାଜିତ ହୋଇ ମଥାନତ ହୁଏ
ଭାବେ ଏ ସମୟ ଯାଉ ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩





## ସେଦିନ

**ଦିନେଶ ମେହେର**



ଆମ ହାତରେ ଦେଶକୁ ଧରେଇ ଦେଇ
ସେମାନେ ଫେରିଗଲେ;
ଏବେ ଆମ ହାତରେ ରହିଲା
ଦେଶର ଶାସନ ଭାର
ହେଲେ,
ନିଜକୁ ନିଜେ ଶାସନ କରିବା ଭିତରେ
ଦେହଟାକୁ ଆମେ ମୁଠେଇ ରଖିଲୁ ସିନା
କେବେ ବି ବଦଳେଇ ପାରିଲୁନି
ଆଗରୁ ଚାଲି ଆସୁଥିବା ଆଇନ,
କାନୁନ...!

ଆଜି
ଦେଶକୁ ମୁଠେଇ ଧରିଥିବା ଲୋକମାନେ
ସହରର ଚାକଚକ୍ୟ ଭିତରେ
ବସବାସ କରି ଥରୁଟିଏ ବି ଭାବିଲେନି
ମାଟିର କଥା,
ଥରେ ହେଲେ ଦେଖିଲେନି
ଜଙ୍ଗଲ, ଖମନ, ଡଙ୍ଗର, ପର୍ବତକୁ
ସେ ଭିତରେ ବାସ କରୁଥିବା
ନିରୀହ ଲୋକ ମାନଙ୍କୁ...!

ଜାଣିଛ,
ସେଇ ଡଙ୍ଗର ଭିତରେ ଆଜି ବି ଶୁଭେ
ଭୋକର ଆର୍ତ୍ତ ଚିତ୍କାର,
ଦରିଦ୍ର୍ୟତାର ଚିତ୍ର,
ଆଉ ନିରୀହ ଆଦିବାସୀଙ୍କ
ଛାତିଫଟା କୋହ;

ଶୁଣିଛି,
ଯେଉଁଠି ଦାରିଦ୍ର୍ୟ
ସେଇଠି ଦୃଢ଼ ହେଇ ଚାଲିଛି ମାଓବାଦ୍,
ଯେଉଁମାନେ ଡଙ୍ଗର ଭିତରେ
କର୍ଡି, ହଣ୍ଡୁଆକୁ ସାଉଁଟି
ଜୀବନ ଜୀବିକା ନିର୍ବାହ କରନ୍ତି
ସେମାନେ ଆଜି ଏଇ ସଭ୍ୟ ସମାଜର
ଅବହେଳା ଭିତରେ ଛନ୍ଦି ହେଇ
ହାତରେ ଧରିଛନ୍ତି ନିଆଁହୋଳା, ବନ୍ଧୁକ
ଆଶ୍ରୟ ନେଇଛନ୍ତି ଲାଲ୍
ବାହିନୀର ସାମ୍ରାଜ୍ୟକୁ...!

ତଥାପି,
ହାତଗଣତି କେଇ ଜଣ ସାଜିଛନ୍ତି
ଶହେ ଚାଳିଶି କୋଟି ଜନତାଙ୍କର
ଭାଗ୍ୟ ବିଧାତା,
ବସି ରହିଛନ୍ତି ପାର୍ଲିଆମେଣ୍ଟର
କନ୍ଫରେନ୍ସ ହଲ୍ ଭିତରେ,
ଆଉ ସେଇଠି ଚର୍ଚ୍ଚା ଚଳେଇଛନ୍ତି
ମାଓବାଦର ଦମନ ପାଇଁ,
ସନ୍ତ୍ରାସବାଦର ବିରୋଧରେ
ରଚୁଛନ୍ତି ଯୁଦ୍ଧ...!

ତଥାପି ଏ ଯୁଦ୍ଧ ବାରମ୍ବାର ବିଫଳ ହୁଏ,
ଅସ୍ତ୍ର ସବୁ କଳଙ୍କି ଲାଗି
ବନ୍ଧୁକ ମୁନରୁ ଗୁଳି ବାହାରି ପାରେନି,
ହେଲେ ଏଯାଏଁ ବି
ତାଙ୍କ ମୁଣ୍ଡରେ ବୁଦ୍ଧି ଜୁଟିନି !
ସତରେ କ'ଣ
ଆଜିର ଏଇ ଦିନ ପାଇଁ
ଏମାନେ ଦାୟୀ ନୁହନ୍ତି...?

ଶୁଣିଥିଲି,
ଲୋକେ ନିଜ ଉପରକୁ
ଆଙ୍ଗୁଳି ଆସିଲେ
ଲୁଚେଇ ଦିଅନ୍ତି ନିଜର
ସବୁତକ ଦୋଷ
ହେଲେ ଆଜି ଠିକ୍ ଦେଖୁଛି
ଯେତେକ ସବୁ ଶୁଣା କାହାଣୀ...!


+ଜୁନାଗଡ଼, କଳାହାଣ୍ଡି
ମୋ : ୮୦୧୮୮୨୮୪୫୬




# ରିଚାର୍ଡସ-ମସାବା ଘନିଷ୍ଠତା ସମ୍ପର୍କରେ କହିଲେ ନୀନା




ବଲିଉଡ୍ ଓ କ୍ରିକେଟ୍ ଦୁନିଆର ସେଲିବ୍ରିଟଙ୍କ ମଧ୍ୟରେ ସମ୍ପର୍କ ବହୁ ପୁରୁଣା। ଅନେକ କ୍ରିକେଟରମାନେ ବଲିଉଡ୍ ଅଭିନେତ୍ରୀଙ୍କୁ ନିଜ ଜୀବନସାଥି କରିଛନ୍ତି। ଏହାର କିନ୍ତୁ ଏକ ବଡ଼ ବ୍ୟତିକ୍ରମ ହେଉଛନ୍ତି ମହାନ କ୍ରିକେଟର ସାର ଭିଭିଆନ୍ ରିଚାର୍ଡସ ଓ ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତା। ଉଭୟଙ୍କ ପ୍ରେମ ସମ୍ପର୍କ ଆଗକୁ ବଢ଼ିପାରିନଥିଲା। ଜୀବନସାରା ଉଭୟ ଅଲଗା ରହିଛନ୍ତି। ବିଚ୍ଛେଦ ପୂର୍ବରୁ କିନ୍ତୁ ସେମାନେ କନ୍ୟା ସନ୍ତାନ ମାସାବାକୁ ପାଇଥିଲେ। ମାସାବାଙ୍କୁ ନୀନା ନିଜ ହେପାଜତରେ ପାଳି ବଡ଼ କରିଥିଲେ। ମାସାବା ବଡ଼ ହେବା ପରେ କିନ୍ତୁ ପିତା ଭିଭିଆନ୍ ରିଚାର୍ଡସଙ୍କ ସହ ସମ୍ପର୍କ ରଖି ଆସିଛନ୍ତି। ଅନେକ ସମୟରେ ଏହି ବାପ-ଝିଅଙ୍କ ଘନିଷ୍ଠତାକୁ ନେଇ ଚର୍ଚ୍ଚା ହୋଇଥାଏ। ନିକଟରେ ଏକ ସାକ୍ଷାତକାରରେ ରିଚାର୍ଡସ-ମାସାବାଙ୍କ ଘନିଷ୍ଠତାକୁ ନେଇ ନୀନା ମୁହଁ ଖୋଲିଛନ୍ତି। ବାପ-ଝିଅଙ୍କ ଘନିଷ୍ଠତାକୁ ନେଇ ସେ ଖୁସି ଅଛନ୍ତି। ''ଉଭୟ ଅନେକ ସମୟରେ ଯୋଗାଯୋଗରେ ରୁହନ୍ତି, ପରସ୍ପର ସହିତ ଯୋଡ଼ି ହୋଇରହିବାରେ ବି ଅସହଜ ଅନୁଭବ କରିନଥାନ୍ତି। ବାପ-ଝିଅଙ୍କ ସମ୍ପର୍କରେ ସେଭଳି କିଛି ଦ୍ୱନ୍ଦ୍ୱ ନାହିଁ, ପରସ୍ପରକୁ ଭଲ ପାଇଥାନ୍ତି ଗୋଟିଏ ପରିବାର ଭଳି'' ବୋଲି କହିଛନ୍ତି ନୀନା। ମାସାବାଙ୍କ ବାଲ୍ୟଜୀବନରେ ରିଚାର୍ଡସ ସାଥିରେ ନଥିଲେ ବି ଏବେ ପରସ୍ପର ପାଇଁ ଭଲ କାମ କରିପାରୁଛନ୍ତି। ଏହା ମଧ ଫାଇଦା ଦେଉଛି ବୋଲି ନୀନା କହିଛନ୍ତି। ''ରିଚାର୍ଡସ ଜଣେ ସାମାଜିକ ବ୍ୟକ୍ତି ନୁହଁନ୍ତି, ସବୁବେଳେ ନିଜ ଦୁନିଆରେ ବିଚରଣ କରନ୍ତି। ମାସାବା କିନ୍ତୁ ସାମାଜିକ ଓ ସାଧାରଣ ଚଳଣୀରେ ରୁହନ୍ତି, ଠିକ ମୋ ଭଳି। ଉଭୟଙ୍କ ସମ୍ପର୍କ ଭଲ ନରହିବାର କିଛି କାରଣ ନାହିଁ'' ବୋଲି କହିଛନ୍ତି ନୀନା। କ୍ରିକେଟ୍ ପଡ଼ିଆରୁ ଆରମ୍ଭ ହୋଇଥିବା ପ୍ରେମ ପରେ ୧୯୮୮ ମସିହା ନଭେମ୍ବର ମାସରେ ରିଚାର୍ଡସ ଓ ନୀନା ଅଲଗା ହୋଇଯାଇଥିଲେ। ସେବେଠାରୁ ନିଜ ନିଜ ଜୀବନକୁ ଅଲଗା ନିଭାଇଛନ୍ତି। ଅଲଗା ବିବାହ ବି କରିଥିଲେ। ମାରିଆମ୍‌ଙ୍କୁ ଭିଭିଆନ ବିବାହ କରିଥିବାବେଳେ ମାସାବାଙ୍କୁ ବଡ଼ କରିବା ପରେ ନୀନା ୨୦୦୮ରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିବେକ ମିଶ୍ରାଙ୍କୁ ବିବାହ କରିଥିଲେ। ଭାରତରେ ଜଣେ ପ୍ରତିଷ୍ଠିତ ଫ୍ୟାସନ୍ ଡିଜାଇନର ଭାବେ ନାମ କମାଇଥିବା ମାସାବା ଇତିମଧ୍ୟରେ ଦ୍ୱିତୀୟ ବିବାହ କରିସାରିଛନ୍ତି। ୨୦୧୫ରେ ମଧୁ ମାଣ୍ଟିନାଙ୍କୁ ବିବାହ କରିବା ପରେ ୨୦୧୯ରେ ବିଚ୍ଛେଦ ହୋଇଯାଇଥିଲା। ୨୦୨୩ରେ ସେ ସତ୍ୟଦୀପ ମିଶ୍ରାଙ୍କୁ ବିବାହ କରିଛନ୍ତି। ଯେଉଁ ସମୟରେ ଭିଭିଆନ୍ ରିଚାର୍ଡସ ବି ଉପସ୍ଥିତ ଥିଲେ।




ବିଜୟ ଦେବରକୋଣ୍ଡାଙ୍କୁ ଆଜି ଭାରତୀୟ ସିନେମାର ସବୁଠାରୁ ପ୍ରତିଭାଶାଳୀ ପ୍ୟାନ୍-ଇଣ୍ଡିଆନ୍ ଷ୍ଟାରମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ। ତାଙ୍କର ଶକ୍ତିଶାଳୀ ସ୍କ୍ରିନ୍ ଉପସ୍ଥିତି ଏବଂ ସ୍ମରଣୀୟ ଅଭିନୟ ସହିତ ସେ ଏପରି ଚରିତ୍ରଗୁଡ଼ିକୁ ଚିତ୍ରଣ କରିଛନ୍ତି ଯାହା ଫିଲ୍ମ ଶେଷ ହେବା ପରେ ମଧ ଦର୍ଶକଙ୍କ ମନରେ ସ୍ଥାନିତ ହୋଇ ରହିଥାଏ। ଏବେ, ବିଜୟ ପୁଣି ଥରେ ତାଙ୍କର ଦୁଇଟି ସବୁଠାରୁ ପ୍ରତୀକ୍ଷିତ ଫିଲ୍ମ, "ରାଣାବଳି" ଏବଂ "ରାଉଡି ଜନାର୍ଦ୍ଦନ" ସହିତ ବଡ଼ ପରଦାରେ ଦମଦାର ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ପୁଣିଥରେ ତାଙ୍କ ଅଭିନୟ ଦକ୍ଷତା ପ୍ରଦର୍ଶନ କରି, ବିଜୟ ଏହି ଚଳଚ୍ଚିତ୍ରଗୁଡ଼ିକରେ ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ଚରିତ୍ରରେ ଅଭିନୟ କରୁଥିବାର ଦେଖାଯିବେ। "ରାଣାବଳି"ରେ ସେ ଚଳଚ୍ଚିତ୍ର ନିର୍ମାତା ରାହୁଲ ସାଂକ୍ରିତ୍ୟାୟନଙ୍କ ସହ ଏକାଠି ହୋଇଛନ୍ତି, ଯାହା ଅତୀତରେ ସଫଳ ହୋଇଛି। ଏହି ସମୟରେ, "ରାଉଡି ଜନାର୍ଦ୍ଦନ"ରେ ସେ ନିର୍ଦ୍ଦେଶକ ରବି କିରଣ କୋଲାଙ୍କ ସହ ମିଶିଛନ୍ତି, ଯାହା ତାଙ୍କୁ ଏକ ସମ୍ପୂର୍ଣ୍ଣ ଭିନ୍ନ କାହାଣୀ ସ୍ଥାନକୁ ନେଇଯାଏ। ଦୁଇଟି ଚଳଚ୍ଚିତ୍ର ସତ୍ୟ କାହାଣୀ ଉପରେ ଆଧାରିତ ହୋଇଛି। ବିଜୟ ଦେବରକୋଣ୍ଡା ଦୁଇଟି ବାସ୍ତବ ଜୀବନୀର ସତ୍ୟାସତ୍ୟକୁ ନେଇ ନିଚ୍ଛକ ଅଭିନୟ କରିବେ। ଏହି ଦୁଇ ଚଳଚ୍ଚିତ୍ର କମ୍ ଜଣା ତେରୁ ସମସ୍ତେ ଏହି ଫିଲ୍ମୀର ସତ୍ୟତା ଜାଣିବା ପାଇଁ ନିଶ୍ଚିତ ଅପେକ୍ଷା କରିବେ। ପ୍ରତ୍ୟେକ ଚରିତ୍ର ବ୍ୟକ୍ତିତ୍ୱ, ଗଭୀରତା ଏବଂ ଭାବପ୍ରବଣତାରେ ପରିପୂର୍ଣ୍ଣ ହୋଇ ରହିଛି। ଗୀତା ଗୋବିନ୍ଦମ୍ ଏବଂ ଡିଅର୍ କମ୍ରେଡ୍ ପରେ ରାଣାବଳୀ ଫିଲ୍ମରେ ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକା ମନ୍ଦାନାଙ୍କୁ ପୁଣିଥରେ ଏକାଠି ଦେଖିବାକୁ ମିଳିବ। ଟି-ସିରିଜ୍ ଦ୍ୱାରା ଉପସ୍ଥାପିତ ଅଜୟ ଏବଂ ଅତୁଲଙ୍କ ଶକ୍ତିଶାଳୀ ସଙ୍ଗୀତ ସହିତ ରାଣା ବାଲି ସ୍କେଲ୍, ତୀବ୍ରତା ଏବଂ ମହାନତାର ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ, ରାଉଡି ଜନାର୍ଦ୍ଦନ ଫିଲ୍ମରେ, ବିଜୟ ଦେବରକୋଣ୍ଡା ଏକ ସମ୍ପୂର୍ଣ୍ଣ ଭିନ୍ନ ଦୁନିଆ ଏବଂ ଶୈଳୀରେ ପାଦ ଦେବାର ଦେଖିବାକୁ ମିଳିବ। ରବି କିରଣ କୋଲାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ପୁଣିଥରେ ବିଜୟଙ୍କ ଅନନ୍ୟ କାହାଣୀ ସହିତ ତାଙ୍କର ବହୁମୁଖୀ ଦକ୍ଷତା ପ୍ରମାଣିତ କରୁଛି।




ଏ ବୟସରେ ମଧ, ଅନିଲ କପୁରଙ୍କୁ ତାଙ୍କ ଫିଟନେସ ପାଇଁ ଇଣ୍ଡଷ୍ଟ୍ରିର ସବୁଠାରୁ ଚର୍ଚ୍ଚିତ ଅଭିନେତାମାନଙ୍କ ମଧ୍ୟରୁ ଜଣେ ବୋଲି ଧରାଯାଏ। ୬୯ ବର୍ଷ ବୟସରେ ମଧ, ତାଙ୍କ ଫିଟନେସ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେ। ଲାଗେ ଯେପରି ତାଙ୍କ ବୟସ ବଢ଼ିବା ପରିବର୍ତ୍ତେ କମୁଛି। ସେ ତାଙ୍କର ଦମଦାର ବ୍ୟକ୍ତିତ୍ୱ ପାଇଁ ସବୁବେଳେ ଖବରରେ ଥାଆନ୍ତି।

ବର୍ତ୍ତମାନ ସାମ୍ନାକୁ ଅନିଲଙ୍କ ନୂଆ ଲୁକ୍ ଆସିଛି। ପ୍ରଶଂସକମାନେ ଅନିଲଙ୍କ ଏହି ନୂଆ ଲୁକକୁ ଖୁବ୍ ପ୍ରଶଂସା କରୁଛନ୍ତି। କେବଳ ପ୍ରଶଂସକମାନେ ନୁହେଁ, ଅନେକ ସେଲିବ୍ରିଟି ମଧ ଅନିଲଙ୍କ ବର୍ତ୍ତମାନର ପୋଷ୍ଟକୁ ପସନ୍ଦ କରୁଛନ୍ତି ଏବଂ ତାଙ୍କ ଲୁକକୁ ପ୍ରଶଂସା କରୁଛନ୍ତି। ରିତେଶ ଦେଶମୁଖ ମଧ ତାଙ୍କର ନୂଆ ଅବତାରକୁ ପସନ୍ଦ କରିଛନ୍ତି।

ଅନିଲ କପୁର ତାଙ୍କର ନୂଆ ଲୁକ୍ ସହିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କର ଅଲ୍-ଲୁକ୍ ହୃଦୟ ଜିତିଛି। ଅନିଲ ତାଙ୍କ ଇନଷ୍ଟାଗ୍ରାମରେ ଏହି ଲୁକ୍ ସେୟାର କରିଛନ୍ତି। ସେ ପୁଣି ଥରେ ପ୍ରମାଣ କରିଦେଇଛନ୍ତି ଯେ ବୟସ କେବଳ ଏକ ସଂଖ୍ୟା।

ଅନିଲ କପୁରଙ୍କ ପୋଷ୍ଟ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ଧଳା ଚୁଟି ଏବଂ ମ୍ୟାଚିଂ ନିଶ ସହିତ ତାଙ୍କର ଷ୍ଟାଇଲିସ୍ ଲୁକ୍ ଖୁବ୍ ଜବରଦସ୍ତ ଲାଗୁଛି। ପୋଷ୍ଟ ସହିତ ଥିବା କ୍ୟାପସନରେ ଅନିଲ ଲେଖିଛନ୍ତି, 'ଦିନକୁ ଜଣା ନାହିଁ ଆଗକୁ କ'ଣ ଆସିବାର ଅଛି।' ଅନିଲ କପୁରଙ୍କ ପ୍ରଶଂସକମାନେ ଏହି ପୋଷ୍ଟରେ ହୃଦୟ ଖୋଲି ମତ ଦେଉଛନ୍ତି। କେବଳ ପ୍ରଶଂସକମାନେ ନୁହେଁ, ବରଂ ଶିଳ୍ପର ଅନେକ ସେଲିବ୍ରିଟି ମଧ ତାଙ୍କ ଉପରେ ପ୍ରେମ ବର୍ଷା କରୁଛନ୍ତି। ତାଙ୍କର ଏହି ପରିବର୍ତ୍ତନକୁ ଲକ୍ଷ୍ୟ କରି, ସୋନମ କପୁର ତାଙ୍କ ବାପାଙ୍କ ପୋଷ୍ଟରେ ହାର୍ଟ ଏବଂ ଫାୟାର୍ ଇମୋଜି ମଧ ସେୟାର କରିଛନ୍ତ। ଗାୟକ ଦର୍ଶନ କୁମାର ଲେଖିଛନ୍ତି, 'ୱାଓ, ଝାକାଶ୍।' ସୁଧାଂଶୁ ପାଣ୍ଡେ, ଅନୁପମ ଖେର ଏବଂ ବୈଭବୀ ମର୍ଚ୍ଚାଣ୍ଟ ମଧ ତାଙ୍କ ଲୁକକୁ ପ୍ରଶଂସା କରିଛନ୍ତି।




ଗଲ୍ଫ ଜଗତ ଅନେକ ଉତ୍କୃଷ୍ଟ ଖେଳାଳିଙ୍କୁ ଦେଖିଛି। ଏପରି ଜଣେ ଗଲ୍ଫ ଖେଳାଳି ହେଉଛନ୍ତି ପେଜ୍ ସ୍ପାଇରାନାକ୍, ଯିଏ ତାଙ୍କ ଖେଳ ଅପେକ୍ଷା ତାଙ୍କ ଲୁକ୍ ଏବଂ ପୋଷାକ ପାଇଁ ଅଧିକ ଖବରକାଗଜରେ ସ୍ଥାନ ପାଆନ୍ତି। ଆମେରିକୀୟ ମହିଳା ଗଲ୍ଫ ଖେଳାଳି ପେଜ୍ ସ୍ପାଇରାନାକ୍ ସୋସିଆଲ ମିଡିଆ କୁଇନ୍ ଭାବରେ ଜଣାଶୁଣା। ପେଜ୍ ପ୍ରାୟତଃ ତାଙ୍କ ଇନଷ୍ଟାଗ୍ରାମରେ ଗଲ୍ଫ ଖେଳୁଥିବାର ଫଟୋ ଏବଂ ଭିଡିଓ ସେୟାର କରନ୍ତି। ପେଜ୍ ବିଶ୍ୱର ସବୁଠାରୁ ସୁନ୍ଦର ମହିଳା ଗଲ୍ଫ ଖେଳାଳିଙ୍କ ମଧ୍ୟରୁ ଜଣେ। ପ୍ରଥମ ନଜରରେ, କେହି ଭାବି ପାରନ୍ତି ନାହିଁ, ଯେ ସେ ଜଣେ ଗଲ୍ଫ ଖେଳାଳି। ସେ ନିଜକୁ ବିଶ୍ୱର ନମ୍ବର ୱାନ୍ ଗଲ୍ଫ ଇନ୍‌ଫ୍ଲୁଏନ୍ସର ବୋଲି ମଧ କୁହନ୍ତି, କାରଣ ସେ ସର୍ବଦା ଗଲ୍ଫକୁ ନେଇ ଖୋଲାଖୋଲି କୁହନ୍ତି। ପେଜ୍ ତାଙ୍କ ଗଲ୍ଫ ଅପେକ୍ଷା ତାଙ୍କ ଗ୍ଲାମର ପାଇଁ ଅଧିକ ଖବରରେ ରୁହନ୍ତି। ତେବେ ସେ କେବଳ ସୌକିନ୍ ପାଇଁ ଗଲ୍ଫ ଖେଳୁଛନ୍ତି। ପେଜ ଏକ ସାକ୍ଷାତକାରରେ କହିଥିଲେ ଯେ ପ୍ରଥମେ ସେ ଗଲ୍ଫ ଖେଳାଳି ନୁହେଁ, ଜଣେ ଜିମ୍ନାଷ୍ଟ ହେବାକୁ ଚାହୁଁଥିଲେ, କିନ୍ତୁ ଜିମ୍ନାଷ୍ଟିକ୍ସ ତାଲିମ ସମୟରେ ଆଘାତ ଯୋଗୁଁ ତାଙ୍କର ସ୍ୱପ୍ନ କେବେ ପୂରଣ ହୋଇପାରିଲା ନାହିଁ। ଟ୍ରୋଲିଂ ଏବଂ ସମାଲୋଚନା ସତ୍ତ୍ୱେ, ପେଜ୍ କୁହନ୍ତି ଯେ ଯେତେବେଳେ ସେ କମ୍ ପୋଷାକ ପିନ୍ଧିଥାନ୍ତି ସେତେବେଳେ ସେ ଭଲ ଗଲ୍ଫ ଖେଳନ୍ତି।






ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଟାର୍ଗେଟରେ ଅଛନ୍ତି ପାଞ୍ଚ ଜଣ ବଲିଉଡ ଅଭିନେତା। ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ଘନିଷ୍ଠ ସହଯୋଗୀ ଓ ଜଣେ ଫେରାର ଥିବା ଅପରାଧୀ ଶୁଭମ ଲୋଙ୍କାର ପାଞ୍ଚ ଜଣ ପ୍ରମୁଖ ବଲିଉଡ ସେଲିବ୍ରିଟିଙ୍କୁ ଟାର୍ଗେଟ କରିଛନ୍ତି। ପୁଲିସ ସୂତ୍ରରୁ ଯାହା ଜଣାପଡ଼ିଛି, ଏହି ଷ୍ଟାରମାନଙ୍କୁ ବଟି ମାଗିବା ସହ ସେମାନଙ୍କ ପାଖକୁ ଧମକପୂର୍ଣ୍ଣ ଫୋନ ଆସିଛି, କିନ୍ତୁ ଭୟ ଯୋଗୁଁ, କୌଣସି ସେଲିବ୍ରିଟି ଏପର୍ଯ୍ୟନ୍ତ ପୁଲିସରେ ଅଭିଯୋଗ କରିନାହାଁନ୍ତି।

ଗତ ରବିବାର ଦିନ ସିନେମା ନିର୍ଦ୍ଦେଶକ ରୋହିତ ଶେଟ୍ଟୀଙ୍କ ବାସଭବନ ଉପରେ ହୋଇଥିବା ଗୁଳିକାଣ୍ଡର ତଦନ୍ତ କରୁଥିବା ପୁଲିସ ପ୍ରକାଶ କରିଛି କହିଛି ଯେ ବଲିଉଡର କିଛି ନାମିଦାମୀ କଳାକାରଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ତରଫରୁ ଧମକପୂର୍ଣ୍ଣ ଫୋନ୍ କଲ୍ ମିଳିଛି। ସେମାନଙ୍କୁ ବଟି ଦେବା ପାଇଁ ମଧ ବାଧ କରାଯାଇଛି। କିନ୍ତୁ, ସେଲିବ୍ରିଟି ପୁଲିସ ପାଖକୁ ଯିବାକୁ ସଂକୋଚ କରୁଛନ୍ତି। ଯଦି ଲୋକମାନେ ତଥ୍ୟ ଲୁଚାଇ ରଖନ୍ତି, ତେବେ ପୁଲିସ ପାଇଁ କାର୍ଯ୍ୟାନୁଷ୍ଠାନ ନେବା ଅତ୍ୟନ୍ତ କଷ୍ଟକର ହୋଇଯିବ ବୋଲି ପୁଲିସ କହିଛି।

ସେପଟେ ରୋହିତ ଶେଟ୍ଟୀଙ୍କ ଘର ଉପରକୁ ଗୁଳିମାଡ଼ ଘଟଣାର ତଦନ୍ତ କରୁଛି ପୁଲିସ। ଗୁଳିଚାଳକମାନଙ୍କୁ ଖୋଜିବା ପାଇଁ ଦେଶର ବିଭିନ୍ନ ସ୍ଥାନକୁ ଅନେକ ପୁଲିସ ଟିମ୍ ପଠାଯାଇଛି। ବର୍ତ୍ତମାନ ପୁଲିସ ଏହାକୁ ଏକ ଦାଦାବଟି ଆଦାୟ ମାମଲା ଭାବରେ ବିଚାର କରୁଛି। ପୂର୍ବରୁ, ବିଷ୍ଣୋଇ ଗ୍ୟାଙ୍ଗ୍ ସଲମାନ ଖାନ, ମୁନାୱର ଫାରୁକି ଓ ବାବା ସିଦ୍ଦିକୀଙ୍କୁ ବିଭିନ୍ନ କାରଣ ପାଇଁ ଟାର୍ଗେଟ କରିଥିଲା (ଯେପରିକି କୃଷ୍ଣସାର ମୃଗ ଶିକାର ମାମଲା କିମ୍ବା ଦାଉଦ ଇବ୍ରାହିମଙ୍କ ସହ କଥିତ ଲିଙ୍କ), କିନ୍ତୁ ଅନ୍ୟ ଫିଲ୍ମ କଳାକାରଙ୍କୁ ଧମକ ଦେବା ପଛରେ ମୁଖ୍ୟ ଉଦ୍ଦେଶ୍ୟ ଟଙ୍କା ବୋଲି କୁହାଯାଉଛି।

ଶେଷରେ ରଣବୀର ସିଂହଙ୍କ 'ଧୁରନ୍ଧର ୨' ର ଟିଜର ରିଲିଜ୍ ହୋଇଛି। ମଙ୍ଗଳବାର, ଫେବୃଆରୀ ୩ ତାରିଖରେ, ରଣବୀର ସିଂହ ଫିଲ୍ମର ପ୍ରଥମ ପୋଷ୍ଟର ଶେୟାର କରିଥିଲେ। ତାଙ୍କ ପୋଷ୍ଟରେ ସେ ଘୋଷଣା କରିଥିଲେ ଯେ ଫିଲ୍ମର ଟିଜର ଦିନ ୧୨:୧୨ ରେ ରିଲିଜ୍ ହେବ। ଟିଜର ରିଲିଜ୍ ହେବା ପରଠାରୁ ପ୍ରଶଂସକମାନେ ସୋସିଆଲ ମିଡିଆରେ ଖୁବ୍ ପସନ୍ଦ କରୁଛନ୍ତି ଆଉ ପ୍ରେମରେ ପୋତି ପକାଇଛନ୍ତି। ବହୁ ପ୍ରତୀକ୍ଷିତ ଆକ୍ସନ୍-ଥ୍ରୀଲର 'ଧୁରନ୍ଧର ୨' ର ବିସ୍ଫୋରକ ଟିଜର ଉତ୍ସାହକୁ ଦ୍ୱିଗୁଣ କରିଦେଇଛି। ରଣବୀର ସିଂହଙ୍କ ଟିଜର ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି। ଲୋକମାନେ ରଣବୀର ସିଂହଙ୍କ ଦମଦାର୍ ଲୁକ୍ ଉପରେ ନିଜର ମତାମତ ଦେଉଛନ୍ତି। 'ଧୁରନ୍ଧର ୨'/ 'ଧୁରନ୍ଧର ଦି ରିଭେଞ୍ଜ'ର ପୋଷ୍ଟର ରିଲିଜ୍ ହେବା ପରେ, ନିର୍ମାତା ଏବେ ଫିଲ୍ମର ଟିଜର ମଧ ରିଲିଜ୍ କରିଛନ୍ତି। ଏହାର ଟିଜର ମଧ ଫେବୃଆରୀ ୩ ଦିନ ୧୨:୧୨ରେ ରିଲିଜ୍ ହୋଇଛି। ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ 'ଧୁରନ୍ଧର ୨'ର ଟିଜରକୁ ପ୍ରଶଂସକମାନେ ଉତ୍ସାହର ସହିତ ଅପେକ୍ଷା କରିଥିଲେ, କାରଣ ୫ ଡିସେମ୍ବର, ୨୦୨୫ରେ ମୁକ୍ତିଲାଭ କରିଥିବା 'ଧୁରନ୍ଧର ୧' ଭାରତୀୟ ସିନେମାର ସମସ୍ତ ରେକର୍ଡ ଭାଙ୍ଗି ଦେଇଥିଲା। ଏହି ଫିଲ୍ମଟି ଏହାର ଦମଦାର ରୋଜଗାର ପରେ କେବଳ ଇତିହାସ ସୃଷ୍ଟି କରିନାହିଁ ବରଂ OTT ପ୍ଲାଟଫର୍ମ Netflixରେ ମଧ ଲଗାତର ଟ୍ରେଣ୍ଡ କରୁଛି।



# ସେଲ୍ ଦ୍ୱାରା ୨୦୨୫-୨୬ ଆର୍ଥିକ ବର୍ଷରେ ଏପ୍ରିଲରୁ ଜାନୁଆରୀ ମଧ୍ୟରେ ସର୍ବକାଳୀନ ରେକର୍ଡ



ରାଉରକେଲା, ୫/୨ (ନି.ପ୍ର): ଦେଶର ସର୍ବବୃହତ ମହାରତ୍ନ ଇସ୍ପାତ ନିର୍ମାତା ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍), ୨୦୨୫-୨୬ ଆର୍ଥିକବର୍ଷରେ ଏପ୍ରିଲ ରୁ ଜାନୁଆରୀ ଅବଧିରେ ମୋଟ ବିକ୍ରୟରେ ୧୬% ବୃଦ୍ଧି କରି ୧୬.୬ ନିୟୁତ ଟନ୍ (ଏମଟି) ହାସଲ କରିଛି, ଯାହା ଗତ ବର୍ଷର ସମାନ ଅବଧିରେ ୧୪.୩ ନିୟୁତ ଟନ ଥିଲା। ଏହା କମ୍ପାନୀ ଦ୍ୱାରା ରେକର୍ଡ କରାଯାଇଥିବା ସର୍ବକାଳୀନ ସର୍ବାଧିକ କ୍ରମାଗତ ବିକ୍ରୟ ଅଟେ। ସେଲ୍ ୨୦୨୬ ଜାନୁଆରୀ ମାସରେ ଏହାର ସର୍ବୋତ୍ତମ ବିକ୍ରୟ ୧.୮୪ ନିୟୁତ ଟନ ପଞ୍ଜୀକୃତ କରିଛି, ଯାହା ପୂର୍ବ ବର୍ଷର ସମାନ ମାସରେ ୧.୬୮ ନିୟୁତ ଟନ ଥିଲା। ଯାହା ୧୦% ରୁ ଅଧିକ ବୃଦ୍ଧିକୁ ପ୍ରତିଫଳିତ କରେ। ଏହାର ଫଳ ସ୍ୱରୂପ ୦.୨୫ର ଇନଭେଣ୍ଟରୀ ହ୍ରାସ ସହ ଋଣ ନେବାରେ ଯଥେଷ୍ଟ ହ୍ରାସ ଘଟିଛି।ଏହି ସମୟ ମଧ୍ୟରେ ରେକର୍ଡ ଭଙ୍ଗ ପ୍ରଦର୍ଶନ ବିକ୍ରୟ, ଚାଲାଣ, ଅର୍ଥ ଆଦାୟ ଏବଂ ଗ୍ରାହକଙ୍କୁ ଡୋର ଟୁ ଡୋର ବିତରଣ ସମେତ ବିଭିନ୍ନ ପରିମାପକତା ଦ୍ୱାରା ବ୍ୟାପ୍ତ। କମ୍ପାନୀ ପ୍ଲାଣ୍ଟଗୁଡ଼ିକରୁ ରେକର୍ଡ ଚାଲାଣ, ଡୋର ଟୁ ଡୋର ବିତରଣର ପରିମାଣ ବୃଦ୍ଧି ଏବଂ ଗୋଦାମ ବିକ୍ରୟ ବୃଦ୍ଧି ହାସଲ କରିଛି, ଯାହା ଗ୍ରାହକ-କୈନ୍ଦ୍ରିକ ଏବଂ ଲଜିଷ୍ଟିକ୍ସ ଦକ୍ଷତା ଉପରେ ଏହାର ଦୃଢ଼ ଧ୍ୟାନକୁ ସ୍ପଷ୍ଟ କରିବା ସହ ବଜାର ପ୍ରବେଶକୁ ଗଭୀର କରୁଛି। ଏହି ସଫଳତା ଗୁଡ଼ିକ ମାର୍କେଟିଂ ଭର୍ଟିକାଲର ପଦକ୍ଷେପ ଦ୍ୱାରା ପରିଚାଳିତ ଗ୍ରାହକ-କୈନ୍ଦ୍ରିକ ରଣନୀତି ସହିତ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ମିଶ୍ରଣ କରିବାରେ ସେଲ୍ ର କ୍ଷମତାକୁ ପ୍ରଦର୍ଶନ କରିଥାଏ। ପୂର୍ବ ରେକର୍ଡଗୁଡ଼ିକୁ ନିରନ୍ତର ଅତିକ୍ରମ କରିବା ଏବଂ ବ୍ୟବସାୟ ଯୋଜନା ଲକ୍ଷ୍ୟ ପୂରଣ କରି, ସେଲ୍ ଭାରତର ଅଭିବୃଦ୍ଧିର କାହାଣୀରେ ଏକ ବିଶ୍ୱସ୍ତ ଅଂଶୀଦାର ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିଚାଲିଛି।

# ଆକାଂକ୍ଷୀ ଜିଲ୍ଲା ନୂଆପଡ଼ାରେ ସମ୍ପୂର୍ଣ୍ଣତା ଅଭିଯାନ ୨ର ଶୁଭାରମ୍ଭ

ନୂଆପଡ଼ା, ୫/୨ (ନି.ପ୍ର): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଆଜି ନୀତି ଆୟୋଗଙ୍କ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ସମ୍ପୂର୍ଣ୍ଣତା ଅଭିଯାନ ୨ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ପରସାଗୁଡ଼ା ସ୍ଥିତ ବହୁମୁଖୀ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦିପ, ଖରିଆର ରୋଡ୍ ଏନ୍ଏସି ଅଧ୍ୟକ୍ଷା ଡା. ସୋନିଆ ଜୈନ, ନୂଆପଡ଼ା ପଂଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଉମା ଠାକୁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଧର ଧରୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ସିଡିଭି ଓ ଡଃ ସୁଖେନ୍ଦୁ ରାୟ, ଜିଲ୍ଲା କୃଷୀ ଅଧିକାରୀ ପ୍ରଦୀପ କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏସ୍. ଗୀତା ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କ୍ଷମାନିଧି ଭୋଇ ଅତିଥିମାନଙ୍କୁ ସ୍ୱାଗତ କରି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧରୁଆ ସମ୍ପୂର୍ଣ୍ଣତା ଅଭିଯାନ ୨ର ଉଦ୍ଦେଶ୍ୟ ଓ ଜିଲ୍ଲାର ସଫଳତା ଉପସ୍ଥାପନ କରିଥିଲେ। ଏହି ଅବସରରେ ସମ୍ପୂର୍ଣ୍ଣତା ଅଭିଯାନ ୨ ଉପରେ ଆଧାରିତ ଏକ ମାର୍ଗଦର୍ଶୀ ପୁସ୍ତିକା ମଧ୍ୟ ଉନ୍ମୋଚନ କରାଯାଇଥିଲା। ଜିଲ୍ଲାପାଳ ଉପସ୍ଥିତ ଅଧିକାରୀ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ଅନ୍ୟାନ୍ୟ ଅଂଶଗ୍ରହଣକାରୀମାନଙ୍କୁ ଅଭିଯାନ ସଫଳତା ପାଇଁ ଶପଥ ପଠାଇଥିଲେ। ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ଜିଲ୍ଲାରେ ମା ଓ ଶିଶୁଙ୍କ ମୃତ୍ୟୁ ହେଉଥିଲେ କିମ୍ବା ଶିଶୁ ପାଠ ପଢୁନଥିଲେ, ସେଠାରେ ସମ୍ପୂର୍ଣ୍ଣତା ନାହିଁ। ଆଜିର ଶିଶୁ ହେଉଛି ଆଗାମୀକାଲିର ନାଗରିକ। ସେମାନଙ୍କ ଯତ୍ନ ନେବା ଆମର ଦାୟିତ୍ୱ। ପଛୁଆ ଅଂଚଳକୁ ମୁଖ୍ୟସ୍ରୋତରେ ଆଣିବାକୁ ପଡ଼ିବ। ତୃଣମୂଳ ସ୍ତରରେ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ନିଷ୍ଠାର ସହ କାମ କରନ୍ତୁ। ମା ଓ ଶିଶୁ ମୃତ୍ୟୁ ମୋଟେ ହେବା ଉଚିତ୍ ନୁହେଁ। ଗତ ମାସରେ ଆମ ଜିଲ୍ଲାରେ ଗୋଟିଏ ମଧ୍ୟ ମା'ର ମୃତ୍ୟୁ ଘଟିନାହିଁ। ସମ୍ପୂର୍ଣ୍ଣତା ଅଭିଯାନ ୨ର ଉଦ୍ଦେଶ୍ୟ ହେଉଛି ସ୍ୱାସ୍ଥ୍ୟ, ପୁଷ୍ଟି, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ, ସାମାଜିକ ବିକାଶ ଓ ଭିତିଭୂମି ସୂଚକାଙ୍କରେ ସମୟସୀମା ମିଶନ ମୋଡରେ ପରିପୂର୍ଣ୍ଣତା ହାସଲ କରିବା। ଗତବର୍ଷର ହାସଲ ହୋଇଥିବା ପ୍ରଗତିକୁ ବଜାୟ ରଖିବା, ସଫଳ ଅଭ୍ୟାସଗୁଡ଼ିକୁ ସଂସ୍ଥାଗତ କରିବା ଏବଂ ଜନସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ତୃଣମୂଳ ସଂଗଠନମାନଙ୍କ ଅଂଶଗ୍ରହଣ ମାଧ୍ୟମରେ ସାମଗ୍ରିକ ଉନ୍ନତି ସୁନିଶ୍ଚିତ କରିବା। ଏହି ଅଭିଯାନ ୧୪ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଅଭିଯାନ ସମୟରେ ବିଭିନ୍ନ ବିଭାଗର ଅଧିକାରୀମାନେ ସମନ୍ୱୟରେ କାର୍ଯ୍ୟକରି ଲୋକଙ୍କୁ ସରକାରୀ ସେବା ଓ ଯୋଜନା ସହିତ ଯୋଡ଼ିବେ। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ସମ୍ପୂର୍ଣ୍ଣତା ଅଭିଯାନ ୧ର ସଫଳ ରୂପାୟନ ପାଇଁ ନୂଆପଡ଼ା ଜିଲ୍ଲା ରାଜ୍ୟ ସ୍ତରରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଏହି ସଫଳତା ଉପରେ ଭିତିକରି ସମ୍ପୂର୍ଣ୍ଣତା ଅଭିଯାନ ୨କୁ ମିଶନ ମୋଡରେ ଆଗକୁ ନେଇ ଆମେ ଏଥର ସ୍ୱର୍ଣ୍ଣ ପଦକ ହାସଲ କରିବା ବୋଲି ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଅନିଲ ଲେଙ୍କା ସଂଯୋଜନା କରିଥିବାବେଳେ ବୋଡ଼େନ ବିଡ଼ିଓ ସୁଶାନ୍ତ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର ବିଭିନ୍ନ ବରିଷ୍ଠ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ, ଲୋକପ୍ରତିନିଧି, ଆଶା ଓ ଅଙ୍ଗନୱାଡ଼ି କର୍ମୀ , ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ଶାରୀରିକ ଚିକିତ୍ସା ଶିବିର ଅନୁଷ୍ଠିତ

ଜୟପୁର, ୫/୨ (ନି.ପ୍ର): ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟର ଶାରିରୀକ ଅକ୍ଷମ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଭିନ୍ନକ୍ଷମ ଶାରିରୀକ ଚିକିତ୍ସା ଶିବିର ଜିଲ୍ଲା ଶିକ୍ଷ ଶିକ୍ଷା ତାଲିମ କେନ୍ଦ୍ର ଜୟପୁର ଠାରେ ଅନୁଷ୍ଠିତ ହୋଇଛି । ଏଥିରେ ଜୟପୁର ବ୍ଲକ୍ ର ୫୦ ଜଣ ଛାତ୍ର ଛାତ୍ରୀ ଯୋଗଦାନ କରି ଶାରିରୀକ ଚିକିତ୍ସା ଲାଭ କରିଥିଲେ। ଉକ୍ତ ଶିବିରକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ଚନ୍ଦନ କୁମାର ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବିଭଗୀୟ ଅଧିକାରୀ ରାଜେନ୍ଦ୍ର ନାରାୟଣ ପାଢି , ବରିଷ୍ଠ ସହାୟକ ଶଶୀଭୂଷଣ ଦାଶ୍ , ବୃହତ ସୁଚନା ସଂଯୋଜିକା ଲିପସା ମୁରଲି ସାହୁ, ତଥ୍ୟ ପ୍ରେରଣା ଚାଳକ ଦିବ୍ୟା ତେଜା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଇନ୍ଦ୍ର ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଡକ୍ଟର ଶ୍ରୀ ବିଭୂଦତ ବଳିଆର ସିଂହ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶାରିରୀକ ଚିକିତ୍ସା କରିଥିବା ବେଳେ ଶ୍ରୀ ସୁରଜ୍ କୁମାର ସହେଲ ସହାୟକ ତାଙ୍କୁ ଶାରିରୀକ ଚିକିତ୍ସା କାର୍ଯ୍ୟରେ ସହାୟତା କରିଥିଲେ, ଶ୍ରୀ ସୁଦର୍ଶନ ସୁନ୍ଦ, ପ୍ରିୟା ପାତ୍ର ଓ ଶୁଭଶ୍ରୀ ପାତ୍ର ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କଳାହାଣ୍ଡିରେ ଜାତୀୟ ଜନଗଣନା – ୨୦୨୭ ପାଇଁ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭବାନୀପାଟଣା , ୫/୨ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲାରେ ଜାତୀୟ ଜନଗଣନା – ୨୦୨୭ର ସଫଳ ରୂପାୟନ ପାଇଁ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା ଏବଂ କଳାହାଣ୍ଡି ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।
ଏହି ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା ପକ୍ଷରୁ ଯୁଗ୍ମ ନିର୍ଦ୍ଦେଶକ ଡଃ. ଅଭୟ ନାରାୟଣ ନାୟକ ଯୋଗଦେଇ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜନଗଣନାର ପ୍ରକ୍ରିୟା, ଡିଜିଟାଲ ଉପକରଣ, ଗୃହତାଲିକା ବ୍ଲକ ଗଠନ ଏବଂ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ । ଏହି ଜନଗଣନା ଭାରତର ୧୬ ତମ ଜନଗଣନା ଏବଂ ସ୍ୱାଧିନତା ପରେ ଅଷ୍ଟମ ଜନଗଣନା ହେବ । ଏହା ଦୁଇଟି ପର୍ଯ୍ୟାୟରେ ସମ୍ପନ୍ନ ହେବ । ପ୍ରଥମ ପର୍ଯ୍ୟାୟରେ ଗୃହତାଲିକା ଓ ଗୃହଗଣନା ସବୁ ୨୦୨୬ ଏପ୍ରିଲ ୧୬ ତାରିଖରୁ ୧୫ ମଇ ପର୍ଯ୍ୟନ୍ତ ହେବ । ଏହା ପୂର୍ବରୁ ଏପ୍ରିଲ ୧ ରୁ ୧୫ ତାରିଖ ମଧ୍ୟରେ ଜନସାଧାରଣଙ୍କ ପାଇଁ ସ୍ୱ-ଗଣନା ସୁବିଧା ଉପଲବ୍ଧ ରହିବ, ଯାହା ମାଧ୍ୟମରେ ନାଗରିକମାନେ ନିଜ ତଥ୍ୟ ଅନଲାଇନ ୱେବସାଇଟ ଜରିଆରେ ପ୍ରଦାନ କରିପାରିବେ । ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀ ୯ ରୁ ୨୮ ପର୍ଯ୍ୟନ୍ତ ହେବ ଏବଂ ୨୦୨୭ ମାର୍ଚ୍ଚ ୧ ରୁ ୫ ମଧ୍ୟରେ ପୁନର୍ବୀକ୍ଷଣ କରାଯିବ । ଏହି ଜନଗଣନା ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପ୍ରଣାଳୀରେ କରାଯିବ । ମୋବାଇଲ ଆପ୍ ମାଧ୍ୟମରେ ଗଣନାକାରୀମାନେ ଘର ଘର ଯାଇ ତଥ୍ୟ ସଂଗ୍ରହ କରିବେ । ଏହା ଦ୍ୱାରା ତଥ୍ୟର ସଠିକତା, ସ୍ୱଚ୍ଛତା ଓ ଦ୍ରୁତ ମନିଟରିଙ୍ଗ ସୁନିଶ୍ଚିତ ହେବ । ଜିଲ୍ଲା ଭାରପ୍ରାପ୍ତ ପରିସଂଖ୍ୟାନ ଅଧିକାରୀ ପାଠକ ତାଲିମ ପ୍ରଦାନରେ ସହଯୋଗ କରିଥିଲେ। ଏହି ସମୀକ୍ଷା ତାଲିମ କାର୍ଯ୍ୟକ୍ରମରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେଶନ) ଅନିମେସ ପ୍ରଧାନ, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଅତିରିକ୍ତ ଉପ ଜିଲ୍ଲାପାଳ ଧର୍ମଗଡ଼ ଅଜୟ ପ୍ରକାଶ ତିର୍କୀ, ଡେପୁଟି କଲେକ୍ଟର (ନିର୍ବାଚନ) ମନୀଷା ଗୁପ୍ତା, ଜିଲ୍ଲାର ସମସ୍ତ ତହସିଲଦାର, ମୁନିସିପାଲିଟି, ଏନ୍.ଏ.ସି. ର ନିର୍ବାହୀ ଅଧିକାରୀ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଥିଲେ । ଜିଲ୍ଲାରେ ୩୬୦୦ ଜଣ ଅଧିକାରୀ, କର୍ମଚାରୀ ଏହି ଜାତୀୟ ଜନଗଣନା କାର୍ଯ୍ୟକ୍ରମରେ ନିୟୋଜିତ ହେବେ, ସେଥିମଧ୍ୟରୁ ୧୯ ଜଣ ଚାର୍ଜ ଅଧିକାରୀ, ୧୯ ଜଣ ଅତିରିକ୍ତ ଚାର୍ଜ ଅଧିକାରୀ ଏବଂ ୨ ଜଣ ଉପଖଣ୍ଡ ଚାର୍ଜ ଅଧିକାରୀ ରହିବେ । ଜିଲ୍ଲା ମୁଖ୍ୟ ଜନଗଣନା ଅଧିକାରୀ ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲା ଜନଗଣନା ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ ଦାୟିତ୍ୱରେ ରହିବେ । ଏହି ଜାତୀୟ ଜନଗଣନା କାର୍ଯ୍ୟକ୍ରମରେ ସମସ୍ତ ସମ୍ପୃକ୍ତ ଅଧିକାରୀ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ କହିଲେ ଯେ, ଜନଗଣନା ଏକ ମହତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମ । ଜିଲ୍ଲା ତଥା ଦେଶରେ ଏହି ସୂଚନା ସବୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଜାତୀୟ ଜନଗଣନା କାର୍ଯ୍ୟକ୍ରମରେ ସଫଳ ରୂପାୟନରେ ସମସ୍ତ ଜଣସାଧାରଣ ସଠିକ ଓ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାରେ ସହଯୋଗ କରିବା ପାଇଁ ଜିଲ୍ଲାପାଳ ଅନୁରୋଧ କରିଥିଲେ । ଏହି ତାଲିମ ଓ ସମୀକ୍ଷା କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ମନୀଷା ଗୁପ୍ତା ପରିଚାଳନା କରିଥିଲେ।

# ଗାଁ ସାଥି ମେଟ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ଦାବିପତ୍ର ପ୍ରଦାନ

କେନ୍ଦୁଝର, ୫/୨ (ନି.ପ୍ର): ଗାଁ ସାଥି ମେଟ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, କେନ୍ଦୁଝର ଜିଲ୍ଲା ଶାଖା ତରଫରୁ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ପ୍ରଶାସକ ଓ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଙ୍କୁ ବୁଧବାର ଦିନ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ମନରେଗା ପ୍ରକଳ୍ପ ଗୁଡିକ ତୁରନ୍ତ ଚାଲୁ କରିବା ଓ ମେଟ ମାନଙ୍କର ବକେୟା ପ୍ରାପ୍ୟ ପ୍ରଦାନ କରିବା ସଂପର୍କରେ ଦାବୀପତ୍ରରେ ଉଲ୍ଲେଖ କରାଯାଇଛି। କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିନରେ ବିଗତ ଅଗଷ୍ଟ ମାସଠାରୁ ଆଜି ପର?ୟ୍ୟନ୍ତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟ ବନ୍ଦ ରହିଛି । ଫଳରେ କେନ୍ଦୁଝର ଜିଲ୍ଲାର ହରି ଚନ୍ଦନପୁର,ବାଂଶପାଳ, ପାଟଣା,ଘଟଗାଁ, ସଦର, ତେଲକୋଇ ଓ ସାହାରପଡା ବ୍ଲକର ଆଦିବାସୀ ଦିନମଜୁରିଆ ଖଟିଖିଆ ଏବଂ ଗାଁ ସାଥି ମେଟମାନଙ୍କ ଜୀବନଜୀବିକା ପ୍ରଭାବିତ ହେବା ସହ ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଫଳ ହେଉଛି । ଜବକାର୍ଡଧାରୀମାନଙ୍କୁ ରୋଜଗାର ନମିଳିବା ହେତୁ ବାହାର ରାଜ୍ୟ ତଥା ଜିଲ୍ଲା ବାହାରକୁ ଦାଦନ ଖଟିବାକୁ ଯାଇ ବହୁ ହଇରାଣ ହରକତ ହେଉଛନ୍ତି । ପୂର୍ବରୁ ଚାଲୁଥିବା ପ୍ରକଳ୍ପ ଗୁଡିକର କାମ ବନ୍ଦ ଥିବାରୁ ଶ୍ରମିକମାନଙ୍କୁ ମଜୁରୀ ମଧ୍ୟ ପ୍ରଦାନ କରାଯାଇନାହିଁ । ଫଳରେ ଅଣକୁଶଳୀ ଶ୍ରମିକମାନେ ଗାଁ ସାଥି ମେଟ ମାନଙ୍କୁ ମଜୁରୀ ପ୍ରଦାନ ନିମନ୍ତେ ବାରମ୍ବାର ତାଗିଦ କରୁଛନ୍ତି । ଏହି ସମସ୍ୟା ଯୋଗୁଁ ଗାଁ ସାଥି ମେଟ ମାନେ ଶ୍ରମିକମାନଙ୍କୁ ମଜୁରୀ ପ୍ରଦାନ କରିନପାରି ଗାଁରେ ଅପଦସ୍ତ ହେବା ସହ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଗତି କରୁଛନ୍ତି । ଉପରୋକ୍ତ ବିଷୟ ଗୁଡିକ ବିଚାର କରି ଯଥାଶୀଘ୍ର ପ୍ରକଳ୍ପ ଗୁଡିକ ଚାଲୁ କରିବାକୁ ଆଦେଶ ପ୍ରଦାନ କରାଗଲେ କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର, ବାଂଶପାଳ, ପାଟଣା, ଘଟଗାଁ, ସଦର,ତେଲକୋଇ ଓ ସାହାରପଡା ବ୍ଲକ ଅଂଚଳର ଜବକାର୍ଡଧାରୀ ଶ୍ରମିକ ଓ କାର୍ଯ୍ୟରେ ନିୟୋଜିତ ସମସ୍ତ ମେଟ ମାନେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଲାଭ ପାଇବା ସହିତ ସରକାରଙ୍କ ଯୋଜନାକୁ ସଫଳ ରୂପାୟନ କରିପାରନ୍ତେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।ଏଥିସହ ଏକ ବୈଠକ ସ୍ଥାନୀୟ ମଣ୍ଡୁଆ ଗ୍ରାମ ପଂଚାୟତ ରେ ଅନୁଷ୍ଠିତ ହୋଇଥିଲା। ଆବାହକ ମନୋଜ କୁମାର ପଟେଲ ଙ୍କ ସଭାପତିତ୍ୱ ରେ ଆୟୋଜିତ ଆଲୋଚନାଚକ୍ର ରେ ବରିଷ୍ଠ ସଦସ୍ୟ ଖଗେଶ୍ୱର ନାଏକ ଜଗବନ୍ଧୁ ସର୍ଦ୍ଦାର ରଞ୍ଜିତା ନାଏକ ଉମ୍ବରୁଧର ଦେହୁରୀ ସୁମିତ୍ରା ଗିରି, ନରେନ୍ଦ୍ର କୁମାର ଦଳେଇ ପ୍ରମୁଖ ମଂଚାସିନ ହୋଇ ସରକାରଙ୍କର ନୂତନ ଚିଠିର ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସରକାରଙ୍କ ନିଷ୍ପତି କୁ ସ୍ୱାଗତ କରିଥିଲେ ।

# ମା' ପାଟଣେଶ୍ୱରୀ ପୁସ୍ତକ ଉନ୍ମୋଚିତ ଓ ପାଟଣେଶ୍ୱରୀ ମହୋତ୍ସବ ୨୦୨୬ ଉଦ୍‌ଯାପିତ

ବଲାଙ୍ଗୀର, ୫/୨ (ନି.ପ୍ର): ଗତ ୧ ତାରିଖରୁ ଚାରି ଦିନ ବ୍ୟାପି ଅନୁଷ୍ଠିତ ପାଟଣେଶ୍ୱରୀ ମହୋତ୍ସବ ୨୦୨୬ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ବଲାଙ୍ଗୀର ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ପାଟଣା ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମା ପାଟଣେଶ୍ୱରୀ ମନ୍ଦିର ବଲାଙ୍ଗୀରରେ ପ୍ରତିଷ୍ଠିତ ହେବାର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ହୋଇଥିଲା। ବୁଧବାର ଉଦ୍‌ଯାପନୀ ସମାରୋହରେ ପାଟଣା ମହାରାଜ ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସୁରକ୍ଷା କମିଟିର କୋଷାଧ୍ୟକ୍ଷ ଭବାନୀ ଶଙ୍କର ଭୋଇ ସମ୍ମାନିତ ଅତିଥି ରୂପେ ମଂଚାସିନ ହୋଇଥିଲେ। କମିଟିର କମିଟିର ସଂପାଦକ ପ୍ରଶାନ୍ତ ମହାକୁର ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭାକୁ ଅର୍ଜୁନ ସାହୁ ପରିଚାଳନା କରିଥିଲେ। ସଭାପତି ଜୟକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମହାରାଜ ସିଂହଦେଓ ପ୍ରଥମେ ମା ପାଟଣେଶ୍ୱରୀଙ୍କ ଦର୍ଶନ କଲା ପରେ ତିନି ଦିନ ବ୍ୟାପି ଚାଲିଥିବା ଯଜ୍ଞରେ ଆହୁତି ପ୍ରଦାନ ପୂର୍ବକ ଯଜ୍ଞର ପୂର୍ଣ୍ଣାହୁତି କରିଥିଲେ। ପରେ ପୃଥ୍ୱୀରାଜ ହାଇସ୍କୁଲ ପରିସରରେ ସ୍ୱର୍ଗତ ପୃଥ୍ୱୀରାଜ ସିଂହଦେଓଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ସଭାରେ ମଂଚାସିନ ଅତିଥିମାନେ ମହୋତ୍ସବର ସ୍ମରଣିକା 'ମା ପାଟଣେଶ୍ୱରୀ' କୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଡ. ସୀମାରାଣୀ ରଥଙ୍କ ରଚିତ ଗବେଷଣା ପୁସ୍ତକ 'ଜ୍ଞାନୋଦୟ ଦ ଡନ୍ ଅଫ ତାନ୍ତ୍ରିକ ୱିଜଡମ୍ ଫ୍ରମ ଓଡିଶା' କୁ ମଧ୍ୟ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ଏହି ଅବସରରେ ମଂଚାସିନ ସମସ୍ତ ଅତିଥି ସମେତ ଚାରି ଦିନ ବ୍ୟାପି କାର୍ଯ୍ୟକ୍ରମରେ ସହଯୋଗ ଥିବା ବ୍ୟକ୍ତି ବିଶେଷ ଓ ସଂଗଠନକୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସ୍ମରଣିକାର ମୁଖ୍ୟ ସଂପାଦକ ଜୟକୁମାର ଆଚାର୍ଯ୍ୟଙ୍କ ସମେତ ସମସ୍ତ ସଂପାଦନା ମଣ୍ଡଳି ସଦସ୍ୟ ଓ ଦେବାଳୟ ସୁରକ୍ଷା କମିଟିର ସଦସ୍ୟ ରିଂଟୁ ସାହୁ, ଶମ୍ଭୁ ଶତପଥୀ, ଅଭିନାଶ ଦିଶ୍ରୀ, ଉକାଲୁ ସା ପ୍ରମୁଖ ଶତାଧିକ ବ୍ୟକ୍ତି ଓ ମାତୃ ସମାଜ ଉପସ୍ଥିତ ଥିଲେ। ସକାଳେ ବିଭିନ୍ନ ଦେବୀ ପୀଠରୁ ଆସିଥିବା ବରୁଆମାନେ ନଗର ଭ୍ରମଣ ପୂର୍ବକ ମା ପାଟଣେଶ୍ୱରୀଙ୍କ ଦର୍ଶନ କରିଥିଲେ। ୮୪ ଘର ଜିଲ୍ଲା ଅଘରିଆ ସମାଜ ପକ୍ଷରୁ ସମସ୍ତଙ୍କ ପାଇଁ ୧୦ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟ ଅତିଥି କନକ ବର୍ଦ୍ଧନ ସିଂଦେଓ ଓ ସମ୍ମାନିତ ଅତିଥି କଳିକେଶ ନାରାୟଣ ସିଂହଦେଓ ତାଙ୍କ ଅଭିଭାଷଣରେ କହିଲେ ଯେ ମାଁ ସମଲେଶ୍ୱରୀ ଚୌହାନ ବଂଶର କୂଳଦେବୀ ହୋଇଥିବା ବେଳେ ମାଁ ପାଟଣେଶ୍ୱରୀ କେଉଁ ଅନାଦିକାଳରୁ ପାଟଣାରାଜ୍ୟର ଅଧିଷ୍ଠାତ୍ରୀ ଦେବୀ। ତେଣୁ କେବଳ ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ସମାରୋହକୁ ସୀମିତ ନ କରି ପ୍ରତି ବର୍ଷ ପାଟଣେଶ୍ୱରୀ ମହୋତ୍ସବ ଆୟୋଜନ କରାଯିବା ଉଚିତ।

# 'ରାଉରକେଲା ପୁସ୍ତକ ମହୋତ୍ସବ' ଉଦ୍ଘାଟିତ

ରାଉରକେଲା, ୫/୨ (ନି.ପ୍ର): ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏବଂ ଭଞ୍ଜ ସାଂସ୍କୃତିକ ନ୍ୟାସ ସହଭାଗିତାରେ ଫେବୃଆରୀ ୩ ତାରିଖ ଦିନ ସେକ୍ଟର- ୫ ସ୍ଥିତ ଭଞ୍ଜ ଭବନରେ ଆୟୋଜିତ ମେଗା ପୁସ୍ତକ ମହୋତ୍ସବ, ଆର ଏସପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମାଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି । ଏହି ଅବସରରେ ଦୀପିକା ମହିଳା ସଂଘତି ଅଧ୍ୟକ୍ଷା ଶ୍ରୀମତୀ ନମ୍ରତା ବର୍ମା, ମାନବ ସମ୍ବଳ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ତରୁଣ ମିଶ୍ର, ଏମଡି–ସି ଏମ ଡି, ର ନିର୍ବାହୀ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି.କେ. ଗିରି, କାର୍ଯ୍ୟ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏମ.ପି. ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୁଦୀପ ପାଲ ଚୌଧୁରୀ, ମହିଳା ସଂଘତି ର ସମସ୍ତ ଉପାଧ୍ୟକ୍ଷା ଶ୍ରୀମତୀ ପ୍ରଭାତୀ ମିଶ୍ର, ଶ୍ରୀମତୀ ସ୍ମିତା ଗିରି, ଡକ୍ଟର (ଶ୍ରୀମତୀ) ପ୍ରତିଜ୍ଞା ପଲାଇ, ଶ୍ରୀମତୀ ରୀତା ରାଣୀ, ଶ୍ରୀମତୀ ବନ୍ଦନା ସିଂହ, ଶ୍ରୀମତୀ ନବନୀତା ପାଲ ଚୌଧୁରୀଙ୍କ ସମେତ ବିତ୍ତ ଏବଂ ଲେଖା ବିଭାଗ ର ସି ଜି ଏମ ଶ୍ରୀ ରାଜେଶ ଦାସଗୁପ୍ତା, ଚିକିତ୍ସା ଏବଂ ସେବା ବିଭାଗ ର ସି ଏମ ଓ ଇନ ଚାର୍ଜ, ଡକ୍ଟର ଜୟନ୍ତ ଆଚାର୍ଯ୍ୟ, ତଥା ଆର ଏସ ପି ର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ବହୁ ସଂଖ୍ୟକ ଦର୍ଶକ ଉପସ୍ଥିତ ଥିଲେ।

ଡିଆଇସି ଶ୍ରୀ ବର୍ମା ଉତ୍ସବର ଉଦଘାଟନ କରିବା ସହିତ ପୁସ୍ତକ ଷ୍ଟଲଗୁଡ଼ିକୁ ପରିଦର୍ଶନ କରିବା ପୂର୍ବରୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ପରିପ୍ରେକ୍ଷୀରେ "ପୁସ୍ତକ ହେଉଛି ସୁନା ଖଣି। ଆପଣ ଯେତେ ଗଭୀର କୁ ଖୋଳିବେ, ଏଥିରୁ ଆପଣ ସେତେ ଅଧିକ ଜ୍ଞାନ ଅର୍ଜନ କରି ପାରିବେ। ଆଜିର ପିଢ଼ି ପୁସ୍ତକ ସହିତ ଅଧିକ ସମୟ ବିତାଇବା ଏବଂ ସେଗୁଡ଼ିକୁ ଆପଣଙ୍କର ଶ୍ରେଷ୍ଠ ବନ୍ଧୁ କରିବା ଉଚିତ" ବୋଲି ଶ୍ରୀ ବର୍ମା କହି ଥିଲେ । ବହୁ ସଂଖ୍ୟକ ଓଡ଼ିଆ ପୁସ୍ତକ ଷ୍ଟଲ ସ୍ଥାନ ପାଇଥିବାରୁ ସେ ନିଜର ଖୁସି ପ୍ରକାଶ କରି କହିଲେ, "ଓଡ଼ିଆ ଭାଷା ସଂସ୍କୃତ ର ନିକଟତମ, ଏବଂ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଯେଭଳି ବିକଶିତ ହୋଇଛି, ଏହାକୁ ପ୍ରୋତ୍ସାହିତ କରିବା ଏବଂ ଲୋକମାନଙ୍କୁ ଓଡ଼ିଆରେ ପଢ଼ିବା ଏବଂ ଲେଖିବା ପାଇଁ ଉତ୍ସାହିତ କରିବା ଏବେ ଆମର ଦାୟିତ୍ୱ।" "ପୁସ୍ତକ ମେଳା ଯୁବ ପିଢ଼ିଙ୍କ ମଧ୍ୟରେ ନିର୍ଭୀକ ଭାବରେ ପଢ଼ିବା ଏବଂ ଲେଖିବା ପାଇଁ ଏକ ଆତ୍ମ ସ୍ପୃହା ଯୋଗାଇବା ଉଚିତ" ସେ ଏହି ବକ୍ତବ୍ୟ ସହ ନିଜର ଅଭିଭାଷଣ ଶେଷ କରିଥିଲେ। ଏହା ସହ ସେ କାର୍ଯ୍ୟକ୍ରମରେ ଉପସ୍ଥିତ ଅନେକ ପୁସ୍ତକ ବିକ୍ରେତା/ ପ୍ରକାଶକଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ପୂର୍ବରୁ, ଭଞ୍ଜ କଳା କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶିତ ସ୍ୱାଗତ ସଙ୍ଗୀତ ର ଏକ ଭାବପୂର୍ଣ୍ଣ ଉପସ୍ଥାପନା ସହିତ କାର୍ଯ୍ୟକ୍ରମ ଆରମ୍ଭ କରଯାଇଥିଲା । ଏହାକୁ ଗୁରୁ ଶ୍ରୀମତୀ ବିଣାପାଣି ରଥ ଏବଂ ସାଥି କଳାକାର ପରିବେଷଣ କରି ଥିଲେ। ଏହାର ଉଦ୍ଘାଟନୀ ସନ୍ଧ୍ୟାରେ ଭଞ୍ଜ କଳା କେନ୍ଦ୍ରର କଳାକାରମାନେ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ମଧ୍ୟ ପରିବେଷଣ କରିଥିଲେ। ଏଥିରେ ଜନ ସମ୍ପର୍କ ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଶଶାଙ୍କ ଶେଖର ପଟ୍ଟନାୟକ, ଉଦଘାଟନୀ ଉତ୍ସବର ପରିଚାଳନା କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟର ଟ୍ରଷ୍ଟିମାନେ ସଂଯୋଜନା କରିଥିଲେ।



ପାଠ୍ୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସମସ୍ତ ବୟସ ଗୋଷ୍ଠୀର ଲୋକଙ୍କ ମଧ୍ୟରେ ସାହିତ୍ୟ, ସଂସ୍କୃତି ଏବଂ ସୃଜନଶୀଳ ଅଭିବ୍ୟକ୍ତିକୁ ପାଳନ କରିବା ଏହି ୧୦ ଦିନିଆ ସାହିତ୍ୟିକ କାର୍ଯ୍ୟକ୍ରମ ର ଲକ୍ଷ୍ୟ ଅଟେ । ଏହି ମହୋତ୍ସବରେ ପ୍ରାୟ ୧୧୪ ଟି ଷ୍ଟଲ୍ ରହିଛି, ଯେଉଁଥିରେ ଦେଶ ସାରାର ପ୍ରମୁଖ ପ୍ରକାଶକ ଏବଂ ପୁସ୍ତକ ବିକ୍ରେତାମାନେ ଅଂଶଗ୍ରହଣ କରିଛନ୍ତି। ଭୁବନେଶ୍ୱର ଏବଂ କଟକର ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥା ବ୍ୟତୀତ, ଦିଲ୍ଲୀ, ମୁମ୍ବାଇ, କୋଲକାତା, ରାୟପୁର, ପୁନେ ଏବଂ ଅନ୍ୟ ବହୁ ପ୍ରମୁଖ ସହରରୁ ମଧ୍ୟ ପ୍ରକାଶକମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ପୁସ୍ତକର ଏକ ସମୃଦ୍ଧ ଏବଂ ବିବିଧ ସଂଗ୍ରହ ପ୍ରଦାନ କରୁଛନ୍ତି। ଏକ ଥିମ୍ ଆଧାରିତ ସେଲ୍ଫି ପଏଣ୍ଟ ପରିଦର୍ଶକମାନଙ୍କ ମଧ୍ୟରେ ବିଶେଷ ଆଗ୍ରହ ସୃଷ୍ଟି କରୁଛି ।
ଏହି ପୁରସ୍ତକ ମହୋତ୍ସବ ଟି ପ୍ରତିଦିନ ଅପରାହ୍ନ ୨ ଘଟିକା ରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଖୋଲା ରହିଥିବା ବେଳେ କେବଳ ରବିବାର ଦିନ ୧୦ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ ।

# ସୁନାପୁର ବେଳାଭୂମି ମହୋତ୍ସବ ଅନୁଷ୍ଠିତ

ଗଞ୍ଜାମ, ୫/୨ (ନି.ପ୍ର): ଗଞ୍ଜାମ ଜିଲ୍ଲାର ସୁନାପୁରଠାରେ ଗତକାଲି ସନ୍ଧ୍ୟାରେ ସୁନାପୁର ବେଳାଭୂମି ମହୋତ୍ସବକୁ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଛନ୍ତି। କେବଳ କଳାସଂସ୍କୃତି ନୁହେଁ, ସ୍ୱାଧୀନତାସଂଗ୍ରାମ ଠାରୁ ଭାଷା ସାହିତ୍ୟ ସଂସ୍କୃତି ଆନ୍ଦୋଳନ ଆଦି ସମସ୍ତ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ଆଗୁଆ ବୋଲିମୁଖ୍ୟ ଅତିଥି ଉଦବୋଧନ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ସବରେ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦିଆନ ସାମନ୍ତରା ସଭାପତିତ୍ୱ କରିଥିଲେ ।ସମ୍ମାନୀତ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ତାଙ୍କ ଅଭିଭାଷଣରେ ଗଞ୍ଜାମ ତଥା ଚିକିଟିବାସୀଙ୍କ ଲୁକାୟିତ ପ୍ରତିଭା ର ପରିପ୍ରକାଶ ତଥା ସ୍ଥାନୀୟ କଳାସଂସ୍କୃତି ର ସମୃଦ୍ଧିପାଇଁ ଏହା ଏକ ପ୍ରକୃଷ୍ଟ ମଂଚ ବୋଲି କହିଥିଲେ।

# ରାଣିପୁଟ ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର, ୫/୨ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ରାଣିପୁଟ ଜଙ୍ଗଲରେ ଆଜି ଅବକାରି ଚଢାଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ପାଇ ଜୟପୁର ଅବକାରି ଥାନା ଚଢାଉ କରିଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୧୪ ଶହ ଲିଟର ପୋଚ ଓ ୧୮୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି ।

# ଦିଲ୍ଲୀ ପବ୍ଲିକ ସ୍କୁଲ ଗ୍ଲୋବାଲର ପୁରସ୍କାର ବିତରଣ ଉତ୍ସବ

## ପରିବାର ଓ ବିଦ୍ୟାଳୟର ମିଳିତ ପ୍ରଚେଷ୍ଟା ହିଁ ଶିଶୁମାନଙ୍କୁ ଶୃଙ୍ଖଳିତ ନାଗରିକ କରି ଗଢି ତୋଳିଥାଏ

ବାରିପଦା , ୫/୨ (ନି.ପ୍ର): ସ୍ଥାନୀୟ ମହୁଲିଆ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ ଗ୍ଲୋବାଲର ଚତୁର୍ଥ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସିଦ୍ଧି - ୨୦୨୬ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ଡ.ପୁଷ୍ପା ପାତ୍ରଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଆତିଥି ଭାବେ ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ.ବନଜା ମହାନ୍ତି, ମୁଖ୍ୟ ବକ୍ତା ଭାବେ ଏମ.ଏସ.ସି.ବି ୟୁନିଭର୍ସିଟିର ପ୍ରାକ୍ତନ ଏନ.ଏସ.ଏସ. ଜିଲ୍ଲା ସଂଯୋଜିକା ଉଷା ଶତପଥୀ, ରାଇରଙ୍ଗପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁନିଲ କୁମାର ଜେନା ସମ୍ମାନୀୟ ଅତିଥି ଭାବରେ ଯୋଗ ଦେଇ ପ୍ରତ୍ୟେକ ବିଦ୍ୟାଳୟ ତାର ଶିକ୍ଷାଦାନ, ଶିକ୍ଷଣ ଓ ପାଠ୍ୟକ୍ରମ ଆଦାନ ପ୍ରଦାନ ପ୍ରକ୍ରିୟାର ଯଥାର୍ଥ ଆକଳନ ନିମନ୍ତେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରିବା ଅପରିହାର୍ଯ୍ୟ ହୋଇଥିବା ବେଳେ, ପରିବାର ଓ ବିଦ୍ୟାଳୟର ମିଳିତ ପ୍ରଚେଷ୍ଟା ହିଁ ଶିଶୁ ମାନଙ୍କୁ ଶୃଙ୍ଖଳିତ ନାଗରିକ କରି ଗଢି ତୋଳିବାର ପ୍ରକୃଷ୍ଟ ଭିତ୍ତି ଭୂମି ବୋଲି କହିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ଜିତେନ୍ଦ୍ର ପାଲ ଅତିଥି ପରିଚୟ ପ୍ରଦାନ କରିବା ପରେ ଅଧ୍ୟକ୍ଷା ସ୍ୱାଗତ ଅଭିଭାଷଣ ରଖିଥିଲେ. ପ୍ରାକ୍ତନ ଅଧ୍ୟକ୍ଷ ସଞ୍ଜୟ କୁମାର ସେନ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବା ବେଳେ, ୨୦୨୫-୨୬ ଶିକ୍ଷା ବର୍ଷରେ ସାମଗ୍ରିକ ଦକ୍ଷତାର ଶ୍ରେଷ୍ଠ ବିବେଚିତ ଚାରିଜଣ ଶିକ୍ଷାର୍ଥୀ ଖୁସଜିତ ମହାନ୍ତ, ଯତିନ୍ଦ୍ର ସିଂହ, ସ୍ୱିଟି ମୁର୍ମୁ ଏବଂ ସୁବାସିନୀ ସେନାପତି ତଥା ଶୈକ୍ଷିକ ଦକ୍ଷତା ନିମନ୍ତେ ନିହାର ରଞ୍ଜନ ଧଳ ଓ ବିଗତ ଶିକ୍ଷାବର୍ଷର ଇଂରାଜି ଓ ଗଣିତ ଆଲମ୍ପିଆଡ ପରୀକ୍ଷାରେ ପ୍ରଥମ ବିବେଚିତ ଛାତ୍ରି ପୂର୍ବଜା ମଣ୍ଡଳଙ୍କୁ ସିଦ୍ଧି -୨୦୨୬ ବିଶେଷ ସମ୍ମାନ ସହ ପଦକ ଦେଇ ସମ୍ମାନିତ କରା ଯାଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶନା ପରିଷଦ ତରଫରୁ ପ୍ରତ୍ୟେକ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ବିଦ୍ୟାଳୟର ପ୍ରଗତି ଦିଗରେ ସେମାନଙ୍କ ସାଧନା ଓ ଏକାଗ୍ରତା ହେତୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ପରିଷଦର ଉପ ସଭାପତି କୁମୁଦିନୀ ଲିମା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଉତ୍ତରପାଳ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବଡ଼ସାହି , ୫/୨ (ନି.ପ୍ର): ବଡ଼ସାହି ବ୍ଲକ ଅଧୀନ ଉତ୍ତରପାଳ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବାଗୁଲି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ଉପଖଣ୍ଡର ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ସ୍ୱତନ୍ତ୍ର ଅତିଥି ବାରିପଦା ଆଇଡିଡିଏର ଅତିରିକ୍ତ ମଙ୍ଗଳ ଅଧିକାରିଣୀ ସୁଶ୍ରୀ ଶୃତିଲିପି ସାହୁ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟାଳୟର ଅତିରିକ୍ତ ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା ଯୋଗଦେଇ ବାର୍ଷିକ ଉତ୍ସବ ଶିକ୍ଷାନୁଷ୍ଠାନ, ଶିକ୍ଷକ/ଶିକ୍ଷୟତ୍ରୀ, ଅଭିଭାବକ ଓ ବିଦ୍ୟାର୍ଥୀଙ୍କ ଅଗ୍ରଗତି, ଖସଡା ଓ ଭୁଲତୃଟି ସୁଧାରିବାର ଦିବସ ବୋଲି କହିଥିଲେ । ସମସ୍ତେ ଏକ ବିନ୍ଦୁରେ ଯୋଡି ହେଲେ ସଫଳତା ପାଦ ଛୁଇଁବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସୁଶ୍ରୀ ବାସନ୍ତୀ ସିଂ, ସିଆରସିସି କାହ୍ନୁଚରଣ ବାରିକ ଓ ଶିକ୍ଷାବିତ୍ ଦେବେନ୍ଦ୍ର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରଧାନ ଶିକ୍ଷୟତ୍ରୀ ସଞ୍ଜୁକ୍ତା ପଣ୍ଡା ବାର୍ଷିକ ବିବରଣୀ ପାଠ, ସହକାରୀ ଶିକ୍ଷୟତ୍ରୀ ମମତା ଦାସ ମଞ୍ଚ ପରିଚାଳନା, ସହକାରୀ ଶିକ୍ଷୟତ୍ରୀ ଅମିତା ସାମଲ ଜଗନ୍ନାଥ ସ୍ତୁତି ପାଠ ଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅତିଥି ଶିକ୍ଷକ ବିଶ୍ୱଭୂଷଣ ବିଶ୍ୱାଳ ଓ ଶିକ୍ଷୟତ୍ରୀ ବୈଜୟନ୍ତୀ ସାହୁ ସମେତ ମେଟ୍ରୋନ ମଞ୍ଜୁଲତା ରାଉତ ଓ ସମସ୍ତ କର୍ମଚାରୀ, ପରିଚାଳନା କମିଟି ସଦସ୍ୟ/ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ୨୫ ତମ ଆନ୍ତର୍ଜାତିକ ନାଟକ ମହୋତ୍ସବର ୪ର୍ଥ ସନ୍ଧ୍ୟା

## ଶ୍ରୀଲଙ୍କାର ସିଂହଳି ଭାଷାର ନାଟକ ଡକ୍ଟର କିଙ୍ଗସ୍ ଲାଷ୍ଟ୍ ନାଇଟ ମଞ୍ଚସ୍ଥ




ପାରାଦ୍ୱୀପ , ୫/୨ (ନି.ପ୍ର): ପାରାଦୀପର ଜୟଦେବ ସଦନ ଠାରେ ଜାତୀୟ ନାଟ୍ୟ ବିଦ୍ୟାଳୟ ଓ କାନମାସ, ପାରାଦୀପର ସହଯୋଗରେ ଆୟୋଜିତ ୨୫ ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ 'ଭାରତ ରଙ୍ଗ ମହୋତ୍ସବର' ୪ର୍ଥ ସନ୍ଧ୍ୟାରେ ଶ୍ରୀଲଙ୍କାର ରେଡ ଉଇଙ୍ଗସ୍ ନାଟ୍ୟ ଅନୁଷ୍ଠାନ ବୁଦ୍ଧିକ ଦମୟନ୍ତଙ୍କ ନିର୍ଦ୍ଦେଶନାରେ ସିଂହଳି ଭାଷାର ନାଟକ ଡକ୍ଟର କିଙ୍ଗସ୍ ଲାଷ୍ଟ ନାଇଟ ମଞ୍ଚସ୍ଥ କରିଥିଲେ । ଏହା ହେଉଛି ୩ ଏପ୍ରିଲ ୧୯୬୮ ଡକ୍ଟର ମାର୍ଟିନ ଲୁଥର କିଙ୍ଗଙ୍କ ହତ୍ୟାର ପୂର୍ବ ରାତି । ତେନେଶିର ଲୋରାନାଇନ ହୋଟେଲରେ ଅବସ୍ଥିତ ଏହି ନାଟକଟି 'ଯଦି ହୁଏ'ର ଜଟିଳ ଏବଂ ସାଧାରଣ ପ୍ରଶ୍ନକୁ ସମାଧାନ କରେ । ଏକ କାଳ୍ପନିକ ନାଟକର ନାଟ୍ୟକାର କଟୋରି ହଲ କଳ୍ପନାମୂଳକ ଭାବରେ ରାଜାଙ୍କ ଅଭିଜ୍ଞତାକୁ ଅନୁସନ୍ଧାନ କରେ ତାଙ୍କ ମୃତ୍ୟୁର ପୂର୍ବ ରାତିରେ । ଏହି ନାଟକ ଦର୍ଶକ ମାନଙ୍କୁ ଏକ ଯାତ୍ରାରେ ନେଇ ଯାଏ ଏବଂ ରାଜାଙ୍କର ମନର ଗଭୀରତାକୁ ଖୋଲେ । ତାଙ୍କର ସ୍ୱପ୍ନ ଏବଂ ଦୁସ୍ୱପ୍ନ, ବିଫଳତା ଏବଂ ସଫଳତା, ଶକ୍ତି ଏବଂ ଦୁର୍ବଳତା ଉଭୟକୁ ପରୀକ୍ଷା କରେ । ହୋଟେଲର ଚାକରାଣୀ କାମାୟେ ରାଜାଙ୍କ ଏକ ଆପ୍ରତିଷ୍ଠିତ ପକ୍ଷ ଆଣିଛନ୍ତି ଯାହା ଦର୍ଶକଙ୍କୁ ନାଗରିକ ଅଧିକାର ଆନ୍ଦୋଳନର ନେତାଙ୍କୁ କେବଳ ଜଣେ ନାୟକ ଭାବରେ ନୁହେଁ, ବରଂ ଜଣେ ଭୁଲ ମଣିଷ ଭାବରେ ଦେଖେ । ଧୀର ଗତିରେ ଚାଲିଥିବା ନାଗରିକ ଅଧିକାର ଆନ୍ଦୋଳନ ବିଷୟରେ ଆଲୋଚନା କରି ରାଜା ଏବଂ କାମାୟ ପରସ୍ପର ସହିତ ସେମାନଙ୍କର ମତାମତ ବାଣ୍ଟି ନିଅନ୍ତି । ଖୁବ୍ ଶୀଘ୍ର କାମାୟ ରାଜାଙ୍କୁ ତାଙ୍କର ଆସନ୍ନ ମୃତ୍ୟୁ ବିଷୟରେ ସତର୍କ କରାଇ ଦିଅନ୍ତି । ତେଣୁ ନେତାଙ୍କୁ ତାଙ୍କ ମୃତ୍ୟୁର ସମ୍ମୁଖୀନ ହେବାକୁ ପଡିବ ଏବଂ ଦୁଃଖର ବିଭିନ୍ନ ପର୍ଯ୍ୟାୟର ସମ୍ମୁଖୀନ ହେବାକୁ ପଡିବ, ଶେଷରେ ଇତିହାସର ଏକ ଅବିଶ୍ୱସନୀୟ ଦୃଶ୍ୟ ପ୍ରଦାନ କରିବାକୁ ପଡିବ । ଭାଷାର ବିଭିନ୍ନତା ସତ୍ତ୍ୱେ ନାଟକର ଆନନ୍ଦ ନେବା ପାଇଁ ଅଧିକ ନାଟ୍ୟପ୍ରେମି ଦର୍ଶକ ଆଜି ଜୟଦେବ ସଦନରେ ଉପସ୍ଥିତ ଥିଲେ ଏବଂ କଳାକାର ମାନେ ସେମାନଙ୍କର ନିଖୁଣ ଅଭିନୟରେ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ । ପାରାଦୀପ ପରି ସହରରେ ବାହାର ଦେଶର କଳାକାର ନାଟକ ମଞ୍ଚନ କରିବା ପ୍ରଥମ ଓ ସେଥିପାଇଁ ଦର୍ଶକ ଜାତୀୟ ନାଟ୍ୟ ବିଦ୍ୟାଳୟ ଓ କାନମାସକୁ ଧନ୍ୟବାଦ୍ ଦେଇଥିଲେ ।

# ଶ୍ୟାମ ସୁନ୍ଦର ଜୀଉ କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାସୁଦେବପୁର, ୫/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ବଛଦା ଗ୍ରାମର ଶ୍ୟାମ ସୁନ୍ଦର ଜୀଉ କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଅନୁପମା ସାମଲ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଜିଲ୍ଲା ପରିଷଦ ସଦସ୍ୟ ଯଦୁନାଥ ନାୟକ, ଅବସର ପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଗଦାଧର ରାଉତ, ସରପଞ୍ଚଙ୍କ ପ୍ରତିନିଧି ରଜନୀକାନ୍ତ ଜେନା, ସ୍କୁଲ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ଭୋଇ, ସ୍କୁଲ କମିଟି ସଭ୍ୟ ଦେବେନ୍ଦ୍ର ବାରିକ୍, ରମାକାନ୍ତ ଭୋଇ, ପ୍ରକାଶ ରାଉତ, ଶରତ କୁମାର ମଲ୍ଲିକ, ବିଦ୍ୟାଧର ଦାସ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ଖୁବ୍ ସୁନ୍ଦର ଓ ମନଛୁଆଁ ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଶିକ୍ଷୟତ୍ରୀ ସାଗରିକା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଶିକ୍ଷକ ରଞ୍ଜନ କୁମାର କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଅନିତା ପଣ୍ଡା, ଦୁଲାରି ମୁର୍ମୁ, ଶେଖ୍ ଖାତିରୁଦ୍ଦିନ, ମିନା କୁମାରୀ ମିଶ୍ର, ସୁଷମା ରାଣୀ ମଲ୍ଲିକ, ସୁକାନ୍ତ କୁମାର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀମା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାଲିଆପାଳ , ୫/୨ (ନି.ପ୍ର): ଆଜି ପୂର୍ବାହ୍ନରେ ଶ୍ରୀମା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ଝାଡେଶ୍ୱର ପ୍ରଧାନ ପୌରହିତ୍ୟ କରି ମାଆର କୋଳ ଛୁଆର ବଳ'ବିଷୟରେ ଆଲୋଚନା କରିଥିଲେ । ଅନ୍ୟ ମାନଂକ ମଧ୍ୟରେ ସର୍ବ ଶ୍ରୀ ମାତୃପ୍ରେମୀ ଲକ୍ଷ୍ମଣ ଭାଇ, କରୁଣା କରଭାଇ, ନରେନ୍ ଭାଇ ରମାନାଥଭାଇ ରାମାଭାଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଯେତେବେଳେ କୌଣସି ଦୁଖ ଆସିବ ସେତେବେଳେ କେବଳ 'ମା' ନାମ ଡାକିଦେଲେ ସବୁ ଦୁଃଖ ଆପେ ଆପେ ଅପସରି ଯିବ ବୋଲି ଆଲୋଚନା କରିଥିଲେ । ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ବିନୋଦ ଭାଇ ଏବଂ ସୃଷ୍ଟି ଭାଇ ଯଥାକ୍ରମେ ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟ କ୍ରମ ରେ ସମସ୍ତ ଅଭିଭାବକ ଅଭିଭାବିକା ତଥା ବିଦ୍ୟାଳୟ ର ଅପା ଭାଇ ସହଯୋଗ କରିଥିଲେ । ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ବିଶ୍ୱ କର୍କଟ ଦିବସ ପାଳିତ

ଉଦଳା, ୫/୨ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ଚୁଳିଆପୋଷି ଓ ସୁନାପାଳ ଗ୍ରାମରେ ଥିବା ହସ୍ତତନ୍ତ କେନ୍ଦ୍ର ପରିସରରେ ଯୁବ ବିକାଶ ଫାଉଣ୍ଡେସନ ଏବଂ ମୌନଧ୍ୱନି ଫାଉଣ୍ଡେସନର ମିଳିତ ଆନୁକୁଲ୍ୟରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଏକ ଆଲୋଚନାଚକ୍ର ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ପର୍ବ ଅନୁଷ୍ଠିତ ହୋଇଥିଲା । ସ୍ୱେଚ୍ଛାସେବି ଗୋବିନ୍ଦ ବଲ୍ଲଭ ଦଳେଇ ଆଲୋଚନାଚକ୍ରକୁ ପରିଚାଳନା କରିବା ସହ କର୍କଟ ରୋଗ ଆଜି କିପରି ସମଗ୍ର ପୃଥିବୀବାସିଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ବ୍ୟକ୍ତ କରିଥିଲେ । ଏହାପରେ ସୁଦୂର ସ୍ୱିଡ଼େନ ଦେଶରେ କାର୍ଯ୍ୟରତ ଡ଼ା.ରବିନାରାୟଣ ଦାଶ ଓ ଡ଼ା.ଅଭିଜିତ ଚୈଧୁରୀ, କର୍କଟ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ତମାଖୁ ସେବନ, ମଦ୍ୟପାନ, ଅସ୍ୱାସ୍ଥ୍ୟକର ଖାଦ୍ୟାଭାସ, ଶାରିରୀକ ବ୍ୟାୟାମର ଅଭାବ କର୍କଟ (କ୍ୟାନସର)ରୋଗର କାରଣ ବୋଲି ଅବଗତ କରାଇଥିଲେ । ଶେଷରେ ବୁଣାକାର ମାନଙ୍କର ସ୍ୱାସ୍ଥ୍ୟ କରୀକ୍ଷା କରାଯାଇଥିଲା । ଆଜିର କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରିୟଦର୍ଶିନୀ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଚମ୍ପାବତୀ ହାଁସଦା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୟର ନୂଆ ଠିକଣା 'ମିଡ୍ ନାଇଟ୍': ୨୫ ପ୍ରେକ୍ଷାଳୟରେ ମୁକ୍ତିଲାଭ

ଭୁବନେଶ୍ୱର , ୫/୨ (ନି.ପ୍ର): ଓଡ଼ିଆ ସିନେମା ଜଗତରେ ହରର୍ ଚଳଚ୍ଚିତ୍ରର ନୂଆ ଡେସ୍ଟିନେସନ ହେଉଛି 'ମିଡ୍ ନାଇଟ୍' । ଦର୍ଶକଙ୍କୁ ଫୁଲ୍ ହରର୍ ଏବଂ ଥ୍ରୀଲର୍ ଅନୁଭୂତି ଦେବା ଉଦ୍ଦେଶ୍ୟରେ ନିର୍ମିତ ଏହି ଚଳଚ୍ଚିତ୍ରର ପ୍ରିମିୟର ଭୁବନେଶ୍ୱର ସ୍ଥିତ ଶ୍ରୀୟା ସିନେପ୍ଲେକ୍ସରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ୨୫ଟି ପ୍ରେକ୍ଷାଳୟରେ 'ମିଡ୍ ନାଇଟ୍'ର ମୁକ୍ତିଲାଭ କରିଥିବା ବେଳେ ଏହା ଓଡ଼ିଆ ଦର୍ଶକଙ୍କୁ ଏକ ନୂଆ ହରର୍ ଅଭିଜ୍ଞତା ଦେବାରେ ସମର୍ଥ ବୋଲି କୁହାଯାଉଛି। ମନୁ ଦ୍ୱିବେଦୀ ଫିଲ୍ମସ୍ ନିବେଦିତ 'ମିଡ୍ ନାଇଟ୍' ଚଳଚ୍ଚିତ୍ରଟିରେ ମନୁ ଦ୍ୱିବେଦୀ ନିଜେ ନିର୍ଦ୍ଦେଶକ ଏବଂ ନାୟକ ଉଭୟ ଭୂମିକାରେ ଦର୍ଶକଙ୍କ ସମ୍ମୁଖକୁ ଆସିଛନ୍ତି । ଚଳଚ୍ଚିତ୍ରରେ ସେ ଦ୍ୱୈତ ଭୂମିକାରେ ବାପା ଓ ପୁଅ ଚରିତ୍ରରେ ଅଭିନୟ କରିଥିବାବେଳେ ତାଙ୍କର ଦମଦାର ପ୍ରଦର୍ଶନ ଦର୍ଶକଙ୍କୁ ଗଭୀର ଭାବେ ଆକୃଷ୍ଟ କରିଛି। ଚଳଚ୍ଚିତ୍ରରେ ମୋଟ ୨ଟି ଗୀତ ରହିଥିବାବେଳେ 'ମାୟାବିନୀ ଏ ଅନ୍ଧାର ରାତି...' ଶୀର୍ଷକ ଗୀତଟି ପୂର୍ବରୁ ହିଁ ଦର୍ଶକଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇପାରିଛି । ଡ. ନିର୍ମଳ ନାୟକଙ୍କ ଲେଖା ଏବଂ ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢୀଙ୍କ ସଂଯୋଜନାରେ ପ୍ରସ୍ତୁତ ଏହି ଗୀତ ଏକ ଆତ୍ମାର ଭୟଙ୍କର କାହାଣୀକୁ ଅତ୍ୟନ୍ତ ପ୍ରଭାବଶାଳୀ ଭାବେ ପ୍ରସ୍ତୁତ କରିଛି । ଏହାସହ ଗୀତକୁ ଓଲିଉଡ଼ର ସବୁଠୁ ଲୋକପ୍ରିୟ ଏବଂ ହଟ୍ ସିଙ୍ଗର ଅସୀମା ପଣ୍ଡାଙ୍କ ସ୍ୱର ବେଶ୍ ଆକର୍ଷକ କରିଛି । ଭୟାନକ ପୃଷ୍ଠଭୂମି ସହ ମେଳ ଖାଉଥିବା ଏହି ଗୀତର ସ୍ୱର ସଂଯୋଜନା ଦର୍ଶକଙ୍କୁ ଲୋମହର୍ଷଣକାରୀ ଅନୁଭୂତି ପ୍ରଦାନ କରୁଛି । ଅମୀୟ କୁମାର ଦ୍ୱିବେଦୀଙ୍କ ପ୍ରଯୋଜନା ଏବଂ ଅନୁପ କୁମାର ଦ୍ୱିବେଦୀଙ୍କ ରଚିତ କାହାଣୀକୁ ଡ଼. ରଜନୀ ରଞ୍ଜନଙ୍କ ସଂଳାପ ଆହୁରି ସଶକ୍ତ କରିଛି । ମନୁ ଦ୍ୱିବେଦୀଙ୍କ ସହ ଏହି ଚଳଚ୍ଚିତ୍ରରେ ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଅକ୍ଷୟ ବସ୍ତିଆ, ବିରେନ ମିଶ୍ର, ଡାଏନା, ଆଲିଆ, ପ୍ରିୟା, ସସ୍ମିତା ଏବଂ ସୁଧାଂଶୁବାଳା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର ସହକାରୀ ନିର୍ଦ୍ଦେଶକ ଭାବେ ସୁରେଶ ଦାସ ଦାୟିତ୍ୱ ସମ୍ପାଦନ କରିଥିବାବେଳେ ସିନେମାଟୋଗ୍ରାଫିରେ ଅଜିତ ଦାସ, ସମ୍ପାଦନାରେ ଚନ୍ଦ୍ରଶେଖର ମିଶ୍ର ଏବଂ କୋରିଓଗ୍ରାଫିରେ ବବି ଇସଲାମ୍ ନିଜ ନିଜ କୌଶଳର ଛାପ ଛାଡ଼ିଛନ୍ତି । କ୍ରିଏଟିଭ୍ ହେଡ୍ ଦାୟିତ୍ୱ ତୁଲାଇଛନ୍ତି ରାହୁଲ ଶତପଥୀ ।ଚଳଚ୍ଚିତ୍ରର ପ୍ରଚାର ମୁଖ୍ୟ ଭାବେ ହରପ୍ରସାଦ ମହାପାତ୍ର ନିଜର ଦାୟିତ୍ୱ ନିର୍ବାହ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରାଜ୍ୟସଭାରେ ଅଶ୍ୱିନୀ...

ଚତୁର୍ଥ ଆସନ ହାତେଇବୁ ବୋଲି କହିଛନ୍ତି । ବୁଲେଇ ବଙ୍କେଇ ୨୦୧୯ ଓ ୨୦୨୪ର ଅଶ୍ୱିନୀ ବୈଷ୍ଣବଙ୍କ ରାଜ୍ୟସଭା କଥା ମନେ ପକାଇ ଦେଇଛନ୍ତି । ସଂଖ୍ୟା ନଥାଇ ବି ସେତେବେଳେ ଦଳ ରାଜ୍ୟସଭା ସିଟ୍ ହାତେଇଥିଲା । ଫେବ୍ରୁଆରି ଶେଷ ସୁଦ୍ଧା ରାଜ୍ୟସଭା ନିର୍ବାଚନ ବିଗୁଲ୍ ବାଜିବ । ଆଉ ରାଜ୍ୟ ରାଜନୀତିରେ ବେଶ୍ ନିର୍ଣ୍ଣାୟକ ହେବ ରାଜ୍ୟସଭା ନିର୍ବାଚନ ।

### 'ଲୋକଙ୍କ ବଜେଟ' ଭାବେ ...

ଷଡ଼ଙ୍ଗୀ, ଏ.କେ. ତ୍ରିପାଠୀ, ଆର,ଏନ୍. ସେନାପତି, ଓଡ଼ିଶା ବ୍ୟବସାୟୀ ମହାସଂଘ, ଓଡ଼ିଶା ଯୁବ ଉଦ୍ୟୋଗୀ ସଂଘ, ଘଏଙ୍ଗ ସଦସ୍ୟ, ଫିନ୍‌ଟେକ୍‌ର ସିଇଓ, ବିଭିନ୍ନ କ୍ଷେତ୍ରର ସମାଜସେବୀ, CREDAI e Vice President, ବରିଷ୍ଠ ରାଜନେତା ସାରଦା ଶତପଥୀ, ସଜ୍ଜନ ଶର୍ମା, ମନୋଜ ମହାପାତ୍ରଙ୍କ ସମେତ ବିଭିନ୍ନ କ୍ଷେତ୍ରର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ଏହି ବୈଠକରେ ଅଂଶଗ୍ରହଣ କରିଥିଲେ।

### ରାଜ୍ୟସଭାରେ ଗର୍ଜିଲେ ପ୍ରଧାନମନ୍ତ୍ରୀ...

କଂଗ୍ରେସ ଭାରତ ଓ ଆମେରିକା ଡିଲ ଉପରେ ପ୍ରଶ୍ନ ଉଠାଉଥିବାରୁ ମୋଦି ବୋଫର୍ସ କଥା କହିଛନ୍ତି। ସେ କହିଛନ୍ତି, "କଂଗ୍ରେସ ପାଇଁ ଡିଲ ହେଉଛି ବୋଫର୍ସ। ଆଜି କାଲେ ବୋଫର୍ସ ପ୍ରସଙ୍ଗ ଉଠିବ ସେଥିପାଇଁ କଂଗ୍ରେସ ସଦସ୍ୟ ଏଠାରୁ ପଳାଇଲେ। ନେହରୁ 'ପ୍ଲାନିଙ୍ଗ କମିଶନ' ଆରମ୍ଭ କରିଥିଲେ। ଆଉ ଇନ୍ଦିରା ଗାନ୍ଧି ଏହାର ଧଜିଆ ଉଡ଼ାଇଲେ। ୨୦୧୪ ଆମ ସରକାର 'ପ୍ଲାନିଙ୍ଗ କମିଶନ' ହଟାଇଲା। 'ପ୍ଲାନିଙ୍ଗ କମିଶନ' ସ୍ଥାନରେ ଆମ ସରକାର ନୀତି ଆୟୋଗ ଆଣିଲେ। ଆଉ ନୀତି ଆୟୋଗ'ର ସୁଫଳ ଆଜି ଦେଶବାସୀ ପାଉଛନ୍ତି। କଂଗ୍ରେସ ଲୋକଙ୍କୁ ଏହା ଆଦୌ ଦୃଶ୍ୟ ହେଉନି।

### କେବେ ହେବ ପୋଲିସ୍ ...

ତଦନ୍ତ ଭାର ଏବେ ସିବିଆଇ ହାତରେ। ଲମ୍ବା ସମୟ ଧରି ତଦନ୍ତ ଚାଲିବା ସମ୍ଭାବନା ଥିବାରୁ ନିଯୁକ୍ତି ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା କରାଯାଉଛି। ଏସଆଇ ପରୀକ୍ଷା ଘୋଟାଲା ପରେ ପରୀକ୍ଷା ପରିଚାଳନା ନେଇ OPRB ପରିବର୍ତ୍ତେ ଓଡ଼ିଶା ୟୁନିଫର୍ମ ସେବା ଆୟୋଗ-**OUSSSC** ଗଠନ କରିଛନ୍ତି ସରକାର। କିନ୍ତୁ ଆୟୋଗର ଏପର୍ଯ୍ୟନ୍ତ ଅଧକ୍ଷ କି ସଦସ୍ୟ ନିଯୁକ୍ତ ହୋଇନି। ପୂର୍ବତନ ମୁଖ୍ୟ ଶାସନ ସଚିବଙ୍କ କହିବା କଥା, ପିଲାଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ ତୁରନ୍ତ ପରୀକ୍ଷା କରାଯାଉ।

### ଫେବୃୟାରୀ ୯ରେ ...

ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

# ଇଗ୍ନୋର ନାମଲେଖା ଏବଂ ପୁନଃ ପଞ୍ଜିକରଣ ଅବଧି ଚଳିତ ଫେବୃଆରୀ ମାସ ୧୫ ତାରିଖକୁ ବୃଦ୍ଧି

ବାରିପଦା, ୫/୨ (ନି.ପ୍ର): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଜାନୁଆରୀ-୨୦୨୬ ଶିକ୍ଷା ସତ୍ର ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଘୋଷଣା କରାଯାଇଛି । ବିଭିନ୍ନ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷ ଏହି ସୁଯୋଗର ଲାଭ ଉଠାଇ ପାରିବେ । ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା କିମ୍ବା ଉଚ୍ଚ ଶିକ୍ଷା ପାଇବାରୁ ବଂଚିତ ହୋଇଥିବା କୌଣସି ବୟସର ବ୍ୟକ୍ତି ବିଶେଷଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର) ପିଜି ଡିପ୍ଲୋମା (ସ୍ନାତକୋତ୍ତର ଡିପ୍ଲୋମା) ଏବଂ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଚଳିତ ଫେବୃଆରି ମାସ ୧୫ ତାରିଖକୁ ବୃଦ୍ଧି କରାଯାଇଛି । ଅଣ୍ଡର ଗ୍ରାଜୁଏଟ (ସ୍ନାତ୍ତକ) ପ୍ରୋଗ୍ରାମ, ଯଥା- କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜିକରଣ ଦେୟ ୫୦% ଛାଡ଼ କରାଯାଇଛି । ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ । ଇଚ୍ଛୁକ ଛାତ୍ରଛାତ୍ରୀ ଇଗ୍ନୋର ୱେବସାଇଟ www. ignou.ac.in ଏବଂ ଏହି ଲିଙ୍କ http//ignouadmission. samarth.edu.in ଅନୁସରଣ କରିପାରିବେ କିମ୍ବା ଆଞ୍ଚଳିକ କେନ୍ଦ୍ର ରାଇରଙ୍ଗପୁର, ମୟୂରଭଞ୍ଜ କୁ ଇ-ମେଲ ମାଧ୍ୟମରେ ଯୋଗାଯୋଗ କରିପାରିବେ । ଏହାସହିତ ସମସ୍ତ ପ୍ରକାର ଯୋଗାଯୋଗ ପାଇଁ ୦୬୭୯୪-୨୨୨୦୯୭ ଦୂରଭାଷ ନମ୍ବରରେ ଯୋଗାଯୋଗ କରିବା ପାଇଁ ଇଗ୍ନୋ ତରଫରୁ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି ।

# ରକ୍ତଦାନ ଶିବିର ଅନୁଷ୍ଠିତ

ଜଳେଶ୍ୱର , ୫/୨ (ନି.ପ୍ର): ବଡ଼ ବଜାର ସ୍ଥିତ ମହୋତ୍ସବ ପଡ଼ିଆ କାର୍ଯ୍ୟାଳୟ ପରିସରରେ ୨ ୨ ବର୍ଷ ଧରି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର କୁ ଉଦଘାଟନ କରିଥିଲେ ବି ଡି ଓ, ଜଳେଶ୍ୱର ଶ୍ରୀ ଯୁକ୍ତ ଗୌରାଙ୍ଗ ଚରଣ ଘୋଷ , ସଭାପତି ସମୀର କୁମାର ପାତ୍ର, ରକ୍ତ ଦାତା ସଂଘ, ଜଳେଶ୍ୱର ଶାଖା ର ସଭାପତି ତଥା ମହୋତ୍ସବ କମିଟି ର ପ୍ରାକ୍ତନ ସଭାପତି ଡ଼ଃ ଅଜିତ କୁମାର ମହାନ୍ତି, ବାଲେଶ୍ୱର ଜିଲ୍ଲା ରକ୍ତ କେନ୍ଦ୍ର ର ଡାକ୍ତର ଦେବ ପ୍ରିୟା ଘୋଷ , ଲକ୍ଷ୍ମୀ ଧର ବାରିକ ତଥା ଅନ୍ୟାନ୍ୟ କର୍ମଚାରୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ସଭାପତି ଦିଲ୍ଲୀପ କୁମାର ଗିରି ପ୍ରାକ୍ତନ ସଭାପତି ସତ୍ୟ ସୁନ୍ଦର ଦାସ, କାର୍ଯ୍ୟ କାରୀ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ,ମହୋତ୍ସବ କମିଟି ର କନଭେନର ତଥା ବରିଷ୍ଠ ଆଇନଜୀବି ସତ୍ୟସୁନ୍ଦର ଦାସ, ସମ୍ପାଦକ ସୁଶାନ୍ତ କୁମାର ଦାସ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ,ପ୍ରାକ୍ତନ ସଭାପତି ଜିତାଶୁ ଶେଖର ନନ୍ଦୀ, ମଧୁସୂଦନ ଦତ୍ତ,ସୁବ୍ରତ ରଣା, ରବିନ୍ଦ୍ରନାଥ ସେନାପତି,ଆଲୋକ ପାତ୍ର,ଦିପୁ ଦାସ,ରାମ ନାରାୟଣ ଦାସ, ଅମିତାଭ ପାତ୍ର,ବଳରାମ ସାହୁ, ଅଭିଜିତ କରଣ, ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ର ସମ୍ପାଦିକାଛାତ୍ର, ଛାତ୍ରୀ ରକ୍ତ ଦାନ କରିଥିଲେ। ମନୋଜ କୁମାର ଦାସ, ଦେବାଶିଷ ଦାସ,ଏସ କେ ଆସରତ୍, ଭବ ଶଙ୍କର ନନ୍ଦୀ, ରିହାନା ସାହା,ସୈାରଭ କୁମାର ଦେ , ପ୍ରଶାନ୍ତ ମହାପାତ୍ର,ସୁମୀ ବାରିକ, ଚନ୍ଦ ନ କୁମାର ମଲ୍ଲିକ, ରଣଜିତ ଗିରି ପ୍ରମୁଖ ଉପସ୍ଥିତ ରକ୍ତ ଦାନ କରିଥିଲେ।

# ବନ୍ଦର ପ୍ରଶାସନ ପକ୍ଷରୁ ୪୦ତମ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ



ପାରାଦୀପ, ୫/୨ (ନି.ପ୍ର): ଗୁରୁବାର ଦିନ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ୪୦ତମ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏହି ପୁଷ୍ପ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ । ଦେଶର ଏକ ଅଗ୍ରଣୀ ସବୁଜ ବନ୍ଦର ପାରାଦୀପ ବନ୍ଦର ସହରକୁ ସବୁଜିମାରେ ଭରୀ ଦେବା ପାଇଁ ବନ୍ଦର କର୍ତ୍ତୃପକ୍ଷ ସବୁବେଳେ କାର୍ଯ୍ୟ କରିଚାଲିଛନ୍ତି । ଗତ ବର୍ଷ ୧୨୬ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ବେଳେ ଚଳିତ ଥର ଏଥିରେ ବୃଦ୍ଧି ପାଇ ୧୫୦ରେ ପହିଂବା ନିଶ୍ଚିତ ଏକ ଶୁଭ ଲକ୍ଷ୍ୟଣ ବୋଲି ବିବେଚନା କରାଯାଉଛି । ବିଭିନ୍ନ କିସମର ଦେଶୀ ଫୁଲ, ଶଙ୍କର ଜାତୀୟ ଫୁଲ ଓ ଫଳର ସମ୍ଭାର ଚଳିତ ଥର ଦେଖିବାକୁ ମିଳିଥିଲା । ଘରୋଇ ଓ ଅନ୍ୟାନ୍ୟ ସ୍ଥାନରେ ଫୁଲ ଗଛ ଲଗାଇଥିବା ବ୍ୟକ୍ତି ବିଶେଷ ଏହି ପ୍ରଦର୍ଶନୀରେ ସାମିଲ ହୋଇଥିଲେ । ପାରାଦୀପ ବନ୍ଦରର ବିଭିନ୍ନ ସ୍ଥାନରେ ୨୪ ଗୋଟି ପାର୍କ ରହିଛି । ଏହାର ରକ୍ଷଣାବେକ୍ଷଣର ଭାର ବନ୍ଦର କର୍ତ୍ତୃପକ୍ଷ ବହନ କରୁଛନ୍ତି । ପାରାଦୀପ ବନ୍ଦରାଂଚଳରେ ଗତ ଚାରି ବର୍ଷରେ ପାଖାପାଖି ୫ଲକ୍ଷ ବୃକ୍ଷରୋପଣ କରାଯାଇଥିବା ନେଇ ଅଧ୍ୟକ୍ଷ ଶ୍ରୀ ହରନାଦ ସୂଚନା ଦେଇଥିଲେ । ଚଳିତ ଜୁନ୍ ମାସରୁ ଜୁଲାଇ ମାସ ମଧ୍ୟରେ ଏକ ଲକ୍ଷ ଚାରାରୋପଣର ଲକ୍ଷ୍ୟ ରଖାଯାଇଛି । ଦେଶର ସମସ୍ତ ବନ୍ଦରମାନଙ୍କୁ ପଛରେ ପକାଇ ପାରାଦୀପ ବନ୍ଦର ଏହି ସବୁଜ ବଳୟ ସୃଷ୍ଟି କରି ପାରିଛି । ଷଣ୍ଢକୁଦଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ରାସ୍ତାକଡରେ ସବୁଜ ବଳୟ ସୃଷ୍ଟି କରି ସମସ୍ତଙ୍କ ଦୃଷ୍ଟିଗୋଚର କରିଚି ପାରାଦୀପ ବନ୍ଦରର କାର୍ଯ୍ୟ । ଶେଷରେ ବିଭିନ୍ନ ବିଭାଗର ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଶ୍ରୀ ହରାନଦ ପୁରସ୍କୃତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଟି.ଭେନୁ ଗୋପାଳ, ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ ଏହି ପ୍ରଦର୍ଶନୀରେ ଉପସ୍ଥିତ ଥିଲେ ।

# ତାତିଲେ ଚାଷୀ ଓ ଲ୍ୟାମ୍ପ କାର୍ଯ୍ୟାଳୟରେ ପକାଇଲେ ତାଲା

ନୀଳଗିରି , ୫/୨ (ନି.ପ୍ର): ନୀଳଗିରି ଉପଖଣ୍ଡ ମାଟିଆଳି ଲ୍ୟାମ୍ପରେ ଧାନକିଣାକୁ ନେଇ ତାତିଲେ ଚାଷୀ ।ଲ୍ୟାମ୍ପରେ ତାଲାପକାଇ ଅଧିକାରୀଙ୍କୁ କାର୍ଯ୍ୟାଳୟ ଭିତରକୁ ଛାଡିଲେନି ।ଧାନକିଣାରେ ଅନିୟମିତତା ଓ ପ୍ରିୟାପ୍ରୀତି ତୋଷଣକୁ ନେଇ ଚାଷୀ ଓ ଅଧିକାରୀଙ୍କ ମଧରେ କଥା କଟାକଟି ଦେଖିବାକୁ ମିଳିଛି । ଅଭିଯୋଗ ଅନୁଯାୟୀ ଛୋଟଛୋଟ ଲ୍ୟାମ୍ପରେ ଧାନକିଣିବାପାଇଁ ମିଲର ସଠିକ୍ ଭାବରେ ଆସି ଧାନକିଣି ବଡବଡ ଟ୍ରକ୍ ମାଧମରେ ଧାନ ନେଇଯାଉଥିବା ବେଳେ ମାଟିଆଳି ପରି ବଡ ଲ୍ୟାମ୍ପକୁ ଗାଡ଼ି ଆସୁନଥିବା ଅସୁବିଧାଦେଖାଇ କତୃପକ୍ଷ ଚାଷୀଙ୍କ ଠାରୁ ଧାନ କିଣୁନଥିବା ବେଳେ ସେମାନଙ୍କର ଟୋକନ୍ ଅବଧି ସରିଆସୁଥିବା ଅଭିଯୋଗ କରିଛନ୍ତି ଉକ୍ତ ଲ୍ୟାମ୍ପ୍ ର ଚାଷୀ ।ଏନେଇ ଗୁରୁବାର ୧୧ସମୟରେ ଚାଷୀମାନେ ଏକତ୍ରିତ ହୋଇ ବରହମପୁର ଲ୍ୟାମ୍ପ କାର୍ଯ୍ୟାଳୟରେ ତାଲାପକାଇ ଦେଇଥିବା ଦେଖିବାକୁ ମିଳିଛି । ଫଳରେ ଲ୍ୟାମ୍ପର ଏମ. ଡି ସୁବଳକିଶୋର ବେହେରା, ଶାଖା ସମ୍ପାଦକ ସମେତ ଅନ୍ୟକର୍ମଚାରୀ ମାନେ ଅଫିସଭିତରକୁ ପ୍ରବେଶ କରିନପାରି ଚାଷୀଙ୍କ ରୋଷର ଶିକାର ହୋଇଥିଲେ । ଅଭିଯୋଗ ଅନୁଯାୟୀ ସଂପୃକ୍ତ ଲ୍ୟାମ୍ପର ଅଧିକାରୀମାନଙ୍କ ପ୍ରିୟାପ୍ରୀତି ତୋଷଣ ପାଇଁ ଉପଯୁକ୍ତ ଟୋକନଧାରି ଚାଷୀ ନିର୍ଦ୍ଦିଷ୍ଟ ସମୟରେ ସେମାନଙ୍କର ଧାନମଣ୍ଡିରେ ବିକି ପାରୁନାହାନ୍ତି । ଫଳରେ ସେମାନଙ୍କର ଟୋକନ୍ ଲ୍ୟାପ୍ସ ମାରିଯିବାର ଆଶଙ୍କା କରିଛନ୍ତି । ଅନ୍ୟପଟେ ଲ୍ୟାମ୍ପର ଏମ.ଡି ଉପରିସ୍ଥ ଅଧିକାରିଙ୍କୁ ଜଣାଇଥିବା କହିଛନ୍ତି ।ପରବର୍ତ୍ତୀ ନିର୍ଦ୍ଦେଶ ଆସିଲେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି ।ଖବରପାଇ ବାଲେଶ୍ୱର ଏସିଏସଓ, ଏ.ଆର,ଏମ. ଆଇ ପ୍ରମୁଖ ଉପରିସ୍ଥ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବାସହିତ ଉପଯୁକ୍ତ ସମୟରେ ଗାଡ଼ିପଠାଇ ସମସ୍ତଚାଷୀଙ୍କ ଠାରୁ ଧାନ କିଣିବାକୁ ପ୍ରତିଶ୍ରୁତି ଦେବାପରେ ତାଲା ଖୋଲାଯାଇଥିଲା ।

# ମନ୍ମଥ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସଂସ୍କରଣ-୩୪ ଉଦ୍‌ଯାପିତ

## ବରୁଣସିଂ ଦଳକୁ ହରାଇ ବାଙ୍ଗରା ଦଳ ଚମ୍ପିୟନ୍




ବାଲେଶ୍ୱର, ୫/୨ (ନି.ପ୍ର): ସଦରବ୍ଲକ ଅଧିନସ୍ଥ ଗେଙ୍ଗୁଟି ଖେଳପଡିଆରେ ଗେଙ୍ଗୁଟି କ୍ରିକେଟ ଏସୋସିଏସନ୍ (ଜି ସି ଏ ) ଆନୁକୁଲ୍ୟରେ ମନ୍ମଥ ଦାଶ ମେମୋରିଆଲ କ୍ରିକେଟ ଟୋର୍ନାମେଣ୍ଟ ସଂସ୍କରଣ ୩୪ ସଙ୍ଗଠନର ସଭାପତି ସାଗର କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଉଦଯାପିତ ହେଇଯାଇଅଛି । ମୁଖ୍ୟ ଅତିଥି ରୂପେ ସରପଞ୍ଚ ମହୋଦୟା ଶ୍ରୀମତୀ ମଞ୍ଜୁଲତା ଆଚାର୍ଯ୍ୟ ଏବଂ ସମ୍ମାନୀତ ଅତିଥିରୂପେ ବରିଷ୍ଠ ସମାଜସେବୀ ଗୋବିନ୍ଦ ଚନ୍ଦ୍ର ରାଉତ, ଯୁବ ସଙ୍ଗଠକ ଶାନ୍ତନୁ ସାମଲ ଆଦି ଯୋଗଦେଇ କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ । ପଡିଆରେ ଖେଳ ପରିଚାଳନା ପାଇଁ ଅମ୍ପାୟାର୍ ଭାବେ, ସବ୍ୟସାଚୀ ଶତପଥୀ ଏବଂକାର୍ତ୍ତିକ ସେଠୀ, ଭାଷ୍ୟକାର ଭବେଶ କୁମାର ମହାନ୍ତି ଏବଂ ବ୍ରଜମୋହନ ରାଉତ, ସ୍କୋରର ବାବୁନ ମହାନ୍ତି ଏବଂ ଲମ୍ବୋଦର ପ୍ରଧାନ, ପିଚ୍ କ୍ୟୁରେଟର ଶ୍ରୀଧର ମହାନ୍ତି ତଥା ଅନ୍ୟ ସହଯୋଗୀମାନଙ୍କ ମଧ୍ୟରେ ଶୁଭ ଚନ୍ଦ୍ରକାନ୍ତ ସେଠୀ, ଗୌରବ ସାମଲ, ସୌରଭ ସାମଲ, ନିକୁ, ରାଜେନ୍ଦ୍ର ଖଣ୍ଡା ଆଦି ଉପସ୍ଥିତରହି ଖେଳକୁ ସୁପରିଚାଳନା ପାଇଁ କାରିବାରେ ସହଯୋଗ କରିଥିଲେ । ମ୍ୟାନ୍ ଓଫ୍ ଦା ମ୍ୟାଚ୍ ଦିନେଶ ମହାନ୍ତି ଏବଂ ମ୍ୟାନ୍ ଓଫ୍ ଦା ସିରିଜ୍ ନୀତୁ ମହାନ୍ତି ଭାବେ ସମ୍ବର୍ଦ୍ଧିତ ହୋଇଥିଲେ ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ , ୫/୨ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ 'କାର୍ଯ୍ୟସ୍ଥଳରେ ମହିଳାଙ୍କର ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩ ସାଳନ୍ଦୀ ଡିଗ୍ରୀ କଲେଜ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଜିଲ୍ଲା ଆଇନସେବା ପ୍ରାଧିକରଣର ଏଏଲଡିଏସ୍ ସହାୟକ, ଡା ତାପସ କୁମାର ମହାନ୍ତି, ପୁରୁଣାବଜାର ଥାନା ଅଧିକାରୀ, ସୁଶାନ୍ତ କୁମାର ସାହୁ , ମହାବିଦ୍ୟାଳୟର ଅଧକ୍ଷା ରାଜଶ୍ରୀ ନାୟକ, ଅନ୍ୟାନ୍ୟ ଅଧାପକ ଲିପିପୁଷ୍ପା ନାୟକ, ଜ୍ୟୋତିଶ୍ରୀ ଖୁଣ୍ଟିଆ ତଥା କଲେଜର ଛାତ୍ରଛାତ୍ରୀ ଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ ଯେ ଆଧୁନିକ ସମାଜରେ ମହିଳାମାନେ ଘରୁ ବାହାରି ସମାଜର ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ତେବେ କାର୍ଯ୍ୟସ୍ଥଳରେ ସେମାନଙ୍କ ସୁରକ୍ଷା ଏକ ପ୍ରମୁଖ ପ୍ରସଙ୍ଗ । କାର୍ଯ୍ୟସ୍ଥଳରେ ମହିଳାମାନଙ୍କୁ ଯୌନ ଉତ୍ପୀଡ଼ନରୁ ରକ୍ଷା କରିବା ଏବଂ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ଯୋଗାଇଦେବା ଉଦ୍ଦେଶ୍ୟରେ ଭାରତ ସରକାର 'କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩ ' (ପୋଶ ଆକ୍ଟ) ପ୍ରଣୟନ କରିଛନ୍ତି । ଏହି ଆଇନ ସରକାରୀ, ବେସରକାରୀ, ସଙ୍ଗଠିତ ଏବଂ ଅସଙ୍ଗଠିତ ସମସ୍ତ କ୍ଷେତ୍ରରେ ପ୍ରଯୁଜ୍ୟ । ଏଥିରେ ଶାରୀରିକ ସମ୍ପର୍କ, ଅଶ୍ଳୀଳ ଇଙ୍ଗିତ, ଅଶ୍ଳୀଳ ଟିପ୍ପଣୀ, ପର୍ଣ୍ଣୋଗ୍ରାଫି ଦେଖାଇବା ଏବଂ ଯୌନ ସମ୍ବନ୍ଧୀୟ କୌଣସି ଅବାଞ୍ଛିତ ବ୍ୟବହାର ଅନ୍ତର୍ଭୁକ୍ତ । ୧୦ କିମ୍ବା ତା'ଠାରୁ ଅଧିକ କର୍ମଚାରୀ ଥିବା ପ୍ରତ୍ୟେକ ପ୍ରତିଷ୍ଠାନରେ ଏକ ଓ ଏକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବା ବାଧ୍ୟତାମୂଳକ । ପୋଶ ଆଇନ କେବଳ ଏକ ଆଇନ ନୁହେଁ, ବରଂ ମହିଳାମାନଙ୍କୁ କାର୍ଯ୍ୟସ୍ଥଳରେ ସମ୍ମାନ ଏବଂ ସୁରକ୍ଷା ଦେବାର ଏକ ମାଧ୍ୟମ । କାର୍ଯ୍ୟସ୍ଥଳରେ ଏହାର ସଠିକ୍ ପାଳନ ମହିଳାମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କର ଅର୍ଥନୈତିକ ଅଂଶଗ୍ରହଣକୁ ବୃଦ୍ଧି କରିବାରେ ସହାୟକ ହେଉଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀ ଗଣ ପରିଚାଳନା ରେ ସହଯୋଗ କରିଥିଲେ ।

# ଡକାୟତ ଯୋଜନା ପଣ୍ଡ ଘଟଣାରେ ଦୁଇ ଯୁବକକୁ କୋର୍ଟ ଚାଲାଣ କଲା ରୂପ୍‌ସା ପୋଲିସ

ବସ୍ତା, ୫/୨ (ନି.ପ୍ର): ଆସନ୍ତାକାଲି ଦିନ ୩ ଟା ସମୟରେ ରୂପସା ଥାନା ଏ ଏସ ଆଇ ବବି ମିଶ୍ର ସଦଳବଳେ ରୂପସା ଷ୍ଟେସନ ବଜାର ଛକରେ ପେଟ୍ରଲିଂ କରୁଥିବା ସମୟ ରେ ତିନି ଜଣ ଯୁବକ ଏକ ଧାରୁଆ ଖଣ୍ଡା ଧରି ଡକାୟତ ଯୋଜନା କରୁଥିବା ଦେଖି ଏ ଏସ ଆଇ ଓ ଅନ୍ୟ ଷ୍ଟାପ ତାଙ୍କୁ କାବୁ କରିବା ସମୟ ରେ ଥାନା ଗାଡ଼ି ଦେଖି ସେଠୁ ଜଣେ ଖସି ପଳାଇ ଥିଲା ଅନ୍ୟ ଦୁଇ ଜଣ ଅତ୍ୟଧିକ ମଦ୍ୟପାନ କରିଥିବା ବେଳେ ଏ ଏସ ଆଇ ଓ ଅନ୍ୟ ଷ୍ଟାପ କ୍ଟୁ ଠେଲାପେଲା କରି ଆଘାତ ଦେଇଥିଲେ ଫଳରେ ଥାନା ର ୪ ଜଣ ଆହତ ହୋଇ ଥିଲେ ମଧ ଦୁଇ ଯୁବକ କୁ କାବୁ କରି ଥାନା କୁ ନେଇ ଆସିଥିଲେ । ଦୁଇ ଯୁବକ ସିଂଲା ଥାନା ଅନ୍ତର୍ଗତ ଇଡିଦା, (କାଳନ୍ଦା)ଗ୍ରାମ ର ରତ୍ନାକର ଦାସ(୨୪) ଅନ୍ୟ ଜଣେ ସେହି ଥାନା ଅନ୍ତର୍ଗତ ପହଣା ଗ୍ରାମ ର ଅନନ୍ତ ରାଉଳ (୨୨) କୁ ଗିରଫ କରିଥିବା ବେଳେ ତାଙ୍କ ନିକଟରୁ ଏକ ଧାରୁଆ ଖଣ୍ଡା , ଗୋଟେ ଷ୍ଟିଲ ରଡ ଓ ଗୋଟେ ନମ୍ବର ବିହୀନ ୟାମା ଏଫ ଜେଡ ଗାଡ଼ି ଜବତ କରିଛି ରୂପସା ପୋଲିସ ।କେସ ନୋ ୨୦/୨୬ ମୂଳେ ଗିରଫ କରି ଅଧିକ ତଦନ୍ତ ଜାରି ରଖିବା ସହିତ ଉକ୍ତ ଯୋଜନା ରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତ ଙ୍କୁ ତଦନ୍ତ କରି ତୁରନ୍ତ ଗିରଫ କରାଯିବ କଥା ରୂପସା ଥାନା ଅଧିକାରୀ ସମ୍ପୌଚିତ ମିଶ୍ର ସୂଚନା ଦେଇଛନ୍ତି ।

# ଆମ ବ୍ୟବସ୍ଥା ଗଣତନ୍ତ୍ର ଶାସନକୁ କରିଛି ଶାଣିତ : ଅମିତା ଦାସ




ଉଦଳା, ୫/୨ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଆଜି ଫେବୃଆରି ୫ ତାରିଖ ଗୁରୁବାର ଦିନ 'ଗଣତନ୍ତ୍ର ପଥରେ ଥିବା ପ୍ରତିବନ୍ଧକ' ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ବିଭାଗୀୟ ମୁଖ୍ୟ ଅଧାପିକା ଅମିତା ଦାସ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ଆମର ସାମ୍ବିଧାନିକ ବ୍ୟବସ୍ଥା ଗଣତନ୍ତ୍ର ଶାସନକୁ କିପରି ଶକ୍ତିଶାଳି କରିଛି ଓ ଆଜି ସମଗ୍ର ବିଶ୍ୱବାସୀଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିପାରିଛି ବ୍ୟକ୍ତ କରିଥିଲେ । ଏହାପରେ ଅଧାପିକା ବୈଶାଖି ନାୟକ ଗଣତନ୍ତ୍ର ଶାସନ ପଥରେ ଥିବା ବିଭିନ୍ନ ସମସ୍ୟା ଗୁଡ଼ିକ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ଭଗବାନ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବିଭିନ୍ନତା ମଧରେ ଏକତା ଓ ସବୁଠାରୁ ବଡ଼ ସମ୍ବିଧାନ ପାଇଁ ଅନ୍ୟ ଦେଶ ମାନଙ୍କରେ ଆମ ଦେଶର ପ୍ରଶଂସା ଶୁଣିବାକୁ ମିଳେ । ଯାହାକୁ ନେଇ ଆମେ ଗର୍ବ ଅନୁଭବ କରୁ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଛାତ୍ରୀ ମନିଷା, ଜସ୍ମିନ, ଭାରତି, ସମବାରି ଓ ଫୁଲମଣି ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ଅନ୍ୟତମ ଅତିଥି ପ୍ରଦୀପ ଦଳେଇ ଆମର ବ୍ୟବସ୍ଥା ପାଇଁ ଆମ ଦେଶରେ ସ୍ୱାଧିନତା ପରଠାରୁ ସାମରିକ ବିଦ୍ରୋହ ଘଟିନାହିଁ କିମ୍ବା ଦେଶକୁ ଏକଛତ୍ରବାଦ ଶାସନ ଡ଼ାକିଆଣିନାହିଁ । ପୃଥିବୀର ସର୍ବବୃହତମ ଗଣତନ୍ତ୍ର ଦେଶ ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଛି ବୋଲି ବ୍ୟକ୍ତ କରିଥିଲେ । ଅଧାପକ ବିବେକାନନ୍ଦ ଦାଶବାବୁ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏନଏସଏସ ଶୀତକାଳୀନ ଶିବିର ଉଦ୍‌ଯାପିତ




ବାଲେଶ୍ୱର, ୫/୨ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଜାତୀୟ ସେବା ଯୋଜନା (ଏନଏସଏସ)ର ଶୀତକାଳୀନ ଶିବିର ସଫଳତାର ସହ ସମାପ୍ତ ହୋଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏହି ସପ୍ତାହବ୍ୟାପୀ ଶିବିର ୨୬ ଜାନୁଆରୀ ୨୦୨୬ ଠାରୁ ଆରମ୍ଭ ହୋଇଥିଲା । ଏହି ଶିବିର ବିଶ୍ୱବିଦ୍ୟାଳୟରେ ଆୟୋଜିତ ୩୯ତମ ଏଆଇୟୁ ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ ସହ ସମନ୍ୱୟରେ ଆରମ୍ଭ ହୋଇଥିଲା । ଶିବିରର ଉଦ୍‌ଯାପନୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଭାସ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜିଲ୍ଲା ଏନଏସଏସ ନୋଡାଲ ଅଧିକାରୀ ତଥା ସହାୟକ ଅଧାପିକା ପ୍ରତିମା ପ୍ରଧାନ ଏବଂ ବିଶ୍ୱବିଦ୍ୟାଳୟ ଏନଏସଏସ ବିଭାଗର ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଉପସ୍ଥିତ ରହିଥିଲେ । ଅତିଥିମାନେ ଏନଏସଏସର ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ନିଷ୍ଠାପୂର୍ଣ୍ଣ ସେବା ନିମନ୍ତେ ପ୍ରମାଣପତ୍ର ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସରେ ଆୟୋଜିତ ଏହି ଶିବିରରେ ପ୍ରାୟ ୧୧୫ ଜଣ ଏନଏସଏସ ସ୍ୱେଚ୍ଛାସେବୀମାନେ ଯୁବ ମହୋତ୍ସବର ସୁଚାରୁ ପରିଚାଳନାରେ ସକ୍ରିୟ ଭୂମିକା ନେଇଥିଲେ । ଚାରିଟି ରାଜ୍ୟର ୨୦ଟି ବିଶ୍ୱବିଦ୍ୟାଳୟର ପ୍ରାୟ ୮୦୦ ଜଣ ଅଂଶଗ୍ରହଣକାରୀଙ୍କୁ ସେମାନେ ନିରବିଚ୍ଛିନ୍ନ ଭାବେ ବିଭିନ୍ନ ସହାୟତା ଯୋଗାଇଥିଲେ । ଶିବିର ସମୟରେ ଏନଏସଏସ ସ୍ୱେଚ୍ଛାସେବୀମାନେ ଅତିଥି ସ୍ୱାଗତ, ପଞ୍ଜୀକରଣ, ରହଣୀ-ବସଣୀ, ଖାଦ୍ୟ ବ୍ୟବସ୍ଥା, ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ସୁରକ୍ଷା ସହାୟତା ଭଳି କାମରେ ପ୍ରଶଂସନୀୟ ସେବା ଯୋଗାଇ ଦେଇଥିଲେ । ସେମାନଙ୍କର ସହଯୋଗରେ ଯୁବ ମହୋତ୍ସବ ସୁସଂଗଠିତ ଏବଂ ସୁରକ୍ଷିତ ଭାବେ ସମ୍ପନ୍ନ ହୋଇଥିଲା । ଶିବିର ସମାପନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ୱେଚ୍ଛାସେବୀମାନଙ୍କର ନିଷ୍ଠା, ଶୃଙ୍ଖଳା ଏବଂ ସେବାମନୋଭାବକୁ ପ୍ରଶଂସା କରିଥିଲେ । ଏହି ଏନଏସଏସ ଶୀତକାଳୀନ ଶିବିର ମାଧ୍ୟମରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ସାମାଜିକ ଦାୟିତ୍ୱ ଓ ଯୁବ ବିକାଶ ପ୍ରତି ନିଜର ଦାୟିତ୍ୱବୋଧକୁ ପୁନର୍ବାର ପ୍ରମାଣିତ କରିପାରିଛି ।

# ଉଦ୍‌ଯାପିତ ହେଲା ଆଦିବାସୀ ମେଳା

ଭୁବନେଶ୍ୱର, ୫/୨ (ନି.ପ୍ର): ଉଦଯାପିତ ହୋଇଛି ରାଜ୍ୟସ୍ତରୀୟ ଆଦିବାସୀ ମେଳା ୨୦୨୬ । ଭୁବେନଶ୍ୱରର ୟୁନିଟ-୧ସ୍ଥିତ ଆଦିବାସୀ ପଡ଼ିଆଠାରେ ଗତ ୧୧ ଦିନ ଧରି ଚାଲିଥିବା ମେଳା ସଫଳତାର ସହ ଶେଷ ହୋଇଛି । ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ, ଅନୁସୂଚିତ ଜନଜାତି କଲ୍ୟାଣ ଏବଂ ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ ବିଭାଗ ନିତ୍ୟାନନ୍ଦ ଗଣ୍ଡ ମେଳାର ସଫଳତା ବିଷୟରେ ସୂଚନା ଦେଇଛନ୍ତି । ଉଦଯାପନୀ ସମାରୋହରରେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବା.ପରମେଶ୍ୱରନ୍, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଶ୍ରୀ ପ୍ରେମଜିତ୍ ନାୟକ, ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାର ମୀନା, ବିଲ ପରାମର୍ଶଦାତା ଶ୍ରୀମତୀ ବନିତା ଦାଶ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ସୁଜାତା ମିଶ୍ର, ଅତିରିକ୍ତ ଶାସନ ସଚିବ ଶ୍ରୀ ଦେବେନ୍ଦ୍ର ନନ୍ଦପ୍ରମୁଖ ଉପସ୍ଥିତ ଥିଲେ ।

# ୩୨ ବେଶ ଉପଲକ୍ଷେ କଳସ ଶୋଭାଯାତ୍ରା

ବସ୍ତା , ୫/୨ (ନି.ପ୍ର): ଚଳିତ ବର୍ଷ ରୂପସା ମହୋତ୍ସବ କମିଟି ପକ୍ଷରୁ ଜଗନ୍ନାଥଙ୍କ ୩୨ ବେଶ୍ ୨ୟ ବର୍ଷ ରେ ପଦାର୍ପଣ କରିଛି । ଆଜି ଜଗନ୍ନାଥଙ୍କ ୩୨ ବେଶ୍ ଉପଲକ୍ଷେ ପ୍ରଭୁଙ୍କ କୃପା କରୁଣା ଲାଭ ପାଇଁ ଶତାଧିକ ମହିଳା ଓ ପୁରୁଷ ଆଙ୍କ ପଦ୍ମକିଶୋର ପୋଖରୀରୁ ଜଳ ଆଣି ଖୋଳ ସଙ୍କୀର୍ତ୍ତନ ର ତାଳେ ତାଳେ ପୋଡାଡିହା ନିକଟ ଠାକୁର ଙ୍କ ବେଶ ପର୍ଯ୍ୟନ୍ତ କଳସ ଶୋଭା ଯାତ୍ରା ରେ ଭାଗ ନେଇଥିଲେ । ପରେ ଠାକୁରଙ୍କ ନିକଟରେ ସଂକଳ୍ପ ଓ ପୁଷ୍ପାଞ୍ଜଳି ଦେଇ କମିଟି ପକ୍ଷରୁ ହୋଇଥବା ପ୍ରସାଦ ସେବନ କରିଥିଲେ । ରୂପସା ଥାନା ଓ କମିଟି ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା

# ଫ୍ଲୋରାଇଡ ମୁକ୍ତ ଶୁଦ୍ଧ ପାଣି ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ




ବାଲେଶ୍ୱର, ୫/୨ (ନି.ପ୍ର): ଗୁରୁବାର ସକାଳ ୧୦ ଘଟିକାରେ ରେମୁଣାର ବାହାର୍ଦା ନୋଡାଲ ସ୍କୁଲ ପରିସରରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ସମର୍ପିତ କରି ଉଦଘାଟକ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ କରକମଳରେ ଫ୍ଲୋରାଇଡ ମୁକ୍ତ ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଉଦଘାଟନ ହୋଇଯାଇଛି । ଶକୁନ୍ତଳା ରୁମାଟୋଲୋଜି ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ, ସହଦେବଖୁଣ୍ଟା ଓ ଇଣ୍ଡୋ-ସୁଇଡିଶ୍ ରୁମାଟୋଲୋଜି ଫାଉଣ୍ଡେସନ ଓ ସୁଇଡେନର ଏଚ.ଭି.ଆର. ର ମିଳିତ ସହଯୋଗରେ ସ୍ଥାପିତ ଉକ୍ତ ପ୍ରକଳ୍ପର ଶୁଭ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିସିଆସିସି ର ସଭାପତି ସଞ୍ଜୟ କୁମାର ଦାସ ଯୋଗଦେଇ ପ୍ରୟାସକୁ ପ୍ରଶଂସା କରିବା ସହ ସହଯୋଗର ହାତ ବଢ଼େଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଇର୍ସାଦ ଉଲ୍ଲା ଖାନ୍, ଏଚ. ଭି. ଆୟ. ର ପ୍ରକଳ୍ପ ଅଧିକାରୀ ଯୋଗ ଦେଇ ଥିବା ବେଳେ ବବୁଲୀ ବାନାର୍ଜୀ, ଟେକନିସିଆନ ଯୋଗ ଦେଇ ପ୍ରକଳ୍ପକୁ ଆଗେଇ ନେବା ପାଇଁ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ । ଶକୁନ୍ତଳା ରୁମାଟୋଲୋଜି ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ମୁଖ୍ୟ ଡା ରବିନାରାୟଣ ଦାଶ ସରଳ ଓ ସୁନ୍ଦର ଭାବେ ଆଭିମୁଖ୍ୟ ରଖିଥିବା ବେଳେ ସ୍ଥାନୀୟ ସରପଞ୍ଚ ବିଦ୍ୟାସ୍ମିତା ମହାଳିକ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଶିକ୍ଷୀ କେଶୁ ଦାସ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ପ୍ରକଳ୍ପକୁ ସଫଳ କରେଇବାରେ ପ୍ରମୁଖ ଦାୟିତ୍ୱ ବହନ କରିଥିବା ଇଂ ସୌରଭ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ସ୍ଥାନୀୟ ଗ୍ରାମବାସୀ, ରୋଟାରୀ କ୍ଲବ ଅଫ ବାଲେଶ୍ୱର ସଭାପତି ଦେବାଶିଷ ଦାସ ଓ ସଦସ୍ୟ ସଦସ୍ୟା, ନୋସିର କାର୍ଯ୍ୟକାରୀ ନିର୍ଦ୍ଦେଶକ କମଳାକାନ୍ତ ମୁଦୁଲି, ଟିପିଓଏନଏଲ ର ଏଚ ଆର ରଞ୍ଜନ ଶର୍ମା, ବଣ ଧୂଳିର ଫୁଲର ଅଧକ୍ଷ ବିଜୟ କୁମାର ଆଚାର୍ଯ୍ୟ, ଆରଡିଏଫର ମୁଖ୍ୟ ହରିଶ୍ଚନ୍ଦ୍ର ରାଜ, ପ୍ରଭାକର ଦାସ, ଗଦାଧର ପ୍ରଧାନ ପ୍ରମୁଖ ବହୁ ସମାଜସେବୀ ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇ ଥିଲେ ।

# ଜିଲ୍ଲା ସ୍ତରୀୟ ବିଶ୍ୱ କର୍କଟ ଦିବସ ପାଳିତ: କର୍କଟ ରୋଗରୁ ମୁକ୍ତି ପାଇଁ ସଚେତନତା ଓ ସଂଯମତା ଜରୁରୀ: ଡାକ୍ତର ରାୟ

ଖୋର୍ଦ୍ଧା , ୫/୨ (ନି.ପ୍ର): କ୍ୟାନ୍ସର ବା କର୍କଟ ଏକ ଭୟାଭୟ ରୋଗ ଯାହା ହସ ଖୁସିର ପରିବାରକୁ ଉଜାଡି ଦେଇଥାଏ । ଯେଉଁ ମାନେ ନିକୋଟିନ ବହୁଳ ପ୍ରଚୁର ମଦ୍ୟପାନ କରନ୍ତି, ଗୁଟକା, ଖଇନି, ତମାଖୁ ପ୍ରଚୁର ମାତ୍ରାରେ ସେବନ କରନ୍ତି ସେମାନେ ଏହି କ୍ୟାନ୍ସର ଭଳି ମରଣ ଯୁକ୍ତ ରୋଗରେ ଆକ୍ରାନ୍ତ ହୁଅନ୍ତି । କେତେକ କ୍ଷେତ୍ରରେ ଏହା ଖାଦ୍ୟ ପେୟରେ ନିୟନ୍ତ୍ରଣ ନରଖିବା, ଶାରୀରିକ ପରିଶ୍ରମ ନକରିବା ଏବଂ ଦୂଷିତ ବାୟୁ ସେବନ ଦ୍ୱାରା କର୍କଟ ରୋଗ ର ମାତ୍ରା ବଢ଼ିଥାଏ । ମୁଖ ଗହ୍ୱର କ୍ୟାନ୍ସର ପୁରୁଷ ଠାରେ ଓ ସ୍ତନ ଏବଂ ସର୍ଭିକ୍ସ କ୍ୟାନ୍ସର ମହିଳାଙ୍କ କ୍ଷେତ୍ରରେ ବଢ଼ି ଚାଲିଛି । ଏଣୁ ସୁସ୍ଥ ଜୀବନ, ସୁସ୍ଥ ସମାଜ ଓ କର୍କଟ ମୁକ୍ତ ପରିବାର ବଜାୟ ରଖିବାକୁ ହେଲେ ନିଶା ଦ୍ରବ୍ୟର ମାରାତ୍ମକ ପରିଣାମ ଉପରେ ସଚେତନତା ହେବା ଓ ବର୍ଜନ କରିବା ଏବଂ ଖାଦ୍ୟ ପେୟରେ ସଂଯମତା ରଖି ପାରିଲେ ବିଶ୍ୱରୁ କର୍କଟ ମୁକ୍ତ କରିପାରିବା ବୋଲି ଉତ୍ଥାପନ କରି ପ୍ରତ୍ୟେକ କ୍ଷେତ୍ରରେ ବ୍ୟାପକ ସଚେତନତା ଓ ସଂଯମତା ର ଜାଗରଣ କରାଇବା ଦିଗରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ନିଜ କାର୍ଯ୍ୟାଳୟ ତାଲିମ ଗୃହ ପ୍ରକୋଷ୍ଠରେ ବିଶ୍ୱ କର୍କଟ ଦିବସ ପାଳନ ରେ ଯୋଗଦେଇ ଆହ୍ୱାନ ଦେଇଛନ୍ତି କ୍ଷ ଦିବସ ପାଳନରେ ଏ ଡି ପି ଏଚ ଓ, ମେଡିକାଲ, ଡାକ୍ତର ଶ୍ୟାମା ପ୍ରସନ୍ନ ମିତ୍ର, ଏ ଡି ପି ଏଚ ଓ, ପରିବାର କଲ୍ୟାଣ, କୁଷ୍ଠ ରୋଗ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ, ଭେଷଜ ଅଧିକାରୀ ଡାକ୍ତର ବିଶ୍ୱନାଥ ପାଢ଼ୀ, ସହକାରୀ ପରିଚାଳକ (ଅଣ ସଂକ୍ରମକ ରୋଗ), ସହାୟକ ଜନସ୍ୱାସ୍ଥ୍ୟ ଓ ସଂଚାରଣ ଅଧିକାରୀ, ନର୍ସିଂ ଛାତ୍ରଛାତ୍ରୀ, ଆଶା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି କର୍କଟ ରୋଗର କାରଣ ଓ ନିରାକରଣ ଦିଗରେ ମତବ୍ୟକ୍ତ କରିଥିଲେ । ସମ୍ମିଳିତ ସହଯୋଗରେ କିପରି କର୍କଟ ରୋଗ ନିୟନ୍ତ୍ରଣ କରିପାରିବା, ବ୍ୟକ୍ତିଗତ, ସାମାଜିକ, ମାନସିକ ତଥା ଅର୍ଥ ନୈତିକ କ୍ଷେତ୍ରରେ ସମସ୍ତେ ସଜାଗ ରହିଲେ ଏହି ଭୟାନକ କର୍କଟ ରୋଗକୁ ପ୍ରତିହତ କରିବା ସରଳ ହେବ ବୋଲି ବୈଠକରେ ଅଭିମତ ପ୍ରକାଶ ପାଇଥିଲା । ଦିବସ ଉପଲକ୍ଷେ ଜଟଣୀ ଓ ବାଲୁଗାଁ ବ୍ଲକ୍ ର ଦୁଇଜଣ କ୍ୟାନ୍ସର ରୋଗରୁ ଆରୋଗ୍ୟ ହୋଇଥିବା ବ୍ୟକ୍ତିଙ୍କୁ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଦେଶରେ ସହାୟକ ଜନସ୍ୱାସ୍ଥ୍ୟ ସଞ୍ଚାରଣ ଅଧିକାରୀ ଧନ୍ୟବାଦ ପ୍ରଦାନ କରିଥିଲେ । ଦିବସରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida